# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଅକ୍ଟୋବର ୭ /୨୦୧୯ (୧୬ ପୃଷ୍ଠା) | Rayagada, Monday, October 7 / 2019 ★

୯ମ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






## ପୂଜାରେ ଢୋଲ ବଜାଇଲେ ନୁସ୍‌ରତ


ଟିଏମ୍‌ସି ଏମ୍‌ପି ନୁସ୍‌ରତ ଜହାଁ ରବିବାର ମହାଷ୍ଟମୀ ଅବସରରେ କୋଲକାତାର ଏକ ପେଣ୍ଡାଲରେ ଢୋଲ ବଜାଇ ଦୁର୍ଗାପୂଜା ପାଳନ କରିଛନ୍ତି।

୧୧

୧୪

## ପ୍ରଥମ ଟେଷ୍ଟରେ ଭାରତ ବିଜୟୀ

ମହମ୍ମଦ ସାମିଙ୍କ ୫ ଉଇକେଟ ସଫଳତା ବଳରେ ଭାରତ ବିଶାଖାପାଟଣାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାକୁ ୨୦୩ ରନରେ ପରାସ୍ତ କରିଛି।



### ଆଜିର ସମ୍ପାଦକୀୟ

## 'ବିକାଶ' ଲାଗି ଜିଦି


### ଆଜିର ମନ୍ତବ୍ୟ


"ମୋଦି ସରକାରଙ୍କ ବିପକ୍ଷରେ ବିରୋଧୀଙ୍କ ପାଖରେ ପ୍ରସଙ୍ଗ ନ ଥିବାରୁ ସେମାନେ ଦେବାଳିଆ ହୋଇଯାଇଛନ୍ତି।

–ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ







Vencobb FRESH CHICKEN — Taste the difference!

06.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Issued in the Interest of Consumers


# ଧରାପୃଷ୍ଠରେ ମହାମାୟୀ



ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ରବିବାର ଅନୁଷ୍ଠିତ ସୁନାବେଶ ।

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଅନ୍ୟାୟ ଓ ଅତ୍ୟାଚାରକୁ ନାଶ କରିବା ପାଇଁ ଧରାବତରଣ କରିଛନ୍ତି ମା' ମହିଷା ମର୍ଦ୍ଦିନୀ। ମହାମାୟୀଙ୍କ ଆରାଧନାର ମନ୍ତ୍ରପାଠ ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ସୋମବାର ମଣ୍ଡପଗୁଡ଼ିକରେ ମା'ଙ୍କ ମହାନବମୀ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ସହରୀ ପୂଜା ପରିବେଶ ମନ ଛୁଉଁଛି। ମହଣ ମହଣ ସୁନା, ଚାନ୍ଦି ଅଳଙ୍କାରରେ ସଜେଇହୋଇ ମା' ଝଟକୁଛନ୍ତି। କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ, ରାଉରକେଲାରୁ ବାରିପଦା ପର୍ଯ୍ୟନ୍ତ ଆକାଶଚୁମ୍ବୀ ତୋରଣ, ଆଖି ଝଲସାଇଦେଲା ଭଳି ଡିଜାଇନ୍, ପରିବେଶ ଉପଯୋଗୀ ଥିମ୍ ପେଣ୍ଡାଲ ଓ କିଛି ଭିନ୍ନ କରିବାର ନିଶା ଚଳିତବର୍ଷ ଓଡ଼ିଶା ଦୁର୍ଗାପୂଜାକୁ ଲୋକପ୍ରିୟ କରାଇଛି। କେବଳ କଟକରେ ଏଥର ୧୬୭ଟି ପୂଜା ପେଣ୍ଡାଲ ହୋଇଥିବାବେଳେ ସେଥିରୁ ୨୭ଟି ଚାନ୍ଦିମେଢ଼ ରହିଛି। ୭ଟି ମଣ୍ଡପରେ ମା' ସୁନାମୁକୁଟ ପରିଧାନ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୭୧ଟି ଛୋଟବଡ଼ ପେଣ୍ଡାଲ ଦେଖିବାକୁ ମିଳୁଛି। ସେହିପରି ରାଉରକେଲା ସହରରେ ୧୦୪, ବାଲେଶ୍ୱର ସହରରେ ୭୨, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୨, ବ୍ରହ୍ମପୁରରେ ୪୪, ବାରିପଦାରେ ୨୬, ଭଦ୍ରକ ସହରରେ ୨୦, ଅନୁଗୋଳରେ ୧୧, ଜୟପୁରରେ ୧୦, ରାୟଗଡ଼ାରେ ୬, ଢେଙ୍କାନାଳରେ ୫ଟି ପେଣ୍ଡାଲ ତିଆରି ହୋଇଛି।

### ଆଜି ମହାନବମୀ

ମହାସପ୍ତମୀରେ ମା'ଙ୍କୁ ଚକ୍ଷୁଦାନ, ଜୀବନ୍ୟାଶ ନୀତି ପରେ ରବିବାର ଅନୁଷ୍ଠିତ ହୋଇଯାଇଛି ମା'ଙ୍କ ମହାଷ୍ଟମୀ ତଥା ଦୁର୍ଗାଷ୍ଟମୀ ପୂଜା। ମହାଷ୍ଟମୀ ପୂଜାର ନୀତି ଅନୁସାରେ ମା'ଙ୍କ ମହାସ୍ନାନ ନୀତି ପରେ ଷୋଡଶ ଉପଚାର ପୂଜା କରାଯାଇଥିଲା। ଏହି ଅବସରରେ କେତେକ ସ୍ଥାନରେ କୁମାରୀ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହାଷ୍ଟମୀ ବ୍ରତ ରଖିଥିବା ଭକ୍ତମାନେ ପୂଜାମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରିବା ସହ ନୂଆ ଶାଢ଼ି, ଚୁଡି ପ୍ରଭୃତି ପୂଜା କରି ବ୍ରତ ଭାଙ୍ଗିଥିଲେ। ନବରାତ୍ର ପୂଜାର ସବୁଠାରୁ ପବିତ୍ର ସମୟ ସନ୍ଧିକାଳ ତଥା ସନ୍ଧିପୂଜାରେ ଅନୁଷ୍ଠିତ ହୋଇଥିଲା ବଳିଦେବା ପରମ୍ପରା। ସାଙ୍କେତିକ ବଳିଭାବେ କେତେକ ସ୍ଥାନରେ ପାଣିକଖାରୁ ବଳି ଚଢ଼ାଯାଇଥିବାବେଳେ ଆଉ କେତେକ ସ୍ଥାନରେ କାକୁଡି ବଳି ଭାବେ ମା'ଙ୍କୁ ଅର୍ପଣ କରାଯାଇଥିଲା। ସୋମବାର ନବରାତ୍ର ଶେଷ ହେଉଥିବାରୁ ଗୁଜରାଟୀ ସମାଜ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଶାରଦୀୟ ପୂଜାରେ ତୋରଣକୁ ସର୍ବୋତ୍କୃଷ୍ଟ କରିବା ପାଇଁ ଗତ କିଛିବର୍ଷ ହେବ ରାଜଧାନୀର ପୂଜା ମଣ୍ଡପଗୁଡ଼ିକରେ ଜୋରଦାର ପ୍ରତିଯୋଗିତା ହେଉଥିବାବେଳେ ଚଳିତବର୍ଷଠାରୁ କଟକ ଭଳି ସୁନା, ଚାନ୍ଦିରେ ମା'ଙ୍କୁ ସଜାଇବାକୁ ରାଜଧାନୀରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ☞ପୃଷ୍ଠା–୪

### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୭ ଓ ୮ ତାରିଖ (ସୋମବାର, ମଙ୍ଗଳବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖ ଗୁରୁବାର ସକାଳେ ପ୍ରକାଶ ପାଇବ।

### ବିରୋଧ ସତ୍ତ୍ୱେ ଗଛକଟା ଜାରି: ଆଜି ସୁପ୍ରିମକୋର୍ଟରେ ଶୁଣାଣି

........ ୭ ........

## ସୋସିଆଲ ମିଡିଆରେ ଆନନ୍ଦବଜାର ଫଟୋ ଭାଇରାଲ

ପୁରୀ ଅଫିସ, ୬।୧୦

ସୋସିଆଲ ମିଡିଆରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ। ଆନନ୍ଦବଜାର ପରିସରରେ ମହାପ୍ରସାଦ ସେବନ କରୁଥିବା କେଜେଜଣ ଭକ୍ତଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମନ୍ଦିର ପ୍ରଶାସନ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିବା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା କହିଛନ୍ତି। ଶ୍ରୀମନ୍ଦିର ପରିସରକୁ ମୋବାଇଲ ନେବା ଉପରେ କଟକଣା ଜାରି କରାଯାଇଛି। ଏନେଇ ଚାରିଦ୍ୱାରରେ ପ୍ରଶାସନ ପକ୍ଷରୁ ଫଳକ ଲାଗିଛି। ତା ସତ୍ତ୍ୱେ ମୋବାଇଲ ଫୋନ କିପରି ଶ୍ରୀମନ୍ଦିର ଭିତରକୁ ଗଲା, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ଦିର ଭିତର ବେଢାରେ ସିସିଟିଭି ଖଞ୍ଜାଯାଇଛି। ତଥାପି ☞ପୃଷ୍ଠା–୪

### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଏତଲା

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକ ୩୪୮ ନିୟୁତ ଟନ୍ ମାଲ୍ ପରିଚାଳନା କରିଛନ୍ତି। – ଆଇପିଏ




Venkatraju Arcade, Sano Bazar, Berhampur, Ph: 0680 2250600



# PATRA Festival Sale

More Discount More Savings

PATRA
Creating Better Lifestyles

ଏହି ପୂଜାରେ
ପାତ୍ର ଇଲେକ୍ଟ୍ରୋନିକ୍ସ ଠାରେ
ପ୍ରତିଦିନ ଅତିରିକ୍ତ ରିହାତି

ପାତ୍ର ଇଲେକ୍ଟ୍ରୋନିକ୍ସ
ଏବେ ଢେଙ୍କାନାଳ, ସମ୍ବଲପୁର,
ଚାଉଳିଆଗଞ୍ଜ, କଟକ ଠାରେ

₹500 + ₹500 = 1,000/-

PATRA HOT LINE NO.
8448449023
9040035044
9437965133

## ଏହି ପେପରକୁ ପାତ୍ର ଇଲେକ୍ଟ୍ରୋନିକ୍ସର ଯେ କୌଣସି କାଉଣ୍ଟରରେ ଦେଖାଇ ୧,୦୦୦/- ଟଙ୍କା ଅତିରିକ୍ତ ରିହାତି ପାଆନ୍ତୁ

ଏହି ଅଫର ଦିବା ୧୦ଟାରୁ ୨ଟା ପର୍ଯ୍ୟନ୍ତ ଉପଲବ୍ଧ । ଏହି ଅଫର କେବଳ LED TV, AC, Fridge, Washing Machine, Micro Oven ର କ୍ରୟ ଉପରେ ଉପଲବ୍ଧ ।

MOBILE PHONE | SPEAKER | VACCUM CLEANER | RICE COOKER | IRON | HEAD PHONES | TROLLY BAG | JAPAN 2020 CHANCE TO VISIT BIGGEST SPORTING EVENT | GRINDER+COOKER | NON STICK SET

## 10 AMAZING DEALS WITH PATRA'S DUS BHUJA OFFER

PAY ONLY 32" - 990/- 43" - 1490/- 49" - 1990/- 55" & ABOVE - 2990/- EMI*

Pay Only 1501/- for Refrigerator EMI*

Pay Only 999/- for Mobile Phone EMI*

Pay Only 990/- for Washing Machine EMI*

Pay Only 990/- for Camera
Pay Only 1990/- for Laptop EMI*

Pay Only 2333/- for AC EMI*

Pay Only 750/- for MICRO OVEN EMI*

*Samsung Offers on MRP..These offers are not run by SAMSUNG & are exclusive offers of Patra Electronics * Conditions apply.
INR 1,000 Offer applicable on purchase of a product INR 30,000/- above . Indicated Offers are brands & model specific

# SAMSUNG

SAMSUNG GLOBAL No.1 TV



## Add More Love to your celebrations

### Exciting Festive Gifts

FREE* with QLED Galaxy S10 (1 Unit) worth ₹61,900/-
FREE^ with QLED Galaxy A50 (1 Unit) worth ₹21,490/-
FREE+ with 4K UHD TV Galaxy M30 (1 Unit) worth ₹17,990/-
FREE# with 4K UHD TV Google Home Mini (1 Unit) worth ₹4,999/-

### Cashback and Easy Finance Offers~

up to 15% Cashback — AXIS BANK | HDB FINANCIAL SERVICES | HDFC BANK | ICICI Bank | IDFC FIRST Bank | RBL BANK
0 Down Payment Balance in 9 EMIs
1 EMI FREE^^
Flexi EMI Up to 30 months

### QLED
100% Color Volume | Ambient Mode & One Invisible Connection | Bixby Voice Assist with One Remote Control

65Q60R MRP: ₹2,19,900/- Offer Price (1N): ₹2,09,900/- Lowest EMI**: ₹2,990/-
55Q60R MRP: ₹1,43,900/- Offer Price (1N): ₹1,29,900/- Lowest EMI**: ₹2,990/-
10 Year Warranty (No Screen Burn-in Warranty)++

### 4K UHD TV
4K UHD Resolution | Dynamic Crystal Colour & HDR | Bixby Voice Assist

55RU7100 MRP: ₹96,900/- Offer Price (1N): ₹76,900/- Lowest EMI**: ₹2,990/-
43NU7090 MRP: ₹69,900/- Offer Price (1N): ₹41,990/- Lowest EMI**: ₹1,490/-
3 Year Warranty~~

### SMART TV
Bixby Voice Assist | Content Guide | Personal Computer & Music System

43N5470 MRP: ₹49,900/- Offer Price (1N): ₹39,900/- Lowest EMI**: ₹1,490/-
32N4300 MRP: ₹30,900/- Offer Price (1N): ₹25,100/- Lowest EMI**: ₹990/-
3 Year Warranty~~

Follow Samsung on: @SamsungIndia | @SamsungIndia | SamsungIndia | samsungindia

Re+ Please dispose of e-waste and plastic waste responsibly. For more information or for e-waste pick up, please call 1800 40 SAMSUNG (7267864) or 1800 5 SAMSUNG (7267864).

Terms and Conditions apply. Limited Period offer. **Lowest EMI is calculated on maximum finance tenure. Offers vary from model to model. Each customer shall receive maximum one gift per product. Samsung reserves the right to replace gifts with other product of equivalent or lesser value in case of non-availability of gifts. ~Finance and cashback offers are provided and fulfilled by third parties at their sole discretion, subject to their terms and Samsung disclaims all the claims/liabilities with respect to the same.*Available on 1m 89cm (75") and above select QLED. ^Available on 1m 63cm (65")/1m 38cm (55") select QLED and 1m 89cm (75") select 4K UHD TV. +Available on 1m 63cm (65") select 4K UHD TV. #Available on 1m 38cm (55") select 4K UHD and 1m 08cm (43")/1m 23cm (49") select QLED. Functionality of some features may require internet connectivity/ additional subscription. Offers and prices are subject to change without prior notice. ++Not applicable on Q900. ~~1 year standard warranty +2 year extended warranty on select models only. Extended warranty is applicable only on panel failure. All third party logos/ trademark/ content belong to respective third parties and Samsung hereby acknowledges the same.^^Applicable only under 15 by 2 finance scheme. Product images shown are for representational purpose only, actual may vary. For details visit https://www.samsung.com/in/microsite/add-more-love/. 'N' represents the number of units.

Scan the QR code to locate the nearby Samsung Store | Scan the QR code to watch the latest Samsung campaign.

# PATRA ELECTRONICS

**SAMBALPUR :** AINTHAPALI, BUDHA RAJA, PH : 9778724244, 9777362111, **DHENKANAL :** CHANDAN BAZAR, NUASASAN CHHAK, PH : 9777272111, **JAGATSINGHPUR** : NEAR BUS STAND, PH : 9937250300, 9861120454, **KEONJHAR :** THANA CHHAK, GANESH MARKET, PH : 9861024244, **KHORDHA :** PALLAHAT CHHAK (NEAR NEW BUS STAND), PH : 9040014044, **BERHAMPUR :** DALUA SAHI CHHAK (NEAR MUKTESWAR TEMPLE) PH : 9040075527, **JHARSUGUDA :** BEHERAMALL ROAD (NEAR DURGA MANDIR) PH : 9040075526, **ROURKELA :** UDIT NAGAR, GM MALL, INFRONT OF INCOME TAX OFFICE, PH : 8260524244, **BARIPADA** : MURGABADI GOLEI, PH : 8260024244, **JAJPUR ROAD :** CHORDA BY PASS, PH : 9692474244, **BALASORE :** FAKIR MOHAN GOLEI, PH : 7853074244, 9861724244, **BHUBANESWAR : BARAMUNDA**, PH : 9040026744, **BAPUJI NAGAR**, PH : 9040035444, **SAHEED NAGAR**, PH : 8984074244, **PATIA KIIT CHHAK**, PH : 9437020420, **KHANDAGIRI**, PH : 9438803734, **CUTTACK : CDA**, SECTOR - 6, PH : 9437061055, **BADAMBADI**, PH : 9437579644, **CHAULIAGANJ**, PH : 9777268111

# ଜୀବନ୍ତ ଜଳିଗଲେ ଯୁବକ

- ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେଉନି
- ଘଟଣା ପଛରେ ପ୍ରେମ ବ୍ୟାପାର ଚର୍ଚ୍ଚା
- ଚଟାଣରେ ରକ୍ତରେ ଲେଖାଯାଇଛି 'ମଧୁ'

ଜଗତ୍‌ସିଂହପୁର ଅଫିସ/ବାଲିକୁଦା,୬।୧୦(ସ୍ବ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଅଢଙ୍ଗା ପଞ୍ଚାୟତର ଦେବଗ୍ରାମରେ ଶନିବାର ମଧ୍ୟରାତ୍ରରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଲ୍ଡିଂରେ ଜଣେ ଯୁବକ ଜୀବନ୍ତ ଜଳିଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପୋଲିସ ଓ ଦମକଳ ବାହିନୀ ସହାୟତାରେ ଉଦ୍ଧାର କରାଯାଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ମୃତ୍ୟୁକାଳୀନ ଜମାନବନ୍ଦୀରେ ସେ ତାଙ୍କ ଘର ଖୋର୍ଦ୍ଧା ବୋଲି କହିବା ବ୍ୟତିତ ଅନ୍ୟ କୌଣସି ସୂଚନା ଦେଇପାରି ନ ଥିଲେ। ଘଟଣାସ୍ଥଳରୁ ଯୁବକଙ୍କ ଜୋତା, ଏକ ଛୁରି ଓ କେତେକ ଅଧାଜଳା ଦିଆସିଲି କାଠି ପୋଲିସ ଜବତ କରିଛି। ତାଙ୍କ ବାମହାତରେ କ୍ଷତ ସୃଷ୍ଟି ହୋଇଥିଲା। ସେ ଚଟାଣରେ ରକ୍ତରେ 'ମଧୁ' ବୋଲି ଲେଖିଥିବା ଜଣାଯାଇଛି। ଫଳରେ ଘଟଣା ଅଧିକ ରହସ୍ୟାବୃତ ହୋଇପଡିଛି। ଏହାକୁ ନେଇ ସାଧାରଣରେ ନାନା କଥା ଆଲୋଚନା ହେଉଛି। କେହି ଏହାକୁ ପ୍ରେମଜନିତ ହତ୍ୟା କହୁଥିବାବେଳେ ଆଉ କେହି ଆତ୍ମହତ୍ୟା ବୋଲି କହୁଛନ୍ତି। ଅନ୍ୟପକ୍ଷରେ ରକ୍ତରେ ଲେଖା ହୋଇଥିବା ମଧୁ କିଏ ତାହା ଜଣାପଡିନାହିଁ। କୁହାଯାଉଛି, ମଧୁ ସମ୍ପୃକ୍ତ ଯୁବକଙ୍କ ପ୍ରେମିକା ହୋଇଥାଇପାରନ୍ତି। ଯୁବକ ଜଣଙ୍କ ଖୋର୍ଦ୍ଧାରୁ ଏଠାକୁ ତାଙ୍କୁ ଭେଟିବାକୁ ଆସି କୌଣସି କାରଣରୁ ଆତ୍ମହତ୍ୟା କରିଥାଇପାରନ୍ତି କିମ୍ବା ତାଙ୍କୁ ହତ୍ୟା କରାଯାଇଥାଇପାରେ। ଶନିବାର ସନ୍ଧ୍ୟା ୫ଟାବେଳେ ଯୁବକ ଜଣଙ୍କ ବାଲିକୁଦା ପେଟ୍ରୋଲ ପମ୍ପ ନିକଟରେ ଇତସ୍ତତଃ ହୋଇ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଯୁବକଙ୍କ ଶରୀର ପୋଡ଼ିଯାଇଥିଲେ ମଧ୍ୟ ମୁହଁ ସୁରକ୍ଷିତ ରହିଛି। ଏପରିକି ମୁଣ୍ଡ ଚୁଟି ମଧ୍ୟ ପୋଡ଼ିନାହିଁ। ସେହିପରି ନିଆଁ ଲଗାଇବାରେ କିରୋସିନ କିମ୍ବା ପେଟ୍ରୋଲ ଆଦି ବ୍ୟବହାର ହୋଇନାହିଁ। ଯୁବକଙ୍କ ପାଖରୁ ମାତ୍ର ୩୦ ଟଙ୍କା ମିଳିଥିବାବେଳେ ତାଙ୍କ ମୋବାଇଲ କେଉଁଠି ଅଛି ଜଣାପଡୁନି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ପୋଲିସ ତଦନ୍ତ କରିଛି। ପୋଲିସ କୁକୁର ଘଟଣାସ୍ଥଳର କିଛି ଦୂରରୁ ଏକ ମଦ ବୋତଲ, ୩ଟି ଗ୍ଲାସ ଓ ଗୋଟିଏ ପାଣି ବୋତଲ ଠାବ କରିଛି। ତେଣୁ ଯୁବକଙ୍କୁ କେତେଜଣ ମିଶି ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଘଟଣା ପୂର୍ବରୁ ୨ଜଣ ଯୁବକ ଏକ ବାଇକ୍‌ରେ ସେଠାରୁ ଦ୍ରୁତ ଗତିରେ ପଳାଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୧୫/୧୯ ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପାରାଦୀପସ୍ଥିତ ମର୍ଗ ହାଉସରେ ସଂରକ୍ଷିତ ରଖାଯାଇଛି। ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ମୃତଦେହ ରହିବ। ମୃତଦେହ ଚିହ୍ନଟ ନିମନ୍ତେ ପୋଲିସ ରେଞ୍ଜ ଅଧୀନ ବିଭିନ୍ନ ଜିଲାର ଥାନାକୁ ଯୁବକଙ୍କ ଫଟୋ ପଠାଯାଇଛି ବୋଲି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୧.୩୦ରୁ ୧୨ଟା ମଧ୍ୟରେ ଗାଁ ମୁଣ୍ଡରେ ଥିବା ଉପ୍ରା ବିଦ୍ୟାଳୟ ବିଲ୍ଡିଂରେ ଜଣେ ଯୁବକ ଚିତ୍କାର କରୁଥିବା ସ୍ଥାନୀୟ ଲୋକେ ଶୁଣିବାକୁ ପାଇଥିଲେ। ଗାଁରେ ମା'ଦୁର୍ଗାଙ୍କ ମହାଷ୍ଟମୀ ପୂଜା ଚାଲିଥିବାରୁ ଅଧିକାଂଶ ଲୋକ ଶୋଇ ନ ଥିଲେ। ତେଣୁ ଯୁବକଙ୍କ ଚିତ୍କାର ଶୁଣି ବହୁ ଲୋକ ସେଠାରେ ଜମା ହୋଇଥିଲେ। ବିଦ୍ୟାଳୟର ଉପର ଘର ପୋର୍ଟିକ ତଥା ଶିଡ଼ି ନିକଟ ଚଟାଣରେ ଜଣେ ଯୁବକ ନିଆଁରେ ପୋଡ଼ିହୋଇ ଯାଉଥିବା ସେମାନେ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିବା ସହ ବାଲିକୁଦା ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ବାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାର ଅଧଘଣ୍ଟା ମଧ୍ୟରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବସ୍ ଧକ୍କାରେ ଅଟୋ ଚୂରମାର: ୨ମୃତ

ବଲାଙ୍ଗୀର ଅଫିସ, ୬।୧୦

ବଲାଙ୍ଗୀର ସଦର ବ୍ଲକ ଦାଉପାଲି ଛକରେ ରବିବାର ଅପରାହ୍ନରେ ବସ୍ ଧକ୍କାରେ ଏକ ଅଟୋ ଚୁରମାର ହୋଇ ଯାଇଛି। ଅଟୋରେ ଥିବା ଡଙ୍ଗାଘାଟର ରଞ୍ଜିତ ସାହୁ(୩୬) ଓ ତୁଷୁରାବାହାଲର ତୁଳାରାମ ସାହୁ (୨୬)ଙ୍କ ମୃତ୍ୟୁ ଘଟିଛି। ଉଭୟେ ଏକ ଅଟୋ ରିକ୍ସାରେ ପାଟଣାଗଡ଼ ଯାଉଥିବାବେଳେ ସାମନା ପଟୁ ଆସୁଥିବା ଗଣପତି ବସ୍ (ନଂ.ଓଡି ୦୩ବି ୭୨୭୫) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତୁଳାରାମଙ୍କ ମୃତ୍ୟୁ ହୋଇଥିବା ବେଳେ ଡାକ୍ତରଖାନା ନେବା ବାଟରେ ରଞ୍ଜିତଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ବସ୍‌କୁ ନେଇ ବଲାଙ୍ଗୀର ସଦର ଥାନାରେ ଆତ୍ମସମର୍ପଣ କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ବାପା ମୃତ, ପୁଅ ସଙ୍କଟାପନ୍ନ

ବିଞ୍ଝାରପୁର,୬।୧୦(ଡି.ଏନ.ଏ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ପଶ୍ଚିମ ବାଛୋଳ ଗ୍ରାମର ରମାକାନ୍ତ ସାହୁ (୪୫)ଙ୍କ ଘରେ ଶନିବାର ସନ୍ଧ୍ୟାରେ ବେଆଇନ ବାଣ ଭିଡ଼ା ଯାଉଥିବାବେଳେ ବିସ୍ଫୋରଣ ଘଟି ୬ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ରମାକାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଶନିବାର ରାତିରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ରମାକାନ୍ତଙ୍କ ପୁଅ ସୌଭାଗ୍ୟ ସାହୁ(୨୧) ମଧ୍ୟ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛନ୍ତି। ତେବେ ସୌଭାଗ୍ୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏହି ଘଟଣାରେ ଅନ୍ୟ ୩ଜଣ ଯଥା ସୁଧାଂଶୁ ଦାସ(୨୩), ରମାକାନ୍ତଙ୍କ ମା' ରୁକ୍ମିଣୀ(୮୦), ଭଉଣୀ ଶାନ୍ତିଲତା (୫୦) ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଥାଉକି, ଶନିବାର ସନ୍ଧ୍ୟାରେ ବାଣ ଭିଡୁଥିବା ସମୟରେ ଏହି ବିସ୍ଫୋରଣ ହୋଇଥିଲା। ଏହା ଏତେ ତୀବ୍ର ଥିଲା ଯେ ରମାକାନ୍ତଙ୍କର ୬ ବଖରାର କାନ୍ଥ ଓ ଛାତ ଭାଙ୍ଗି ଯାଇଥିଲା। ଏପରିକି କେତେକ ପଡୋଶୀଙ୍କ ଘର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ପୋଲିସ ଏକ ମାମଲା (ନଂ.୨୬୭/୧୯) ରୁଜୁ କରିବା ସହିତ ପୋଲିସ ଅଧିକ ଛାନଭିନ ଜାରି ରଖିଛି।






# ଆଜି ମଙ୍ଗୋଲିଆ ଯିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଚଳିତ ମାସ ୭ରୁ ୯ ତାରିଖ ଯାଏ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗୋଲିଆ ଗସ୍ତ କରିବେ। ଏହି ଗସ୍ତ ସମୟରେ ମଙ୍ଗୋଲିଆ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସାକ୍ଷାତ କରିବେ। ଚଳିତ ମାସ ୮ରେ ମଙ୍ଗୋଲିଆରେ ନିର୍ମିତ ମଙ୍ଗୋଲ ତୈଳ ବିଶୋଧନ ପ୍ରକଳ୍ପକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବୁଲି ଦେଖିବେ। ଦୁଇଦେଶର ମିଳିତ ଉଦ୍ୟମରେ ଉଭୟ ଦେଶରେ ବିଶୋଧନାଗାର ନିର୍ମାଣ ତଥା ରେଳ, ଖଣି, କୁକିଂ କୋଲ ତଥା ଭିତ୍ତିଭୂମି ବିକାଶ ନେଇ ମଙ୍ଗୋଲିଆ ଖଣି ଓ ଭାରି ଶିଳ୍ପ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଉଲ୍ଲେଖଯୋଗ୍ୟ, ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗୋଲିଆ ଗସ୍ତ ସମୟରେ ୧.୨୩୬ ମିଲିୟନ ଡଲାର ଭାରତୀୟ ପୁଞ୍ଜି ନିବେଶରେ ଏକ ତୈଳ ବିଶୋଧନାଗାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୬ ସେପ୍ଟେମ୍ବରରେ ମଙ୍ଗୋଲିଆ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପୁଞ୍ଜିନିବେଶ ପରିମାଣକୁ ବୃଦ୍ଧି କରାଯାଇଥିଲା। ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଞ୍ଜିନିୟର୍ସ ଇଣ୍ଡିଆ ଏହି ପ୍ରକଳ୍ପ ନିର୍ମାଣର ବୈଷୟିକ ସହାୟତା ଯୋଗାଇ ଦେଉଛି।





**For Trade Enquiry:** Kantabanji - 9437964192, Bhubaneshwar - 9861052992, Cuttack - 9437020692, Jharsuguda - 9437095207, Haldipadar - 9437064123, Balasore - 9040122940, 9938377790, Jajpur - 9338710502, 7978048247




**RAYAGADA: Authorised Main Dealers:** RAYAGADA: Shanti TVS, Ph : 8260963439. JEYPORE: Hindustan TVS, Ph.: 8260935284.

**Authorised Dealers:** Nabarangpur, Ph.: 9437182369, 9437490666; Umerkote, Ph.: 7077712111/9556668853; Malkangiri, Ph.: 9438433427/9437215287; Kotpad, Ph: 8018213272; 9938039248; Raighar, Ph : 9437094445/9777377773; Balimela, Ph : 9438814181; Govindpally, Ph : 9439182323; Borigumma, Ph : 9937314983, 9438813786; Kalimela, Ph : 8763471200/06850-272114; Similiguda : Ph : 9437025384; Papadahandi, Ph : 9777522522; Padampur, Ph : 8018066999, 06857-266066.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ତିତିଲି
ପରିବାରବର୍ଗ


ଆୟାନ
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାୟୋ ଡିଗ୍ରେଡେବଲ୍ ବୋତଲରେ ଆସିବ ରେଲ୍ ନୀର୍

**ଭୁବନେଶ୍ୱର, ୬।୧୦(ବ୍ୟୁରୋ)**

ଟ୍ରେନ୍ ଓ ଷ୍ଟେଶନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ନିଷିଦ୍ଧ କରିବା ସହ ବିକଳ୍ପ ପଦକ୍ଷେପ ନେଇଛି ଭାରତୀୟ ରେଳପଥ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ରେଳପଥକୁ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ ପାଇଁ ଶପଥ ନିଆଯାଇଛି। ଭାରତୀୟ ରେଳପଥର ନିଜସ୍ୱ ପାନୀୟ ଉତ୍ପାଦ 'ରେଲ୍ ନୀର' ଏବେ ବାୟୋ ଡିଗ୍ରେଡେବଲ୍ ପ୍ଲାଷ୍ଟିକ ବୋତଲରେ ଆସିବ। ଏହି ପାଣି ବୋତଲର ପ୍ରସ୍ତୁତକର୍ତ୍ତା ଆଇଆର୍‌ସିଟିସି (ଇଣ୍ଡିଆନ ରେଲ୍‌ୱେ କ୍ୟାଟେରିଙ୍ଗ ଆଣ୍ଡ ଟୁରିଜମ କର୍ପୋରେଶନ ଲିମିଟେଡ୍) ଏନେଇ ଟୁଇଟ୍ କରି ସୂଚନା ଦେଇଛି। ଏହାକୁ ପରୀକ୍ଷାମୂଳକ ଭାବେ ଘରୋଇ ଟ୍ରେନ୍ ତେଜସ ଏକ୍ସପ୍ରେସ (ଲକ୍ଷ୍ନୌ-ନୂଆଦିଲ୍ଲୀ-ଲକ୍ଷ୍ନୌ)ରେ ଆରମ୍ଭ କରାଯାଇଛି। ପରେ ଏହା ଅନ୍ୟ ଟ୍ରେନଗୁଡିକରେ ଉପଲବ୍ଧ ହେବ। ବର୍ତ୍ତମାନ ଆସୁଥିବା ପ୍ଲାଷ୍ଟିକ ବୋତଲ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ଭୁବନେଶ୍ୱରରେ ହେବାକୁ ଥିବା ପ୍ଲାଣ୍ଟରେ ମଧ୍ୟ




ଏହି ପ୍ରକାର (ବାୟୋ ଡିଗ୍ରେଡେବଲ) ପ୍ଲାଷ୍ଟିକ ବୋତଲ ପ୍ରସ୍ତୁତ କରାଯିବ। ତେବେ ଏହି ପାଣିବୋତଲ ଦର ଅପରିବର୍ତ୍ତିତ ରହି ୧ ଲିଟରକୁ ୧୫ ଟଙ୍କାରେ ବିକ୍ରି ହେବ ବୋଲି ଆଇଆର୍‌ସିଟିସି ପକ୍ଷରୁ ସୂଚନା ଦିଆଯାଇଛି।

# ମହାନଦୀରେ ଭାସିଗଲେ ୬ ଛାତ୍ରୀ

- ୫ ଜଣ ଉଦ୍ଧାର,ଜଣେ ନିଖୋଜ
- ସନ୍ଧ୍ୟା ସୁଦ୍ଧା ନିଖୋଜ ଛାତ୍ରୀଙ୍କ ପତ୍ତା ମିଳିଲାନି
- ସୋମବାର ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ

**ସମ୍ବଲପୁର,୬।୧୦(ବ୍ୟୁରୋ)**

ସମ୍ବଲପୁର ମହାନଦୀ ସଡକଘାଟ (ପଲଟନଘାଟ)ରେ ରବିବାର ପୂର୍ବାହ୍ନ ୧୧ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ମହାନଦୀକୁ ୬ ଜଣ ଛାତ୍ରୀ ଗାଧୋଇବାକୁ ଯାଇଥିଲାବେଳେ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ସ୍ଥାନୀୟ ଯୁବକ,ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଅନ୍ୟ ଜଣେ ଛାତ୍ରୀ ଭାସିଯାଇଛନ୍ତି। ଏହି ରିପୋର୍ଟ ଲେଖାହେବା ବେଳକୁ ତାଙ୍କୁ ଉଦ୍ଧାର କରାଯାଇପାରିନାହିଁ। ତାଙ୍କ ନାମ ପିଙ୍କି ବିଶ୍ୱକର୍ମା (୧୩)। କ୍ଷେତରାଜପୁର ଥାନା ଅଧୀନ ବଙ୍ଗାଳିପଡାରେ ପିଙ୍କିଙ୍କ ଘର। ପିଙ୍କିଙ୍କ ବାପା ରାମନାଥ ବିଶ୍ୱକର୍ମାଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଏ ନେଇ ଦୁଃଖରେ ଭାଙ୍ଗିପଡିଛନ୍ତି। ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ ନିଜ ଜୀବନ ସହ ବାଜି ଲଗାଇ ଅନ୍ୟ ୫ ଜଣ ସାଙ୍ଗଙ୍କୁ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଆଶା ତନସେନା (୧୫), ରାଣୀ ସାହାଣୀ (୧୪), ରିୟା ଦେବଗନ (୧୩), ଶ୍ରୁତି ପଣ୍ଡା (୧୫), ସୁପ୍ରିୟା ପଣ୍ଡା। ଏହି ଖବର ଜଣାପଡିବା ପରେ ମହାନଦୀ କୂଳରେ ନିଖୋଜ ପିଙ୍କିଙ୍କ ପରିଜନ, ପଡାବାସୀଙ୍କ ଭିଡ ଜମିଥିଲା। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ କରି ଦିଆଯାଇଛି। ସୋମବାର ପୁଣି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ଅଗ୍ନିଶମ କର୍ମଚାରୀମାନେ କହିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, କ୍ଷେତରାଜପୁର ଥାନା ଅଧୀନ ବଡବଜାର ସ୍କୁଲରେ ପଢୁଥିବା ବଙ୍ଗାଳିପଡାର ପିଙ୍କି ତାଙ୍କର ୫ ଜଣ ସାଙ୍ଗଙ୍କ ସହ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। କୂଳରୁ ପ୍ରାୟ ୧୫୦ ମିଟର ନଦୀଗର୍ଭକୁ ସେମାନେ ଚାଲି ଯାଇଥିଲେ। ସେତେବେଳେ ନଦୀରେ ପ୍ରାୟ ଆଣ୍ଠୁଏ ଉଚ୍ଚର ପାଣି ଥିଲା। ହେଲେ ସ୍ରୋତ ଅଧିକ ଥିବାରୁ ଗାଧୋଇବା ସମୟରେ ଗୋଡ ଖସିଯାଇଥିଲା। ଶ୍ରୁତି ନାମ୍ନୀ ଜଣେ ଛାତ୍ରୀ ବୁଡି ଯାଇଥିଲେ। ଏହା ଦେଖି ତାଙ୍କୁ ଅନ୍ୟମାନେ ଉଦ୍ଧାର କରିଥିଲେ। ଏତିକିବେଳେ କିନ୍ତୁ ପିଙ୍କି ଭାସି ଯାଇଥିଲେ। ଏହାପରେ ଅନ୍ୟମାନେ ଜଳସ୍ରୋତରେ ଭାସିଯାଉଥିବା ବେଳେ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ନିକଟସ୍ଥ ରାଧାମୋହନ ମନ୍ଦିରରେ ଥିବା ବଗର୍ତ୍ତି ବେରିହା, ସୁମନ ବାଗ, ଲଲା ବାଗ, ନାମ ବାଗ, ବୁଲୁ ବଢ଼େଇ, ପଞ୍ଚାନନ ସେଠ, ରୋହିତ ସେଠ, ଧୀନ ବେହେରା, ଜୟରାମ ବନିଆ ପ୍ରମୁଖ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଶେଷରେ ୫ ଜଣ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ ପିଙ୍କି ନିଖୋଜ ହୋଇଯାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆନୁଷଙ୍ଗିକ ଅଭାବ ଅସୁବିଧାକୁ ନେଇ ମାନସିକ ଅସ୍ଥିରତା ଭିତରେ ଆଜି ଦିନଟି କଟାଇବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ଭୁଲ୍ ବୁଝାମଣାଜନିତ ବିନା କାରଣରେ ମଧ୍ୟ ଅଶାନ୍ତି, କଳହ ସୂତ୍ରପାତର ଆଶଙ୍କା ରହିଛି। ସାହିତ୍ୟ,କଳା, ସଙ୍ଗୀତ,ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ଯେତେ ଭଲରେ ରହି ଅନ୍ୟମାନଙ୍କୁ ମଧ୍ୟ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବା ସଙ୍ଗକୁ ପାରିବାରିକ କ୍ଷେତ୍ରରେ ମଧ୍ୟ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମିଥୁନ**
ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିବାରେ ସମର୍ଥ ହୋଇପାରିବେ। ଯାଉଥିବା ରାସ୍ତାରେ ଚୋରି, ପକେଟମାର୍ କିମ୍ବା ନିଜର ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନହାନି ଘଟିବାର ପୂର୍ବସୂଚନା ରହିଛି। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁମାନଙ୍କ ସହ ସାଧାରଣ କଥାରେ କଳହ ଲାଗିପାରେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। ବକେୟା ଅର୍ଥ ଆଦାୟ କରିବା ସକାଶେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ ଓ ଶିକ୍ଷା, ସନ୍ତାନ ଓ ପ୍ରେମ କାରବାରରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ସିଂହ**
ପାରିବାରିକ କ୍ଷେତ୍ରରେ ରହିଥିବା ବିଷମତା ନେଇ ଚିନ୍ତିତ ଥିଲେ ମଧ୍ୟ ତାହାକୁ କାହା ସମ୍ମୁଖରେ ମଧ୍ୟ ପ୍ରକାଶ କରି ପାରିବେ ନାହିଁ। ବାଣିଜ୍ୟ ଓ ବ୍ୟବସାୟରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**କନ୍ୟା**
ବିଭିନ୍ନ ସୂତ୍ରରୁ ଅର୍ଥ ରୋଜଗାର କରିବେ କିନ୍ତୁ ଚନ୍ଦ୍ର ପ୍ରଭାବରୁ ମନରେ ଅସ୍ଥିରତା ପ୍ରାୟତଃ ଲାଗି ରହିବ। ଅଟକି ରହିଥିବା କାମକୁ ପୂରାଦମ୍‌ରେ କରିଚାଲିବେ ତଥାପି ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସାଂଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ଲୋକମାନଙ୍କ ପ୍ରିୟଭାଜନ ହେବେ।

**ତୁଳା**
ଶାରୀରିକ ସୁସ୍ଥତା ରହିଥିଲେ ମଧ୍ୟ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ସୁସ୍ଥତା ରହିବ ନାହିଁ। ଅଫିସରେ କିମ୍ବା କର୍ମକ୍ଷେତ୍ରରେ ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ କିଛି କଡ଼ା କଥା ପ୍ରକାଶ କରିପାରିବେ ନାହିଁ। ପାନ ମସଲା, ତେଜରାତି ଦୋକାନ, ହୋଟେଲ ଓ ଷ୍ଟେସନାରୀ ବ୍ୟବସାୟରୁ ଆଜି ଭଲ ବେପାର ହେବ।

**ବିଛା**
କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡାଏ ବେକାର କଥାରେ ମନ ଅଶାନ୍ତି ରହିବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା କେତେକ ବ୍ୟକ୍ତି ପଛରେ ମାତ୍ର ଗାଳିମନ୍ଦ ପୂର୍ବକ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ପ୍ରଦାନ କରିପାରନ୍ତି। ଆତ୍ମୀୟମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବାର ସମ୍ଭାବନା ରହିଛି।

**ଧନୁ**
ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ସହ ପରିବହନରେ ଝଗଡ଼ା, କର୍ମକ୍ଷେତ୍ରରେ ଉତ୍ତେଜନା, ଜମିଜମା କଳହକୁ ମଧ୍ୟ ଏଡି ହେବନି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର**
ଆଜି ଆପଣ ଯେଉଁ କାମ କରିବାକୁ ମନସ୍ଥ କରିଛନ୍ତି, ତାହା ଶୀଘ୍ର ଆରମ୍ଭ କରନ୍ତୁ, କାରଣ ସଫଳତା ଆପଣଙ୍କୁ ଚାହିଁ ବସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ**
ଆଜି କାମର ଚାପ ବୃଦ୍ଧି ପାଇବା କାରଣରୁ ଘର କାମ ଛାଡ଼ି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ ସମସ୍ୟାକୁ ସମାଧାନ କରିବେ ଏବଂ ଦୀର୍ଘ ଦିନର ଅଭୀଳାଷ ପୂର୍ଣ୍ଣ ହେବାରୁ ଆନନ୍ଦିତ ହେବେ।

**ମୀନ**
ପୂର୍ବ ଯୋଜନାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରିବେ ତଥାପି କିଛି ନା କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ। ପାଖ ପଡୋଶୀ ଈର୍ଷାପର ମନୋଭାବ ପୋଷଣ ପରୋକ୍ଷଭାବରେ ସମାଲୋଚନା କରିପାରନ୍ତି। ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହୋଇପାରନ୍ତି।

ଆଜି ପୀଠେ ଦେବୀଙ୍କ ଦଶହରା, ବିଜୟା ଦଶମୀ, ସୋମନାଥ ବ୍ରତ ଉଦ୍‌ଯାପନ, ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା, ଅକ୍ଟୋବର ୭ ତାରିଖ, ସୋମବାର, ବିଶ୍ୱ ଆବାସ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ମିଥୁନ ରାଶିର ଘାତବାର, ଦଶମୀର ପାର୍ବଣ ଶ୍ରାଦ୍ଧ, ଘ୭।୧୬ମି. ମଧ୍ୟେ ଘ୮।୫୦ମି. ଗତେ ଘ୧୧।୦୯ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୧୦ମି. ଗତେ ଘ୮।୩୮ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଧରାପୃଷ୍ଠରେ...

ପୁରୁଣା ଷ୍ଟେଶନ ବଜାର, ନୟାପଲ୍ଲୀ, ବରମୁଣ୍ଡା, ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର(ବ୍ରାହ୍ମଣ ନିଯୋଗ) ଭଳି ପ୍ରମୁଖ ପୂଜାମଣ୍ଡପରେ ମା'ଙ୍କୁ ସୁନା ଓ ଚାନ୍ଦିରେ ସଜାଯାଇଥିବାବେଳେ ଏଥର ଶହୀଦନଗର ପୂଜାମଣ୍ଡପରେ ପ୍ରଥମଥର ପାଇଁ ମା'ଙ୍କୁ ସୁନା ମୁକୁଟ ଓ ଚାନ୍ଦିମେଢରେ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଚଳିତବର୍ଷ ପଦ୍ମାବତ୍ ପ୍ୟାଲେସ୍, ଲକ୍ଷ୍ନୌ ରାଜପ୍ରାସାଦ, ଡିଜ୍‌ନୀ ଲ୍ୟାଣ୍ଡ, ଇନ୍ଦ୍ରପୁରୀ, ଅକ୍ଷରଧାମ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଗୁମ୍ଫା ଆକୃତିର ତୋରଣ ଆକର୍ଷଣ ସାଜିଛି। ଭୁବନେଶ୍ୱର, କଟକ ବ୍ୟତୀତ ରାଉରକେଲା, ବାଲେଶ୍ୱର ଓ ବାରିପଦା ଭଳି ସହରଗୁଡିକ ମଧ୍ୟ ଏଥର ତୋରଣ ଦୌଡ଼ରେ ସାମିଲ ହୋଇଛନ୍ତି। ମୂର୍ତ୍ତି ଓ ମେଢ ଅପେକ୍ଷା ତୋରଣ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଯେଉଁଥିପାଇଁ ଚଳିତବର୍ଷ ରାଜ୍ୟର ଅଧିକାଂଶ ସହରରେ ତୋରଣ ପ୍ରମୁଖ ଆକର୍ଷଣ ପାଲଟିଛି। ଅନ୍ୟପକ୍ଷରେ ପୂଜାଭିଡ଼କୁ ଦୃଷ୍ଟିରେ ରଖି ପୂର୍ବରୁ ଭୁବନେଶ୍ୱର ଓ କଟକରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଟ୍ରାଫିକ୍ ପରିଚାଳନାରେ ପୋଲିସ ବିଫଳ ହୋଇଛି। ଯେଉଁଥିପାଇଁ ଭୁବନେଶ୍ୱରରେ ୧୦ ମିନିଟର ରାସ୍ତା ଅତିକ୍ରମ କରିବାକୁ ୩୦ ମିନିଟ ସମୟ ଲାଗିଯାଉଛି।

ଚଳିତବର୍ଷ ପ୍ରଦୂଷଣ ଓ ପଲିଥିନ୍‌ମୁକ୍ତ ଦଶହରା ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟର ଅଧିକାଂଶ ପୂଜାମଣ୍ଡପ। ଭୁବନେଶ୍ୱରରେ ୧୭୧ଟି ପୂଜାମଣ୍ଡପ ମଧ୍ୟରୁ ୧୧୫ଟି ପୂଜାମଣ୍ଡପ ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କେତେକ ପୂଜାମଣ୍ଡପ ଫ୍ଲେକ୍ସ ଲଗାଇ ଲୋକଙ୍କୁ ସଚେତନ କରିବା ସହ କିଛି ଚାରା ବାଣ୍ଟି ଇକୋ-ଫ୍ରେଣ୍ଡ୍‌ଲି ପୂଜାର ବାର୍ତ୍ତା ଦେଉଛନ୍ତି।

### ସୋସିଆଲ ମିଡିଆରେ...

ଏ ଘଟଣା ସମ୍ପର୍କରେ କିପରି ପ୍ରଶାସନ ନା ପୋଲିସ କେହି ବି ଜାଣି ପାରିଲେ ନାହିଁ। ଶ୍ରୀମନ୍ଦିର ଭିଳା ସୁରକ୍ଷା ବ୍ୟବସ୍ଥାକୁ ଏହା ସ୍ପଷ୍ଟ ଭାବେ ପରିପ୍ରକାଶ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ଭିତର ବେଢା ଫଟୋ ଭାଇରାଲ ହେବା କୌଣସି ନୂତନ ଘଟଣା ନୁହଁ। ଏଭଳି ଘଟଣା ବହୁବାର ଘଟିଛି। ବାଇଶି ପହାଚରେ ଶ୍ରାଦ୍ଧଦାନ କରୁଥିବା ବେଳେ ଫଟୋ ଭାଇରାଲ କରି ପୂର୍ବରୁ ଜଣେ ପୋଲିସ ଏଏସ୍‌ଆଇ ନିଲମ୍ବିତ ହୋଇଥିଲେ। ଏହା ଉପରେ କଡା ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ସରିଲା ମା' ମାଣିକେଶ୍ୱରୀଙ୍କ ଛତର୍ ଯାତ୍ରା

# ପଶୁପକ୍ଷୀଙ୍କ ରକ୍ତରେ ଭିଜିଲା ରାସ୍ତାଘାଟ

**ଭବାନୀପାଟଣା,୬।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

ମା' ମାଣିକେଶ୍ୱରୀଙ୍କ ବିଶ୍ୱପ୍ରସିଦ୍ଧ ତଥା କଳାହାଣ୍ଡିର ଗଣପର୍ବ ଛତରଯାତ୍ରା ରବିବାର ଶାନ୍ତିଶୃଙ୍ଖଳା, ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଭବାନୀପାଟଣା ସହରର ପ୍ରାୟ ୩ କି.ମି ମୁଖ୍ୟ ରାଜରାସ୍ତା ଓ ଉପରାସ୍ତା ଉପରେ ମା' ମାଣିକେଶ୍ୱରୀ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବା ସହିତ ମୁଖ୍ୟ ମନ୍ଦିରକୁ ମଧ୍ୟାହ୍ନ ୧୨.୨୫ ମି.ରେ ପ୍ରବେଶ କରିଥିଲେ। ମା' ମାଣିକେଶ୍ୱରୀଙ୍କ ଚଳନ୍ତି ପ୍ରତିମା ଛତରର ଦର୍ଶନ ନିମନ୍ତେ ଜିଲା ଓ ପଡୋଶୀ ଛତିଶଗଡ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ଆଦି ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଜେନାଖାଲଠାରୁ ମାଣିକେଶ୍ୱରୀଙ୍କ ମୁଖ୍ୟ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଲକ୍ଷାଧିକ ଦର୍ଶକଙ୍କ ଭିଡ ଲାଗି ରହିଥିଲା। ମହାଷ୍ଟମୀ ରାତିର ମହାବଳି ପରେ ମାଣିକେଶ୍ୱରୀ ମନ୍ଦିର ଉତ୍ତର ଦ୍ୱାର ନିକଟରେ ଅବସ୍ଥିତ ବୁଢାରଜାଙ୍କ ସମ୍ମୁଖରେ ପୋଢବଳି ଦିଆଯାଇଥିଲା। ପରେ ଭବାନୀପାଟଣାର ପଶ୍ଚିମ ଦିଗରେ ଜେନାଖାଲ ପର୍ଯ୍ୟନ୍ତ ମାଣିକେଶ୍ୱରୀଙ୍କ ଛତରକୁ ନିକଟସ୍ଥ ପାହାଡ ତଳ ଜେନାଖାଲକୁ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭୋର ୫ଟାରୁ ଜେନାଖାଲଠାରୁ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତର୍ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଘୁମୁରା, ଢୋଲ୍ ନିଶାଣ, ଘଣ୍ଟ ଆଦି ମଧ୍ୟରେ ଛିଟକନା, ମନ୍ଦାରଫୁଲ, ବେଲପତ୍ର, ମାଳରେ ବସ୍ତ୍ରାବୃତ 'ଛତର' ଝୁମି ଝୁମି ମୁଖ୍ୟ ଜାତୀୟ ରାଜପଥର ୩ କି.ମି. ଦେଇ ମୁଖ୍ୟ ମନ୍ଦିରରେ ୧୨ ଘଣ୍ଟା ୨୫ ମିନିଟରେ ପ୍ରବେଶ କରିଥିଲେ।



ଚଳିତବର୍ଷ ଛତର ଯାତ୍ରାରେ ମାନସିକ କରିଥିବା ବ୍ୟକ୍ତିମାନେ ହଜାର ହଜାର କୁକୁଡା, ପାରା, ବୋଦା, ମେଣ୍ଢା ଆଦି ବଳି ପକାଇଥିଲେ। ଫଳରେ ରାସ୍ତାର ଦୁଇପାର୍ଶ୍ୱ ଏବଂ ଦୁଇ ପାର୍ଶ୍ୱକୁ ସଂଯୋଗ କରୁଥିବା ରାସ୍ତା ରକ୍ତ ରଞ୍ଜିତ ହୋଇଯାଇଥିଲା। ଲକ୍ଷାଧିକ ଭକ୍ତ ଛତରକୁ ଛିଟକନା, ଶାଢି, ନଡିଆ, ମନ୍ଦାରଫୁଲ, ପାରା ଓ ବେଲପତ୍ର ଅର୍ପଣ କରିଥିଲେ। ମା'ଙ୍କ ଛତର ମୁଖ୍ୟ ମନ୍ଦିରରେ ପହଞ୍ଚିବା ପରେ ମହାରାଜ ଅନନ୍ତ ପ୍ରତାପ ଦେଓଙ୍କ ସମେତ ତାଙ୍କ ସପରିବାର ସଦସ୍ୟମାନେ ବନ୍ଦାପନା କରି ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପୂର୍ବବର୍ଷ ପରି ଚଳିତବର୍ଷ ମା'ଙ୍କ ଛତରକୁ ପୂଜକ ମଧୁସୂଦନ ବେହେରା ବହନ କରିଥିଲେ। ଛତର ସମ୍ମୁଖରେ ଘୁମୁରାନୃତ୍ୟ, ସିଂହବାଦ୍ୟ, ଜୁନିୟର ମାଣିକେଶ୍ୱରୀ କ୍ଲବ ଘଣ୍ଟବାଦ୍ୟ ଓ ଗୋପବନ୍ଧୁ ନଗର ବଡପଡାର ନିଶାନ ବାଦ୍ୟ, ଘୁମୁରା ଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଉପଲକ୍ଷେ ସୋସିଆଲ ଏକ୍ଟିଭିଷ୍ଟ ଅଫ୍ କଳାହାଣ୍ଡି ପକ୍ଷରୁ ଲୋକଙ୍କୁ ମାଗଣାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଚଳିତବର୍ଷ ଜନଗହଳି ସାଙ୍ଗକୁ ପୂର୍ବ ବର୍ଷଠାରୁ ଅଧିକ ବଳି ପଡିଥିବା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ଫୋର୍ସ ସମେତ ୫ ଜଣ ଡିଏସ୍‌ପି, ୧୭ ଜଣ ଇନ୍ସପେକ୍ଟର, ୫୨ ଜଣ ସବ୍‌ଇନ୍ସପେକ୍ଟର, ୧୭ ଏଏସ୍‌ଆଇ, ୫୨ ଜଣ ଏ.ଏସ୍.ଆଇ,୯୨ ଜଣ ହାବିଲଦାର ଓ କନ୍‌ଷ୍ଟେବଲ, ୧୭୪ ଏଚ୍‌ଜିଏସ୍ ଫୋର୍ସ ସମେତ ଶତାଧିକ ହୋମଗାର୍ଡଙ୍କୁ ମୁତୟନ କରାଯାଇଥିଲା। ଲୋକ ସମ୍ପର୍କ ବିଭାଗ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସାଂସ୍କୃତି ଅଧିକାରୀ ଅର୍ପିତା ବେହେରାଙ୍କ ତତ୍ତ୍ୱାବଧାନରେ ଘୋଡାଘାଟ୍ ଛକ ଓ ମନ୍ଦିର ନିକଟରେ ଧାରା ବିବରଣୀ ପ୍ରଦାନ କରାଯାଇଥିଲା।

# ବଜ୍ରପାତରେ ଚାଷୀଙ୍କ ସମେତ ୩ ମୃତ

**ବୌଦ୍ଧ/ଜହ୍ନାପଙ୍କ/ପଦ୍ମପୁର/ଦେଓଗାଁ, ୬।୧୦ (ସ୍ୱ.ପ୍ର/ଡି.ଏନ.ଏ.)**

ରବିବାର ବଜ୍ରପାତରେ ଜଣେ ଚାଷୀଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି । ବୌଦ୍ଧ ବ୍ଲକ ଅନ୍ତର୍ଗତ ବନ୍ଧାପଥର ଗ୍ରାମରେ ରବିବାର ବଜ୍ରପାତ ହେବାରୁ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳଲୋହିତ ବେହେରା(୫୩)। ସେ ସକାଳୁ ବିଲକୁ ଫସଲ ଦେଖିବାକୁ ଯାଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ସେଠାରେ ଟଳି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପଦ୍ମପୁର ନିକଟସ୍ଥ ମୁରହାପାଲି ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରେମଲତା ପଶାୟତ (୨୭)। ପୋଲିସ ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟଏକ ଘଟଣାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଜାମଝରନ ଗାଁର ଜଣେ ବ୍ୟକ୍ତିଙ୍କର ରବିବାର ସକାଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌରାଙ୍ଗ ସାହୁ( ୬୨)। ସକାଳେ ସେ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଗୌରାଙ୍ଗଙ୍କର ମୃତ୍ୟୁ ହୋଇଯାଇଥିଲା। ତୁଷୁରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।


## classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330. D- 66789

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829. D-66795

213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar adjacent to 200ft road. Contact owner: 9338342502. D-68118

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

Gated plotting project near Sum Hospital and Janla Infovally square. 7008818121. D-66796

Fully furnished commercial office space near Ravi Talkies square (1000sqft. SBA) 2nd floor, Lewis Road side, sale- 7978584549. D-68120

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115




300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67236




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Experience full body massage with us (expert). Call: 7377048581, 06742597822. D-68110


Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Newly open full body Massage ladies and gents full service- 7609923705. D-38564




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-68116

### ଜନ୍ମଦିନ ଶୁଭେଚ୍ଛା




ଶ୍ରେୟାଂଶୁ ତ୍ରିପାଠୀ
(ଆୟାନ)
ନହରକଣ୍ଟା
ତୋର ୩ୟ ଜନ୍ମଦିନରେ ଶ୍ରୀଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ତୋତେ ଏକ ଭଲ ମଣିଷ କରି ଗଢ଼ିବା ସଙ୍ଗେ ସଙ୍ଗେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
**ଶୁଭେଚ୍ଛା ସହ**
ମାମା, ପାପା, ଜେଜେ, ଜେଜେମା', ବଡ଼ପାପା, ବଡ଼ମାମା, ଆଇ, ଅଜା, ମାମୁ, ମାଇଁ, ମାଉସୀ, ପିଉସା, ପିଉସୀ, ବାପୁନ୍, ଗୁଡ୍ଡୁ, ମାମାଲି, କାହ୍ନା, ଲିଟୁଲ୍।
ଧ-୧୪୬୦୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

## ୩୯ତମ ବିଶ୍ୱ କବି ସମ୍ମିଳନୀ ଉଦ୍‌ଯାପିତ

# ଦୟା କବିତାର ମୂଳମନ୍ତ୍ର



୩୯ତମ ବିଶ୍ୱ କବି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ ଅନ୍ୟ ଅତିଥିମାନେ ଆନ୍ଥୋଲୋଜି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଦୟା ହେଉଛି ଜୀବନର ସବୁଠାରୁ ବଡ଼ ବିଚାର। ଦୟା କବିତାର ମୂଳମନ୍ତ୍ର। ଯେବେ ଦୟା କବିତା ଦ୍ୱାରା ପ୍ରସାରିତ ହୋଇଥାଏ, ସେତେବେଳେ କବିତା ବିଶ୍ୱରେ ପରିବର୍ତ୍ତନ ଆଣିପାରିଥାଏ। ଦୟା ଆମ ସମସ୍ତଙ୍କ ମଧ୍ୟରେ ରହିଛି, କିନ୍ତୁ ଆମେ ଏହାକୁ ଅନୁଭବ କରି ଅଭ୍ୟାସରେ ପରିଣତ କରିବା ଉଚିତ। କବିତା ମନର ଗଭୀର ଭାବନାକୁ ପରିପ୍ରକାଶ କରିବା ସହ ଆଶ୍ଚର୍ଯ୍ୟଜନକ ପ୍ରତିଛବି ସୃଷ୍ଟି କରିଥାଏ। ସମାଜରେ ଭାଇଚାରା ସୃଷ୍ଟି କରିବା ସହ ସମସ୍ତଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବାରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ କବିତା ନୁହେଁ ସାହିତ୍ୟ, କଳା, ସଙ୍ଗୀତ ଏବଂ ନୃତ୍ୟ ଶାନ୍ତି ଓ ଖୁସି ଆଣିଥାଏ ବୋଲି ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି।

ରବିବାର କିଟ୍ ପରିସରରେ ୩୯ତମ ବିଶ୍ୱ କବି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ନାଇଡୁ କହିଥିଲେ ଯେ, ଓଡ଼ିଶାକୁ ଆସି ମୁଁ ବହୁ ଆନନ୍ଦିତ। ଓଡ଼ିଶାରେ ଚଳିତବର୍ଷ ବିଶ୍ୱ କବି ସମ୍ମିଳନୀ ଅନୁଷ୍ଠିତ ହେବା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। କବିତା ମାଧ୍ୟମରେ ଭ୍ରାତୃତ୍ୱଭାବ ଓ ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ୩୯ତମ କବି ସମ୍ମିଳନୀର ସଭାପତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ବେଶ ପ୍ରଶଂସନୀୟ। ତାଙ୍କର ଏହି ଦୂରଦୃଷ୍ଟି ଯୋଗୁ ଏଠାରେ ବିଭିନ୍ନ ଦେଶର କବିମାନଙ୍କର ବିଚାରଧାରା, ଭାଷା, ଶବ୍ଦ, ତାଳ ଓ ଲୟର ସମନ୍ୱୟ ଦେଖାଦେଇଛି ବୋଲି ସେ କହିଥିଲେ।

ଉତ୍ସବରେ ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ କହିଥିଲେ, ଓଡ଼ିଶା ହେଉଛି ସ୍ୱର୍ଗୀୟ ଭୂମି। ବିଶ୍ୱର ଆଧ୍ୟାତ୍ମିକ ଗୁରୁ ଏବଂ ଆଧ୍ୟାତ୍ମିକ ଦାର୍ଶନିକଙ୍କ ମତରେ ଏହି ଭୂମିର ମୁକ୍ତି ଦେବାର କ୍ଷମତା ରହିଛି। ଓଡ଼ିଶା ଏଭଳି ଏକ ପୁଣ୍ୟଭୂମି, ଯେଉଁଠି ପ୍ରତ୍ୟେକ ଜଣେଜଣେ ଜଗନ୍ନାଥଙ୍କ ପ୍ରତିନିଧି। ଉତ୍କଳ ଭୂମିର ସବୁଠାରୁ ଅନନ୍ୟ ଦିଗ ହେଉଛି ଏଠାରେ ଜାତି, ଧର୍ମ, ବର୍ଣ୍ଣ ମଧ୍ୟରେ ବିଭେଦ ନାହିଁ। ଏହାଛଡ଼ା ଓଡ଼ିଶା ଲୋକମାନଙ୍କ ଭଲପାଇବା, ଦୟାଭାବ ଓ ସରଳ ସ୍ୱଭାବ ଏହାକୁ ଆହୁରି ବୁଦ୍ଧିମନ୍ତ କରିଛି। ଶ୍ରୀ ଜଗନ୍ନାଥ ସ୍ୱୟଂ ହେଉଛନ୍ତି ଜଣେ କବି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଶ୍ୱ କବି ସମ୍ମିଳନୀର ସଭାପତି ଡ. ମାଉରସ ୟଙ୍ଗ ପ୍ରମୁଖ ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୩୯ତମ କବି ସମ୍ମିଳନୀର ସଭାପତି ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର୍‌ର ପ୍ରଥମ ଉପସଭାପତି ପ୍ରଫେସର ଅର୍ନେଷ୍ଟୋ କାହାନ, ସାଧାରଣ ସମ୍ପାଦକ ଡ. ମାରିଆ ୟୁଜେନିଆ ସୋବେରାନିସ,



ଉପସ୍ଥିତ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

ଓଡ଼ିଶା ପର୍ଯ୍ୟଟନ, ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କୁ ବିଶ୍ୱ କବି ସମ୍ମିଳନୀର ସର୍ବୋଚ୍ଚ ସମ୍ମାନ 'ଗୋଲ୍‌ଡେନ୍ ଗ୍ୟାବେଲ୍' ପ୍ରଦାନ କରାଯାଇଥିବା ବେଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଶିଷ୍ଟ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, କବି ଡ. ପ୍ରସନ୍ନ ପାଟଶାଣୀଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଅଫ୍ ଲିଟରେଚର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଯୁବ ଲେଖିକା ଅନନ୍ତିନୀ ମିଶ୍ରଙ୍କୁ ତାଙ୍କ ପୁସ୍ତକ 'ଟ୍ରେଜର୍ ଅଫ୍ ଶର୍ଟ ଷ୍ଟୋରିଜ୍' ଏବଂ ଆମ୍ବିକା ପଟ୍ଟନାୟକଙ୍କୁ ତାଙ୍କ ପୁସ୍ତକ 'ଦ ଜର୍ନି ଅଫ୍ ଥାଉଜେଣ୍ଡ ମାଇଲ୍‌ସ' ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ବାପ, ପୁଅଙ୍କୁ ଛୁରାମାଡ଼: ପୁଅ ମୃତ

- ଉତ୍ତ୍ୟକ୍ତ ଲୋକଙ୍କ ୩ଘଣ୍ଟା ରାସ୍ତା ଅବରୋଧ
- ଅଭିଯୁକ୍ତମାନେ ବ୍ୟବହାର କରିଥିବା କାର ଜବତ

କାକଟପୁର, ୬।୧୦(ଡି.ଏନ୍.ଏ.)

ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶନିବାର ରାତିରେ ପୂର୍ବ ଶତ୍ରୁତାରୁ ବାପ, ପୁଅଙ୍କୁ ଛୁରାମାଡ଼ ହୋଇଛି। ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବାବେଳେ ବାପା ଏବଂ ପୁଅର ଜଣେ ସାଙ୍ଗ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ଅଠତିରା ଗ୍ରାମର ଦିଲୀପ ସ୍ୱାଇଁ(୩୧) ଏବଂ ଆହତମାନେ ହେଲେ ଦିଲୀପଙ୍କ ବାପା ସାଧୁ ଓ ତାଙ୍କ ସାଙ୍ଗ ବିପିନ ମୁଦୁଲି। ଏନେଇ ମୃତକଙ୍କ ପରିବାର ପକ୍ଷରୁ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ୯୯/୧୯ରେ ପୋଲିସ ମାମଲା ରୁଜୁକରିଛି। ଘଟଣାରେ ୨ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଆଇଆଇସି ଶରତ କୁମାର ନାୟକ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସାଧୁଙ୍କ ପରିବାର ସହିତ ସ୍ଥାନୀୟ ଅଞ୍ଚଳର ଜଣେ ଅସାମାଜିକ ଯୁବକଙ୍କର ପୂର୍ବରୁ ଶତ୍ରୁତା ରହିଥିଲା। ଶନିବାର ବିଳମ୍ବିତ ରାତିରେ ଆଳସାହି ଛକଠାରେ ସାଧୁ ଠିଆ ହୋଇଥିବାବେଳେ ହଠାତ୍ ୫ଜଣ ଯୁବକ ଏକ କାର୍‌ରେ ଆସି ସାଧୁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ।




# ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ଇନ୍ଦ୍ରଜିତ ମହାନ୍ତି



ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଇନ୍ଦ୍ରଜିତ ମହାନ୍ତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଉଛନ୍ତି ରାଜ୍ୟପାଳ କଲରାଜ ମିଶ୍ର।

ଜୟପୁର,୬।୧୦(ପି.ଟି.)

ଜଷ୍ଟିସ୍ ଇନ୍ଦ୍ରଜିତ ମହାନ୍ତି ରବିବାର ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି। ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର ଜୟପୁରସ୍ଥିତ ରାଜଭବନରେ ଆୟୋଜିତ ଏକ ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାରି କରିଥିବା ନିଯୁକ୍ତିପତ୍ରକୁ ମୁଖ୍ୟ ଶାସନ ସଚିବ ଡି.ବି. ଗୁପ୍ତା ପଢ଼ିବା ପରେ ୩୭ତମ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଷ୍ଟିସ୍ ମହାନ୍ତି ଇଂଲିଶ୍‌ରେ ଶପଥ ନେଇଥିଲେ। ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ବିଧାନସଭା ବାଚସ୍ପତି ସି.ପି. ଜୋଷୀଙ୍କ ସମେତ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ଓଡ଼ିଶା ବାର୍ ଆସୋସିଏଶନ୍ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

ମୋ'ର ମଧ
ଅଧିକାର ଅଛି...



ଶିଶୁଙ୍କୁ ସୁରକ୍ଷା ଏବଂ ଶୋଷଣ, ନିର୍ଯ୍ୟାତନା ଓ ଅବହେଳାରୁ ଦୁରେଇ ରଖିବା ପାଇଁ କାର୍ଯ୍ୟକାରୀ

**ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା**

DSPL-98

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାରେ ୧୮ ବର୍ଷରୁ କମ ବୟସର ଶିଶୁମାନଙ୍କର ସୁରକ୍ଷା ନିମନ୍ତେ ଏହି ଯୋଜନାଟି କାର୍ଯ୍ୟକାରୀ ହେଉଅଛି।

ଏହି ଯୋଜନା ଅନ୍ତର୍ଗତ ବ୍ୟବସ୍ଥାର ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ :

- ଅସୁରକ୍ଷିତ ବା ବିପଦ ଶଙ୍କୁଳ ଅବସ୍ଥାରେ / ଆଇନ ସହ ଦ୍ୱନ୍ଦ୍ୱରେ ଥିବା ୧୮ ବର୍ଷରୁ କମ ବୟସର ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ କମିଟି, କିଶୋର ନ୍ୟାୟ ବୋର୍ଡ଼, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ କିମ୍ବା ପୋଲିସ (ଦେୟମୁକ୍ତ ହେଲ୍ପ ଲାଇନ ନମ୍ବର ୧୦୦) କୁ ଯୋଗାଯୋଗ କରିପାରିବେ।
- ଆଇନଗତ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ସବିଶେଷ ସୂଚନା ନିମନ୍ତେ ରାଜ୍ୟରେ ଥିବା ରାଜ୍ୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବଳ ଏଜେନସି (SARA) କୁ ୦୬୭୪-୨୩୫୩୦୪୯ ନମ୍ବରରେ ଯୋଗାଯୋଗ କରିପାରିବେ କିମ୍ବା ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କ ନାମ ଅନଲାଇନ ମାଧ୍ୟମରେ www.cara.nic.in ଅଧୀନରେ 'CARINGS' ଦ୍ୱାରା ନାମ ପଞ୍ଜୀକରଣ କରିପାରିବେ।
- ୧୮ ବର୍ଷରୁ କମ ବୟସର ଯେ କୋଣସି ଶିଶୁର ଅଧିକାର ଉଲ୍ଲଂଘନ ହେବାର ନଜରକୁ ଆସିଲେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କର ୧୮୦୦-୩୪୫-୪୪୯୪(ଦେୟମୁକ୍ତ) ନମ୍ବରରେ ଯୋଗାଯୋଗ କରିପାରିବେ।
- ଶିଶୁମାନଙ୍କର ଯୌନ ଶୋଷଣ ଆଶଙ୍କାକୁ ଦୂର କରିବା ପାଇଁ ଏବଂ ଏଥିରୁ ସୁରକ୍ଷା ଓ ସଚେତନତା ନିମନ୍ତେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା ପରିଚାଳିତ (NCPCR) POCSO E -BOX ଉପଯୋଗ କରିପାରିବେ।
- ଏତଦ ବ୍ୟତୀତ ଶିଶୁମାନଙ୍କ ନିମିତ୍ତ ଅନ୍ୟାନ୍ୟ ଆନୁଷ୍ଠାନିକ ଯତ୍ନ ବ୍ୟବସ୍ଥା, ଯଥା, ନିରାପଦ ମୁକ୍ତ ଆଶ୍ରୟସ୍ଥଳୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଶିଶୁ ଯତ୍ନ ଅନୁଷ୍ଠାନ ଜିଲ୍ଲାରେ କାର୍ଯ୍ୟକାରୀ କରୁଅଛି।
- ହଜିଥିବା କିମ୍ବା ପାଇଥିବା ଶିଶୁଟି ସମ୍ପର୍କରେ khoyapaya.gov.in ରେ ଆବଶ୍ୟକ ତଥ୍ୟ ଦରଜ କରନ୍ତୁ ଓ ଶିଶୁଟିକୁ ଠାବ କରିବାରେ ସହାୟତା କରନ୍ତୁ।

ଉପରୋକ୍ତ ସମସ୍ତ ବିଷୟରେ ଅଧିକ ସୂଚନା ପାଇଁ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ୱେବସାଇଟ www.oscps.nic.in ରେ ଲଗଇନ କରନ୍ତୁ।

ଶିଶୁଟିଏ ବିପଦରେ ଥିଲେ/ଅସୁବିଧାରେ ଥିଲେ ଫୋନ କରନ୍ତୁ ୧୦୯୮ (ଦେୟମୁକ୍ତ)

ଓଡ଼ିଶା ସରକାର
ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି

33014/13/0003/1920

# ‘ବିକାଶ’ ଲାଗି ଜିଦି

କିଛିବର୍ଷ ଧରି ଭାରତରେ ‘ବିକାଶ’ ଏକ ଚର୍ଚ୍ଚିତ ଶବ୍ଦ ରହିଆସିଛି। ଯେଉଁଠାରେ ଅସଙ୍ଗତି ଦେଖାଦେଉଛି ବା ସମାଲୋଚନା କଲା ଭଳି ପରିସ୍ଥିତି ଉପୁଜୁଛି, ସେଠାରେ ‘ବିକାଶ’ ନାମରେ ସବୁକିଛି ଅତିକ୍ରମ କରାଯିବା ଲାଗି ପ୍ରୟାସ ହେଉଛି। ଏବେ ପ୍ରଶ୍ନ ହେଲାଣି କାହା ପାଇଁ ହେଉଛି ବିକାଶ। ଏହା ମଣିଷ ସକାଶେ ହେଉଛି ନା କଳକାରଖାନା, ଗାଡ଼ିମୋଟର, ରାସ୍ତାଘାଟ ଭଳି ଭିତ୍ତିଭୂମି ତିଆରି ପାଇଁ ଉଦ୍ଦିଷ୍ଟ। ଏହାର ସନ୍ତୋଷଜନକ ଉତ୍ତର କାହାରିକୁ ମିଳିପାରୁ ନାହିଁ। ଫଳରେ ସମସ୍ତେ ଏକ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରୁଛନ୍ତି।

ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇର ଆରେ ଅଞ୍ଚଳରେ ଏବେ ଏକ ବିଷମ ପରିସ୍ଥିତି ଉପୁଜିଛି। ଉତ୍ତର ମୁମ୍ବାଇର ଆରେ ହେଉଛି ସବୁଜିମାଭର୍ତ୍ତି ଏକ ଅଞ୍ଚଳ। ମୁମ୍ବାଇ ମେଟ୍ରୋ ରେଲ୍ କର୍ପୋରେଶନ (ଏମ୍‌ଏମ୍‌ଆର୍‌ସି) ବିକାଶମୂଳକ ପ୍ରକଳ୍ପ ଭାବେ କାର୍ ଶେଡ୍ ବା କାର୍ ରହଣିସ୍ଥଳ ନିର୍ମାଣ ନେଇ ସେଠାରେ ଥିବା ୨,୭୦୦ ଗଛ କାଟିବାକୁ ନିଷ୍ପତ୍ତି ନେଇଛି। ଏହାକୁ ବିରୋଧ କରି କରାଯାଇଥିବା ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିଦେବା ପରେ ଏମ୍‌ଏମ୍‌ଆର୍‌ସି ଅଦ୍ୟାବଧି ୧,୫୦୦ରୁ ଊର୍ଦ୍ଧ୍ୱ ଗଛ କାଟି ସାରିଲାଣି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ୧୪୪ ଧାରା ଜାରି କରିଛି। ପ୍ରତିବାଦକାରୀ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରିବାରୁ ପୋଲିସ ୨୯ ଜଣଙ୍କୁ ଗିରଫ କରି ଛାଡ଼ିଦେଇଛି। ଚଳିତ ମାସରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଥିବାରୁ ରାଜନୈତିକ ଦଳଗୁଡ଼ିକ ଏହାକୁ ପ୍ରସଙ୍ଗ କରିସାରିଲେଣି। ଏହି ପ୍ରସଙ୍ଗ କାହା ପାଇଁ ଲାଭଦାୟକ ହେବ ତାହା ପଛ କଥା। ଯେଉଁଭଳି ଭାବେ କୋର୍ଟ ଆବେଦନକାରୀଙ୍କ ଆବେଦନକୁ ଖାରଜ କଲେ ଓ ତତ୍‌କ୍ଷଣାତ୍ ପ୍ରଶାସନ ତତ୍ପର ହୋଇ ଗଛଗୁଡ଼ିକୁ କାଟି ପକା କରିଦେଲା, ସେଥିରୁ ଗୋଟିଏ କଥା ବୁଝି ହେଉଛି ଯେ ସିଂହାସନରେ ବସିଥିବା ବ୍ୟକ୍ତିଙ୍କୁ ‘ବିକାଶ’ ନିଶା ଘାରିଛି। ଏଥିସହିତ ଏହା ମଧ୍ୟ ସ୍ପଷ୍ଟ ବୁଝାପଡୁଛି ଯେ, ନ୍ୟାୟାଳୟରେ ବିଚାରପତିମାନେ କ୍ଷମତାସୀନ ରାଜନୈତିକ ଦଳକୁ କୌଣସି ଭାବେ ଚିଡ଼ାଇବାକୁ ଇଚ୍ଛା କରୁନାହାନ୍ତି। ଫଳସ୍ୱରୂପ ଜନସାଧାରଣଙ୍କ ମତ ମଳିନ ପଡ଼ିଯାଉଛି। କାର୍ ଶେଡ୍ ନିର୍ମାଣ ଦ୍ୱାରା ଏମ୍‌ଏମ୍‌ଆର୍‌ସି ଉପକୃତ ହୋଇପାରେ। କିନ୍ତୁ ଏଥିପାଇଁ ଅସଂଖ୍ୟ ଗଛକୁ ନଷ୍ଟ କରିଦିଆଯିବା ଦ୍ୱାରା ପ୍ରକୃତିର କ୍ରୋଧ କେତେ ଯେ ବଢ଼ିଯିବ, ତାହାକୁ ଉପର ସ୍ତରରେ ବସିଥିବା ବ୍ୟକ୍ତିମାନେ ହୃଦୟଙ୍ଗମ କରିପାରୁନାହାନ୍ତି। ଏମ୍‌ଏମ୍‌ଆର୍‌ସି କହିଛି ଯେ, ଯେତିକି ଗଛ କଟାଯାଉଛି, ତାହାର ୫ ଗୁଣା ଲଗାଯିବ। ଏଭଳି ବାହୁସ୍ଫୋଟ ମାରିବାରେ କର୍ତ୍ତୃପକ୍ଷଙ୍କୁ ରୋକାଯାଇପାରେ ନାହିଁ। ମାତ୍ର ଗଛଟିଏ କାଟିଦେବା ଯେତିକି ସହଜ ହୋଇଥାଏ, ଚାରାଟିଏ ବଢ଼ାଇ ଗଛ କରିବା ଅତ୍ୟନ୍ତ କଠିନ ବ୍ୟାପାର ଓ ସମୟସାପେକ୍ଷ। ପରିବେଶ ଚିନ୍ତା ବିଶ୍ୱବ୍ୟାପୀ ଲୋକଙ୍କୁ ଘାରୁଥିବା ବେଳେ ଆରେର ସ୍ଥାନୀୟ ପ୍ରଶାସନକୁ ଏହା ବ୍ୟଥିତ ନ କରିବା ଦୁଃଖର ବିଷୟ।

ସମସ୍ତେ ଜାଣନ୍ତି, ମୁମ୍ବାଇ ବିଗତ କିଛି ବର୍ଷ ହେବ ବର୍ଷାଋତୁରେ ପ୍ରବଳ ବୃଷ୍ଟିପାତ ଯୋଗୁ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଛି। ୨୦୧୯ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବର୍ଷା ଯୋଗୁ ଉକ୍ତ ମହାନଗର ନିଗମ ଅବସ୍ଥା ଯେଭଳି ରୂପ ଧାରଣ କରିଥିଲା, ତାହା ଭୁକ୍ତଭୋଗୀଙ୍କୁ ଜଣା। ଦୂରରେ ଥିଲେ ମଧ୍ୟ ଗଣମାଧ୍ୟମରୁ ମୁମ୍ବାଇ ଲୋକଙ୍କ ଦୁର୍ଦ୍ଦଶା ଆମେ ହୃଦୟଙ୍ଗମ କରିପାରୁଛେ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏଭଳି ଅସ୍ୱାଭାବିକ ବୃଷ୍ଟିପାତ ଲାଗି ଜଳବାୟୁ ପରିବର୍ତ୍ତନକୁ ଏକ କାରଣ ଭାବେ ଦର୍ଶାଇଛି। ଏଥିସହିତ ମୁମ୍ବାଇର ଅଧିକାଂଶ ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଓ ବନ୍ୟାପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଲୋକଙ୍କ ଘରଦ୍ୱାରରେ ପାଣି ପଶିଯିବା ସହିତ ଧନଜୀବନ ହାନି କରୁଛି। ଏଠାରେ ମନେପଡ଼େ ଜୁନ୍ ୨୦୧୩ରେ ଉତ୍ତରାଖଣ୍ଡରେ ପ୍ରକୃତି ରଚିଥିବା ତାଣ୍ଡବ ବିଷୟ । ବାଦଲଫଟା ବର୍ଷା ଓ ବନ୍ୟା ଯୋଗୁ ସେହି ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପରେ ଜଣାପଡ଼ିଥିଲା ଯେ, ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ପର୍ଯ୍ୟଟନର ବିକାଶ ଲାଗି ରାସ୍ତା ନିର୍ମାଣ ଯୋଗୁ ବ୍ୟାପକ ଗଛ କଟା ହୋଇଥିଲା। ଫଳରେ ପାଣିର ସ୍ରୋତକୁ ଅଟକାଇବା ଓ ମାଟିକୁ ଜାବୁଡ଼ି ଧରିବା ଲାଗି ଗଛ ଯେଉଁ ଭୂମିକା ନିଭାଇଥାଏ, ତାହାର ଅଭାବ ଦେଖାଦେଲା। ଏବେ ଆରେ ଅଞ୍ଚଳରେ ଗଛ କାଟି ବିକାଶମୂଳକ ପ୍ରକଳ୍ପ କରିବାକୁ ଚାହୁଁଥିବା ସଂସ୍ଥା ଓ କର୍ତ୍ତୃପକ୍ଷ ଉତ୍ତରାଖଣ୍ଡ ପ୍ରଳୟରୁ ଶିକ୍ଷା ଗ୍ରହଣ କରିବା ଉଚିତ ଥିଲା।

ଏଭଳି ପରିପ୍ରେକ୍ଷୀରେ ଓଡ଼ିଶାର ଢେଙ୍କାନାଳ ଜିଲା ବଳରାମପୁର ଅଞ୍ଚଳରେ ଏକ ମଦ କାରଖାନା ନିର୍ମାଣ ଲାଗି ୨୦୧୮ ନଭେମ୍ବରରେ ଅନେକ ଗଛ କାଟିବାର ଉଦ୍ୟମ ହୋଇଥିଲା। ସେଥିରୁ କେତେକ ଗଛ ମଧ୍ୟ କଟା ସରିଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଗୁ ସେହି କାର୍ଯ୍ୟକୁ ବନ୍ଦ କରି ଦିଆଯାଇପାରିଲା। ମଦ କାରଖାନା ସ୍ଥାପନ ଅଧିକ ଗୁରୁତ୍ୱ ଧାରଣ କରେ ନା ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ ପରିବେଶ ସୁରକ୍ଷା ବେଶି ଜରୁରୀ, ସେ ସମ୍ପର୍କରେ ପ୍ରଶ୍ନ ଉଠିଥିଲା।

ବର୍ଷା ଯୋଗୁ ମୁମ୍ବାଇ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଥିବାରୁ ସେଠାରେ ପରିବେଶ ସୁରକ୍ଷା ଦିଗରେ ଅଧିକ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡ଼ିଲାଣି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏମିତି ଦେଖିଲେ ଅସ୍ୱାଭାବିକ ବର୍ଷା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ମହାନଗର ନିଗମ ନିଜକୁ ପ୍ରସ୍ତୁତ କରିପାରିନାହିଁ। ଏହି ସମସ୍ୟା କେବଳ ମୁମ୍ବାଇରେ ସୀମିତ ନୁହେଁ, ଓଡ଼ିଶା ସମେତ ଭାରତର ସବୁ ରାଜ୍ୟରେ ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦ ଧ୍ୱଂସ କରିବା ପାଇଁ ‘ବିକାଶ’ର ଆଳ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଯାଉଛି। ସରକାରୀ କ୍ଷମତା, ପୋଲିସ କଳ ପ୍ରୟୋଗ କରି ଜନସାଧାରଣଙ୍କ ମତକୁ ଦମନ କରାଯିବା ଅତ୍ୟନ୍ତ ଅଗଣତାନ୍ତ୍ରିକ। ମୁମ୍ବାଇ ଅଧୀନ ଆରେ ଅଞ୍ଚଳର ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ଗଛକଟା ପ୍ରମାଣ କରିଦେଉଛି ଯେ, ଭାରତ ଏବେ କେବଳ ନାମକୁମାତ୍ର ଗଣତାନ୍ତ୍ରିକ ଦେଶ। ଭୋଟ ବେଳେ ବିଭିନ୍ନ ଉପାୟରେ ସମର୍ଥନ ହାତେଇ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଭାବେ ଜନବିରୋଧୀ ପଦକ୍ଷେପ ନେଉଥିବା ରାଜନେତାମାନେ ଦେଶର ପ୍ରବଳ ଦୀର୍ଘମିଆଦୀ କ୍ଷତି ପହଞ୍ଚାଉଛନ୍ତି। ଏପରି ସ୍ଥଳେ ମଣିଷ ଦ୍ୱାରା କରାଯାଉଥିବା କ୍ଷତି ଭରଣା କରିବା ଆଦୌ ସମ୍ଭବ ହେବ ନାହିଁ। ଜିଦିରେ ‘ବିକାଶ’ ହୋଇପାରେ, କିନ୍ତୁ ପ୍ରକୃତି ରୋଷ କଲେ ତାହା କ୍ଷଣସ୍ଥାୟୀ ହେବ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | 8 | | 4 | | | D | B | | | | | |
| A | | 6 | | | | B | | | | | | | | |
| C | | | 6 | 5 | | | | 9 | | 0 | D | 4 | | E |
| | | 9 | | | | | | 5 | | | | | | |
| E | 7 | B | | | | | | | 2 | C | | | 6 | |
| | | | 1 | 0 | | | | 7 | | | | D | | 9 |
| D | 9 | | | C | | 3 | | | | | | 1 | 2 | |
| | 4 | | 7 | | | | | | | 6 | 2 | A | | 3 |
| 3 | | | | A | B | | | | 0 | | 5 | C | 8 | |
| 2 | | | | | | | | | A | | 9 | | | B |
| | E | | | | | 6 | | C | | | A | 2 | | |
| 6 | | | D | B | | | | | 3 | 4 | 8 | | | 7 |
| 8 | | 5 | 4 | | | | | | | | | 3 | | |
| B | | C | | | 8 | 2 | A | | | | | | | |
| | | | E | | | | 0 | | 9 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 3 | C | B | A | 4 | 5 | 8 | 2 | 7 | 1 | 6 | E | D | 0 |
| A | E | 1 | 5 | 8 | C | B | 6 | 4 | 9 | D | 0 | 7 | 2 | 3 |
| 8 | 5 | 2 | D | E | 0 | 3 | 7 | A | 4 | C | B | 1 | 6 | 9 |
| B | 6 | 4 | 1 | 7 | 3 | 0 | D | 9 | 5 | 2 | E | C | A | 8 |
| 0 | 7 | D | 9 | 6 | 2 | 1 | E | C | A | 3 | 8 | 5 | 4 | B |
| E | 8 | A | 6 | 3 | 1 | 4 | 5 | B | 0 | 9 | 2 | D | 7 | C |
| 3 | 9 | 0 | 4 | B | 5 | D | 1 | 7 | C | 8 | A | 6 | E | 2 |
| D | B | 6 | 0 | 9 | 7 | 2 | C | 8 | 1 | E | 5 | 4 | 3 | A |
| 2 | 1 | 7 | C | D | E | 9 | A | 6 | B | 4 | 3 | 8 | 0 | 5 |
| C | 4 | 5 | A | 2 | 8 | E | 3 | 0 | 6 | 7 | D | 9 | B | 1 |
| 4 | A | E | 2 | 1 | 6 | 8 | 0 | 5 | D | B | 9 | 3 | C | 7 |
| 6 | C | B | 8 | 5 | D | 7 | 2 | 3 | E | A | 1 | 0 | 9 | 4 |
| 7 | 0 | 3 | E | C | 9 | A | B | 1 | 8 | 6 | 4 | 2 | 5 | D |
| 5 | D | 8 | 3 | 4 | A | C | 9 | E | 2 | 0 | 7 | B | 1 | 6 |
| 1 | 2 | 9 | 7 | 0 | B | 6 | 4 | D | 3 | 5 | C | A | 8 | E |

ଗତକାଲିର ଉତ୍ତର

# ବିପଦ ଚିହ୍ନିଲେ ବିପର୍ଯ୍ୟୟ ନାହିଁ



## ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

‘ଫାଇଲିନ’ ବାତ୍ୟାର ‘ସଫଳ’ ମୁକାବିଲା ପାଇଁ ଜାତିସଂଘ ଓଡ଼ିଶା ସରକାରଙ୍କୁ ବାହାବା କରିଥିଲା। ଏବେ ‘ଫୋନି’ ବାତ୍ୟାର ‘ସଫଳ’ ମୁକାବିଲା କରିଥିବାରୁ ନ୍ୟାଶ୍‌ନାଲ ଜିଓଗ୍ରାଫିକ ଚ୍ୟାନେଲ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ତାହା ଉପରେ ବୃତ୍ତଚିତ୍ର ପ୍ରସ୍ତୁତ କରିଛି। ଏହି ଦୁଇ ବାତ୍ୟା ମଝିରେ ‘ତିତ୍‌ଲି’ ବାତ୍ୟା ପରର ପ୍ରଥମ କିଛିଦିନ, ଯେତେ ଦିନ ପର୍ଯ୍ୟନ୍ତ ଭୟଙ୍କର ଭୂସ୍ଖଳନ ଓ ମୃତ୍ୟୁର ଖବର ଆସି ନ ଥିଲା, ସେତେବେଳ ଯାଏ ମଧ୍ୟ ଓଡ଼ିଶା ସରକାର କିଛି ସାବାସି ଗୋଟାଇ ସାରିଥିଲେ। ଏହି ସମସ୍ତ ବାତ୍ୟାର କ୍ଷତିକୁ ୧୯୯୯ ମସିହାର ମହାବାତ୍ୟାରେ ହୋଇଥିବା ବ୍ୟାପକ ଜୀବନହାନି ସହିତ ତୁଳନା କରାଯାଇ ସରକାର ବାତ୍ୟାର ସଫଳ ମୁକାବିଲା କରିଛନ୍ତି ବୋଲି କୁହାଯାଇଥିଲା। ୧୯୯୯ ମସିହା ଓ ଆଜି ମଧ୍ୟରେ ଅନେକ ଉନ୍ନତି ଅବଶ୍ୟ ହୋଇଛି। ରାସ୍ତାଘାଟ ପ୍ରଶସ୍ତ ଓ ଉଚ୍ଚ ହୋଇଛି, ଲୋକଙ୍କ ରହିବା ଘର ଅଧିକ ସୁଦୃଢ ହୋଇଛି। ଲୋକେ ବାତ୍ୟାର ବିପଦ ଉପରେ ଅଧିକ ଖବର ରଖୁଛନ୍ତି। ଗଣମାଧ୍ୟମ ଏହାକୁ ବଡ ଖବର କରୁଛନ୍ତି ଓ ସାମାଜିକ ଗଣମାଧ୍ୟମ ଏକ ବଡ ଭୂମିକା ତୁଲାଉଛି। ପାଣିପାଗ ବିଭାଗ ଅଧିକ ସକ୍ଷମ ହୋଇଛି। ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଓ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଭଳି ସଂସ୍ଥା ପ୍ରଭାବଶାଳୀ ଭୂମିକାର ଉଦାହରଣ ଦେଇଛନ୍ତି। ଏନ.ଡି.ଆର୍.ଏଫ. ଓ ଓଡ୍ରାଫ ଭଳି ସଂସ୍ଥା ତିଆରି ହୋଇଛନ୍ତି ଓ ପ୍ରଶଂସନୀୟ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ବାତ୍ୟାର ସୂଚନା ମିଳିଲେ ସରକାର ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ହଟାଇବାର ପ୍ରଶଂସନୀୟ ଉଦ୍ୟମ ଅବଶ୍ୟ କରିଛନ୍ତି। ଲୋକେ ନିଜେ ମଧ୍ୟ ବାତ୍ୟା ପ୍ରତି ସଜାଗ ରହି ନିଜକୁ ସୁରକ୍ଷିତ ରଖିବାରେ ଅନେକ ପରିଶ୍ରମ କରିଛନ୍ତି। ତେଣୁ, ବିପଦର ପୂର୍ବାନୁମାନ, ଅନେକ ଭିତ୍ତିଭୂମି, ତଥା ଲୋକଙ୍କୁ ବିପଦମୁକ୍ତ ରଖିବା ପାଇଁ ସରକାରୀ ଓ ନିଜସ୍ୱ ପ୍ରଚେଷ୍ଟା ୧୯୯୯ ମସିହା ତୁଳନାରେ କାହିଁରେ କେତେ ବୃଦ୍ଧି ପାଇଛି।

୧୯୯୯ ମସିହାର ବାତ୍ୟା ତୁଳନାରେ ପରବର୍ତ୍ତୀ ସମୟର ବାତ୍ୟାକୁ ଖୁବ୍ ସଫଳ ଭାବରେ ମୁକାବିଲା କରାଯାଇଥିବାରୁ ଜୀବନହାନି ଓ କ୍ଷୟକ୍ଷତି ଯଥେଷ୍ଟ ହ୍ରାସ ପାଇଛି ଏବଂ ଆମେ ‘ଜିରୋ କାଜୁଆଲ୍‌ଟି’କୁ ହାସଲ କରିବାର ପ୍ରାୟ ନିକଟବର୍ତ୍ତୀ ହୋଇସାରିଲୁଣି ବୋଲି କୁହାଯାଉଛି। ଏଥିରେ ଅବଶ୍ୟ କିଛି ସତ୍ୟତା ଅଛି, କିନ୍ତୁ ଏହା ଆଦୌ ପୂରା ସତ ନୁହେଁ। ଏହି ତିନିଟି ଯାକ ବାତ୍ୟା ୧୯୯୯ ମହାବାତ୍ୟାର ବିକଟାଳ ସ୍ୱରୂପ ତୁଳନାରେ ଖୁବ୍ ସାନ ଥିଲା। କେବଳ ପବନର ବେଗ ନୁହେଁ, ପ୍ରବଳ ବର୍ଷା ଓ ସାମୁଦ୍ରିକ ଢେଉର ଉଗ୍ରତା ୧୯୯୯ର ମହାବାତ୍ୟାରେ ଅନେକ ବୀଭତ୍ସ ଥିଲା। ଫାଇଲିନ ବାତ୍ୟା ଅବଶ୍ୟ ରାତି ୯ଟାରେ ଉପକୂଳ ମାଡ଼ିଥିଲା। କିନ୍ତୁ ତିତିଲି ଓ ଫନୀ ବାତ୍ୟା ସକାଳ ସମୟରେ ଉପକୂଳ ଛୁଇଁଥିଲେ। ଅନ୍ୟ ଭାବରେ କହିଲେ ଲୋକେ ଚେଇଁଥିଲେ। ଫନୀ ବାତ୍ୟା ଗ୍ରୀଷ୍ମ ଋତୁର ପ୍ରାବଲ୍ୟ ସମୟରେ ଆସିଥିଲା। ସବୁ ଅଞ୍ଚଳ ଶୁଷ୍କ ଥିଲା। ବର୍ଷା ବି ପ୍ରାୟ ହୋଇ ନ ଥିଲା କହିଲେ ଚଳେ। ତଥାପି ସମସ୍ତ ବାତ୍ୟାରେ ଜୀବନ ଯାଇଛି, ଭିତ୍ତିଭୂମି ଓ ରୋଜଗାର ବିପର୍ଯ୍ୟସ୍ତ ହୋଇଛି ଓ ଭୟଙ୍କର ମାନବିକ ଦୁଃସ୍ଥତା ଦେଖିବାକୁ ମିଳିଛି। ଏହି ନିରାଟ ସତ୍ୟକୁ ଆମକୁ ଉପଲବ୍ଧି କରିବାକୁ ହେବ ଯେ ଏହା ମଧ୍ୟରୁ କୌଣସି ବି ବାତ୍ୟା ୧୯୯୯ ମହାବାତ୍ୟାର ବିକଟତାର ନିକଟ ନ ଥିଲେ। ଫନୀରେ ମହାବାତ୍ୟା ଭଳି ବର୍ଷା ହୋଇଥିଲେ ସ୍ଥିତି କ’ଣ ହୋଇଥାନ୍ତା ତାହା ପ୍ରାୟ ସମସ୍ତେ ଅନୁମାନ କରିପାରୁଛନ୍ତି। ଏଠାରେ ମୁଁ କେବଳ କିଛି ବାତ୍ୟାର ଉଦାହରଣ ଦେଇଛି, କିନ୍ତୁ ଓଡ଼ିଶା ଅନେକ ପ୍ରକାର ପ୍ରାକୃତିକ ବିପଦର କ୍ରୀଡ଼ାସ୍ଥଳୀ। ବନ୍ୟା, ମରୁଡ଼ି, ସୁନାମି, ଗ୍ରୀଷ୍ମ ଝାଞ୍ଜି, ଭୂସ୍ଖଳନ, ବଜ୍ରପାତ, ଅଗ୍ନିକାଣ୍ଡ ଏବଂ ଏପରିକି ଭୂମିକମ୍ପର ବିପଦ ଖୁବ୍ ଅଧିକ ରହିଛି। ଏହି ସବୁ ପ୍ରାକୃତିକ ବିପଦ ସହ ଓଡ଼ିଶାରେ ଔଦ୍ୟୋଗିକ, ରାସାୟନିକ ଓ ସହରୀ ବିପଦର ପ୍ରାବଲ୍ୟ ଅନେକ ବଢିଛି ଓ ଆଗକୁ ଆହୁରି ବଢିବାର ଆଶଙ୍କା ରହିଛି। ଜଳବାୟୁରେ ପରିବର୍ତ୍ତନ ବିପଦର ସ୍ୱରୂପ ଓ ପ୍ରାବଲ୍ୟକୁ ଆହୁରି ତେଜାଉଛି। ତେଣୁ ବିପଦ ଓ ବିପଦକୁ ପ୍ରତିହତ କରିବାରେ ଆମର କ୍ଷମତା ଓ ସଚେତନତାକୁ ଏକ ଭିନ୍ନ ସ୍ତରକୁ ନେବା ପାଇଁ ଏହା ଯଥେଷ୍ଟ ଖୋରାକ ଯୋଗାଏ। ଓଡ଼ିଶା ଓ ଭାରତ ପ୍ରାକୃତିକ ବିପର୍ଯ୍ୟୟକୁ ପରିଚାଳନା କରିବାରେ ଅବଶ୍ୟ ଅନେକ ପ୍ରଗତି କରିଛନ୍ତି କିନ୍ତୁ ‘ବିପଦ’କୁ ବିପର୍ଯ୍ୟୟ ସୃଷ୍ଟି କରିବାରୁ ରୋକିବାରେ ଅନେକ କିଛି କରିବାର ଅଛି। ବିପଦ ତ ନିଶ୍ଚୟ ରହିବ କିନ୍ତୁ ବିପଦକୁ ବିପର୍ଯ୍ୟୟ ସୃଷ୍ଟି କରିବା ପାଇଁ ନ ଦେବା ହିଁ ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା।

ଭୟଙ୍କର ମହାବାତ୍ୟା, ପ୍ରଳୟଙ୍କରୀ ସୁନାମି ଏବଂ ଅନେକ ବିଧ୍ୱଂସୀ ଭୂମିକମ୍ପ ଓ ବନ୍ୟାର ଶିକାର ହେବା ପରେ ଭାରତ ସରକାର ‘ବିପର୍ଯ୍ୟୟ ପରିଚାଳନା ଅଧିନିୟମ- ୨୦୦୫’ ଆଣିଥିଲେ। ତେବେ ତାହା ମୁଖ୍ୟତଃ ‘ପରିଚାଳନା’ କୈନ୍ଦ୍ରିକ ହୋଇ ରହିଛି। ୨୦୧୫ ମସିହାରେ ଜାପାନର ସ୍ୱେଣ୍ଡାଇଠାରେ ପୃଥିବୀର ସମସ୍ତ ଦେଶ ପ୍ରତିବଦ୍ଧ ହୋଇଥିଲେ ଯେ ଆମକୁ ‘ପରିଚାଳନା’ରୁ ଆଗକୁ ଯାଇ ‘ବିପର୍ଯ୍ୟୟ’ର ‘ବିପଦ’କୁ ହିଁ ହ୍ରାସ କରିବାର ଆବଶ୍ୟକତା ଅଛି। କେବଳ ଜୀବନହାନିକୁ ନୁହେଁ ଆମକୁ ସମ୍ପତ୍ତିବାଡ଼ି, ଘରଦ୍ୱାର ଓ ଭିତ୍ତିଭୂମିକୁ ମଧ୍ୟ ସୁରକ୍ଷିତ କରିବାର ସମୟ ଆସିଛି। ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଅତି ଜଟିଳ ବା ଅତ୍ୟନ୍ତ ଖର୍ଚ୍ଚବହୁଳ ନୁହେଁ। ଭାରତ ଓ ଓଡ଼ିଶା ସରକାର ମଧ୍ୟ ଏହି ପ୍ରତିବଦ୍ଧତା ଘୋଷଣା କରିଛନ୍ତି। ସରକାର ନିଜର ପ୍ରତିବଦ୍ଧତା ଦେଖାଇଥିଲେ ମଧ୍ୟ ବାସ୍ତବ କାର୍ଯ୍ୟରେ ତାହାର କ୍ୱଚିତ୍ ପ୍ରତିଫଳନ ହୋଇଛି। ସରକାରଙ୍କ ଭିନ୍ନ ଯୋଜନା ଓ ପ୍ରକଳ୍ପରେ ‘ବିପଦ’ର ଅନୁମାନ କରି ବିପଦକୁ ହ୍ରାସ କରିବାର ପଦକ୍ଷେପ ଯୋଡିବାର ନିତାନ୍ତ ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ଗୋଟିଏ ରାସ୍ତା ହୁଏତ ପ୍ରଶସ୍ତ ଓ ଚିକ୍କଣିଆ ହୋଇପାରେ କିନ୍ତୁ ସେହି ରାସ୍ତା ଯଦି ବିପଦର ପୂର୍ବ ଅନୁମାନ ନ କରି ବିପଦକୁ ହ୍ରାସ କରିବାର ପନ୍ଥା ସଂଲଗ୍ନ କରି ନ ଥିବ ତେବେ ତାହା ବିପଦ ହ୍ରାସ କରିବା ତ ଦୂରର କଥା, ବିପଦକୁ ଆହୁରି ବଢାଇବାର ବାଟ ସୁଗମ କରିଦେବ। ଚେନ୍ନାଇ-କୋଲକାତା ରାଷ୍ଟ୍ରୀୟ ରାଜପଥର ‘ଉନ୍ନତୀକରଣ’ ହିଁ ୨୦୧୪ ମସିହାରେ ବାଲେଶ୍ୱରରେ ବନ୍ୟା ପରିସ୍ଥିତିକୁ ଅତି ଭୟଙ୍କର କରିଦେଇଥିଲା। ‘ବିପଦ’କୁ ଅନୁମାନ ନ କରି ସହରମାନଙ୍କରେ ଭିତ୍ତିଭୂମି ଓ କୋଠାବାଡ଼ିର ବିସ୍ତାର ହିଁ ସହରୀ ବିପର୍ଯ୍ୟୟର କାରଣ ହେଉଛି। ଫନୀ ସମୟରେ ହଜାରହଜାର ଲୋକ କୌଣସି ପଡୋଶୀଙ୍କ ଛୋଟ ଅଥଚ ଅଧିକ ସୁରକ୍ଷିତ ଲାଗୁଥିବା ଘରେ ଆଶ୍ରୟ ନେଇଥିଲେ। ସବୁ ଘର ଅଳ୍ପ କିଛି ଉଦ୍ୟମରେ ଅନେକ ସୁରକ୍ଷିତ ହୋଇପାରିବ। ସାମାନ୍ୟ ବାତ୍ୟାରେ ଅନେକ ବିଦ୍ୟାଳୟ କୋଠା କ୍ଷତିଗ୍ରସ୍ତ ହେଉଛି। କାରଣ ସେଗୁଡ଼ିକରେ ବିପଦର ନ୍ୟୂନତମ ବିଚାର ସଂଲଗ୍ନ କରାଯାଇନାହିଁ। ଅନେକ ଫସଲ ଓ ବେପାର ଉଜୁଡି ଯାଉଛି କାରଣ ‘ବିପଦ’କୁ ଚିହ୍ନଟ କରି ଆଗୁଆ ପଦକ୍ଷେପ ଯୋଡ଼ା ଯାଉନାହିଁ। ଫନୀ ବାତ୍ୟା ପରେ ଅନେକ ଅଞ୍ଚଳରେ ମାସମାସ ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ରହିଲା ଏବଂ ରାଜ୍ୟ ରାଜଧାନୀର ବି ଅନେକ ଅଞ୍ଚଳରେ ସପ୍ତାହ ସପ୍ତାହ ଧରି ଲୋକେ ପାଣି ପାଇଁ ଉଦ୍‌ବେଳିତ ହେଲେ। ‘ବିପଦ’କୁ ଆଗୁଆ ଆକଳନ କରି ଭିତ୍ତିଭୂମି ଓ ବ୍ୟବସ୍ଥା ହୋଇଥିଲେ ଅବସ୍ଥା ଏମିତି ଆଦୌ ହୋଇ ନ ଥାନ୍ତା।

ସୁଖର କଥା ଯେ ରାଜ୍ୟସରକାର ‘ବିପଦ’କୁ ଚିହ୍ନଟ କରି ତାହାର ମୁକାବିଲା କରିବା ଓ ତାକୁ ହ୍ରାସ କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ବିପଦକୁ ଜାଣିବା ପରେ କାମରେ ତାହାର ପ୍ରତିଫଳନ ହେଲେ, ବିପର୍ଯ୍ୟୟ ଅନେକ ହ୍ରାସ ହେବା ନିଶ୍ଚିତ। ଓଡ଼ିଶା ସରକାର ଏବେ ଏକ ‘ବିପର୍ଯ୍ୟୟ ବିପଦ ହ୍ରାସ ରୋଡମ୍ୟାପ’ ପ୍ରସ୍ତୁତ କରୁଛନ୍ତି ଯାହା ସେହି ପ୍ରକ୍ରିୟାକୁ ବାଟ କଢାଇବାର ଅନେକ ସମ୍ଭାବନା ରଖେ।

# ଚାମୁଣ୍ଡା ଉପାସନା ଓ ଭାରତ



ଡ. ତ୍ରିନାଥ ପଟ୍ଟନାୟକ

ଚଣ୍ଡମୁଣ୍ଡ ବିଧ୍ୱଂସିନୀ ଚାମୁଣ୍ଡା, ବିଶ୍ୱ ସଂହାରିଣୀ ହେଲେ ସୁଦ୍ଧା ଦେବୀ ଜଗଜ୍ଜନନୀ, କଲ୍ୟାଣମୟୀ ଦୁର୍ଗାରୂପେ ପରିଚିତା, ଦେବୀ ଚଣ୍ଡମୁଣ୍ଡ ମସ୍ତକ ଦୁଇଟି ଦୁଇ ହାତରେ ଧାରଣ କରିଥିବା ଯୋଗୁ ଚାମୁଣ୍ଡା ନାମରେ ବ୍ୟକ୍ତ ହେଲେ। ଚାମୁଣ୍ଡାଙ୍କ ସହିତ ସର୍ବଦା ଆଠଗୋଟି ଚଣ୍ଡୀ ରହିଥାନ୍ତି। ସେମାନେ ହେଲେ- ତ୍ରିପୁରା, ଭୀଷଣା, ଚଣ୍ଡୀ, କର୍ତ୍ତ୍ରୀ, ହନ୍ତ୍ରୀ, ବିଧାତିକା, କରାଳୀ ଓ ପୁଲିନୀ। ବିଭିନ୍ନ ଶାକ୍ତ ଗ୍ରନ୍ଥରେ ମାତୃକା ଚାମୁଣ୍ଡା ଏକାଧାରରେ ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ, ମହାଦୁର୍ଗା, ଯୋଗମାୟା, ମହାକାତ୍ୟାୟିନୀ ଓ ଚଣ୍ଡା। ଏହା ବ୍ୟତୀତ ଦେବୀଙ୍କ ଅନ୍ୟ ଆଠଗୋଟି ନାଁ ମଧ୍ୟ ଅଛି। ଚାମୁଣ୍ଡା ବରଦାୟିନୀ, ଜ୍ଞାନ, ବୁଦ୍ଧି, ବିବେକର ମାର୍ଗ ଦର୍ଶିକା, ଧନଧାନ୍ୟ ପ୍ରଦାୟିନୀ।

ବିକୃତ ରୂପଧାରିଣୀ ଚଣ୍ଡିକାଙ୍କର ବର୍ଣ୍ଣ କଳା, ଦେବୀ ନାଗକୁ ଆଭୂଷଣ ରୂପେ ଧାରଣ କରନ୍ତି, ବଡ଼ ବଡ଼ ଦନ୍ତ, କ୍ଷଣଦେହା, ଆଖି କୋଟରଗତ, ଇଚ୍ଛାନୁସାରେ ରୂପ ଧାରଣ କରନ୍ତି। ଦେବୀଙ୍କର ଦଶଗୋଟି ବାହୁ। ପେଟ ପଶିଯାଇଛି। ଦେବୀ ପ୍ରେତ ଉପରେ ବସିଥାନ୍ତି। ସେ ଡାହାଣ ହାତରେ ମୂଷଳ, ଚକ୍ର, ଚାମର, ଅଙ୍କୁଶ ଓ ଖଡ୍ଗ ତଥା ବାମ ହାତରେ ଢାଲ, ପାଶ, ଧନୁ, ଦଣ୍ଡ ଓ କୁଠାର ଧାରଣ କରିଛନ୍ତି।

ମହାଦେବୀଙ୍କ ଚାମୁଣ୍ଡା ରୂପ ଧାରଣ ବିଷୟରେ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣନା କରାଯାଇଛି- ଇନ୍ଦ୍ରାଦି ଦେବଗଣ ମହାଗୌରୀଙ୍କ ନିକଟରେ ଯୋଡ଼ହସ୍ତରେ ପ୍ରାର୍ଥନା କଲେ- ହେ ଜଗଦମ୍ବେ! ଆପଣ ସର୍ବଶକ୍ତିମାନ ଓ ଅନ୍ତର୍ଯ୍ୟାମୀ। ଆମକୁ ରକ୍ଷା କରନ୍ତୁ। ଶୁମ୍ଭ, ନିଶୁମ୍ଭ ଦୈତ୍ୟ ଅଳକାପୁରୀରୁ ଆମକୁ ବାହାର କରିଦେଇଛନ୍ତି ଓ ଆମର ଅଧିକାରକୁ ଛଡ଼ାଇ ନେଇଛନ୍ତି। ଏବେ ଆମେ ଆଶ୍ରୟହୀନ। ମହାଗୌରୀ କହିଲେ ହେ ଦେବରାଜ! ମହାଶକ୍ତି ଦୁର୍ଗା ଆପଣମାନଙ୍କୁ ସହାୟତା କରିବେ। ଆପଣମାନେ ଏବେ ହିମାଳୟ କନ୍ଦରରେ ବିଶ୍ରାମ କରନ୍ତୁ। ସବୁ ସମାଧାନ ହୋଇଯିବ।

ହିମାଳୟର ଏକ ଉପବନରେ ମହାଗୌରୀଙ୍କୁ ଶୁମ୍ଭ, ନିଶୁମ୍ଭର ଅନୁଚର ଚଣ୍ଡ, ମୁଣ୍ଡ ଦେଖିନେଲେ। ସେ ଦୁହେଁ ମହାଗୌରୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଉଠିଲେ। ଏ କଥା ଶୁମ୍ଭ ନିଶୁମ୍ଭଙ୍କୁ ଜଣାଇଦେଲେ। ପ୍ରଚଣ୍ଡ ଦୈତ୍ୟ ଦୁହେଁ ମହାଗୌରୀଙ୍କୁ ଧରି ନେବା ପାଇଁ ଧୂମ୍ରଲୋଚନ ଓ ତା’ର ସେନାକୁ ପଠାଇଲେ। ସେମାନେ ପରାଜିତ ହେଲେ। ଶେଷରେ ଚଣ୍ଡ, ମୁଣ୍ଡ ଦୁହିଙ୍କୁ ପ୍ରେରଣ କଲେ। ଚଣ୍ଡ, ମୁଣ୍ଡ ବିରାଟ ସୈନ୍ୟବାହିନୀ ସହ ଭଗବତୀ ଅମ୍ବାଙ୍କ ପାଖକୁ ଆସି କହିଲେ- ହେ ସୁନ୍ଦରୀ! ଆମ ମହାରାଜ ତୁମକୁ ଡକାଇଛନ୍ତି। ଚୁପ୍‌ଚାପ୍ ଆମ ସାଥିରେ ଚାଲ। ଅରାଜି ହେଲେ ବଳପୂର୍ବକ ଧରିନେବୁ। ଠିକ୍ ଅଛି, ତୁମେ ମୋତେ ବଳପୂର୍ବକ ଉଠାଇନିଅ- ଦେବୀ ରୋକ୍‌ଠୋକ୍ ଶୁଣାଇଦେଲେ। ଭଗବତୀଙ୍କ ମୁହଁରୁ ଏ ପ୍ରକାର କଥା ଶୁଣି ଚଣ୍ଡ, ମୁଣ୍ଡ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ- ଅମ୍ବାକୁ ଧରି ଆଣ।

ସେନା ଆଗକୁ ବଢୁଥିବା ଦେଖି, ଦେବୀ ସିଂହପୃଷ୍ଠରେ ବସି ସେନାକୁ ଲକ୍ଷ୍ୟ କଲେ। ସିଂହ ଭୟଙ୍କର ଗର୍ଜନ କରିବାକୁ ଲାଗିଲା। ଭଗବତୀ କ୍ରୋଧରେ ପ୍ରକମ୍ପିତ ହେଲେ। ହଠାତ୍ ଦେବୀଙ୍କ ମସ୍ତକରୁ ଏକ ଜ୍ୟୋତି ପ୍ରକାଶ ପାଇଲା। ତାହା ମହାକାଳୀ ରୂପ ଧାରଣ କରି ରାକ୍ଷସ ଉପରକୁ ଲମ୍ଫ ପ୍ରଦାନ କଲେ। ମହାକାଳୀଙ୍କର ବିକଟାଳ ରୂପ ଦେଖି ଦୈତ୍ୟ ଭୟଭୀତ ହୋଇଉଠିଲେ। ମହାକାଳୀ ଦୈତ୍ୟ ସେନାକୁ ବଧ କରିବାକୁ ଲାଗିଲେ। ଦେବୀ ଶତ୍ରୁରକ୍ତରେ ନିଜର ଖର୍ପର ଭରିଲେ। ଖର୍ପର ପୂର୍ଣ୍ଣ ହେଲା ମାତ୍ରେ ଦେବୀ ସେହି ରକ୍ତକୁ ପିଇ ଦେଉଥାନ୍ତି। ଦେବୀଙ୍କର ଏଭଳି ବୀଭତ୍ସ ରୂପ ଦେଖି ସମସ୍ତେ ଭୟରେ କମ୍ପିବାକୁ ଲାଗିଲେ। ଦୈତ୍ୟଗଣ ନିଜର ଜୀବନ ବଞ୍ଚାଇବା ପାଇଁ ଅସ୍ତବ୍ୟସ୍ତ ହୋଇ ଦୌଡ଼ିଲେ।

ମହାକାଳୀ ଯେତେବେଳେ ଉନ୍ମୁକ୍ତ କୁନ୍ତଳ ଝାଡ଼ିଦେଲେ ହଜାର ହଜାର ଚଣ୍ଡୀ ସୃଷ୍ଟି ହୋଇ ରାକ୍ଷସମାନଙ୍କୁ ସଂହାର କରିବାକୁ ଲାଗିଲେ। ମହାକାଳୀଙ୍କର ଏ ରୂପ ଦେଖି ଇନ୍ଦ୍ର ସ୍ତବ୍ଧ ହୋଇଗଲେ। ସେ ହିମାଳୟର ଗୁମ୍ଫା ଭିତରେ ବସି ସ୍ତୁତି କଲେ।

ଚଣ୍ଡ ଭୀଷଣ ଶରବର୍ଷଣ ଦ୍ୱାରା ଏବଂ ମୁଣ୍ଡ ସହସ୍ର ସହସ୍ର ଚକ୍ର ନିକ୍ଷେପ ଦ୍ୱାରା ସେହି ଭୀମ-ନେତ୍ରା ଚାମୁଣ୍ଡାଙ୍କୁ ଆଚ୍ଛନ୍ନ କଲେ। ଦେବୀ ‘ହଂ’ ଶବ୍ଦ ଉଚ୍ଚାରଣ କରି ମହାଅସି ଉତ୍ତୋଳନ କରି ଚଣ୍ଡ ନିକଟକୁ ଧାବିତ ହେଲେ ଏବଂ ତା’ର କେଶ ଧାରଣପୂର୍ବକ ସେହି ଖଡ୍ଗ ଦ୍ୱାରା ଛେଦନ କଲେ। ଚଣ୍ଡ ନିହତ ହେବା ଦେଖି ମୁଣ୍ଡ ଦେବୀଙ୍କ ନିକଟକୁ ଧାବିତ ହେଲା। ଦେବୀ ତତ୍‌କ୍ଷଣାତ୍ ସେହି ଖଡ୍ଗାଘାତରେ ମୁଣ୍ଡକୁ ନିହତ କଲେ। କାଳୀ ଚଣ୍ଡ, ମୁଣ୍ଡଙ୍କ ମସ୍ତକ ଦ୍ୱୟ ଧରି ଚଣ୍ଡିକା ମହାଗୌରୀଙ୍କ ନିକଟରେ ପହଞ୍ଚିଲେ ଓ କହିଲେ ଏହି ଯୁଦ୍ଧରେ ମୁଁ ତୁମକୁ ମହାପଶୁ ଚଣ୍ଡ ଓ ମୁଣ୍ଡଙ୍କ ମସ୍ତକଦ୍ୱୟ ଉପହାର ଦେଉଛି, ଶୁମ୍ଭ ଓ ନିଶୁମ୍ଭକୁ ତୁମେ ସ୍ୱୟଂ ବଧ କରିବ। ଦେବୀ ମହାଗୌରୀ ଚଣ୍ଡିକା, କାଳିକାଙ୍କୁ କହିଲେ-

ଯସ୍ମାଚ୍ଚଣ୍ଡଂ ଚ ମୁଣ୍ଡଂ ଚ ଗୃହୀତ୍ୱା ତ୍ୱମୁପାଗତା। ଚାମୁଣ୍ଡେତି ତତୋ ଲୋକେ ଖ୍ୟାତା ଦେବୀ ଭବିଷ୍ୟସି॥

ହେ ଦେବୀ! ତୁମେ ଚଣ୍ଡ ଓ ମୁଣ୍ଡକୁ ନେଇ ମୋ ପାଖକୁ ଆସିଛ ତେଣୁ ସଂସାରରେ ଚାମୁଣ୍ଡା ନାମରେ ତୁମେ ଖ୍ୟାତି ଲାଭ କରିବ। ଦେବଗଣ ମଧ୍ୟ କୃତାଞ୍ଜଳି ପୁଟରେ କୃତଜ୍ଞତା ଜଣାଇ ସ୍ତୁତି କଲେ-

‘‘ଦଂଷ୍ଟ୍ରାକରାଳବଦନେଶିରୋମାଳାବିଭୂଷଣେ। ଚାମୁଣ୍ଡେ ମୁଣ୍ଡମଥନେ ନାରାୟଣୀ ନମୋଽସ୍ତୁତେ॥’’

ଭୟଙ୍କର ଦନ୍ତ ଦ୍ୱାରା ଭୀଷଣ ମୁଖମଣ୍ଡଳେ! ମୁଣ୍ଡମାଳା ଭୂଷିତେ! ହେ ଚାମୁଣ୍ଡେ ! ମୁଣ୍ଡାସୁରନାଶିନୀ! ହେ ନାରାୟଣୀ ତୁମକୁ ନମସ୍କାର।

ଭାରତବର୍ଷରେ ଚାମୁଣ୍ଡା ଉପାସନା ପ୍ରାୟତଃ ସର୍ବତ୍ର ଦେଖାଯାଏ। ମାତ୍ର ମହୀଶୂର (କର୍ଣ୍ଣାଟକ) ଚାମୁଣ୍ଡା ଜଗତ ବିଖ୍ୟାତ। ଚାମୁଣ୍ଡା ପର୍ବତ ଉପରେ ଦେବୀଙ୍କର ସୁଦୃଶ୍ୟ ମନ୍ଦିର। ଏହା ଏକ ଜାଗ୍ରତ ଶକ୍ତିପୀଠ। ପର୍ବତକୁ ଚଢ଼ିବା ପାଇଁ ଶିଡ଼ି ଅଛି। ଯାନବାହନ ପାଇଁ ମଧ୍ୟ ରାସ୍ତା ଅଛି। କୁହାଯାଏ, ମହୀଶୂର ମହିଷାସୁରର ରାଜଧାନୀ ଥିଲା। ସେହିଠାରେ ଦେବୀ ପ୍ରକଟ ହୋଇ ଅସୁରକୁ ବଧ କରିଥିଲେ। ଏବେ ମଧ୍ୟ ପର୍ବତ ଉପରେ ଖୋଲା ସ୍ଥାନରେ ମହିଷାସୁରର ବିରାଟ ମୂର୍ତ୍ତି ଅଛି। ତା’ ଆଗରେ ଚାମୁଣ୍ଡା ଦେବୀଙ୍କ ମନ୍ଦିର।

ଆଲୋକ ନଗର, ନିଆଳି, କଟକ,
ମୋ-୯୯୩୭୮୪୦୩୮୭

## ଏଇ ଭାରତରେ

ପାର୍ବଣର କୁମାରୀ ପୂଜା ପରମ୍ପରାରେ ମାନବବାଦ ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ଛବି ଦେଖିବାକୁ ମିଳିଛି କୋଲକାତାରେ। ପଶ୍ଚିମବଙ୍ଗ ଉତ୍ତର-୨୪ ପ୍ରଗଣାର ଜିଲା ବାଗୁଇହାଟିରେ ମୌସୁମୀ ଓ ତମଳ ଦତ୍ତ ତାଙ୍କ ଘରେ ୨୦୧୩ରୁ ଦୁର୍ଗାପୂଜା କରିଆସୁଛନ୍ତି। ପ୍ରତିବର୍ଷ ସେମାନେ ଭିନ୍ନ ଭିନ୍ନ ଜାତି ଓ ଧର୍ମର କୁମାରୀଙ୍କୁ କୁମାରୀ ପୂଜାରେ ସାମିଲ କରୁଛନ୍ତି। କିନ୍ତୁ ଏଥର ଦତ୍ତ ପରିବାର ଜଣେ ମୁସଲମାନ ଝିଅକୁ ମହାଷ୍ଟମୀ ଦିନ କୁମାରୀ ପୂଜାରେ ମା’ ରୂପରେ ପୂଜା କରିଛନ୍ତି। ଝିଅ ନାଁ ଫତିମା। ବୟସ ୪ ବର୍ଷ। ତାଙ୍କ ବାପାଙ୍କ ନାମ ମହମ୍ମଦ ତାହିର । ଆଗ୍ରାର ଫତେପୁର ସିକ୍ରିରେ ତାଙ୍କର ଏକ ତେଜରାତି ଦୋକାନ ରହିଛି। ଦତ୍ତ ପରିବାରର ଅନୁରୋଧକ୍ରମେ ଫତିମା ତାଙ୍କ ମା’ଙ୍କ ସହ ଆଗ୍ରାରୁ ଆସି କୋଲକାତାରେ ପହଞ୍ଚିଥିଲେ। କୋଲକାତାର କୌଣସି ପରିବାରରେ ମୁସଲମାନ ଝିଅକୁ ପୂଜା କରାଯାଉ ନ ଥିବାବେଳେ ବାଗୁଇହାଟିରେ ଦତ୍ତମାନଙ୍କ ଦ୍ୱାରା ଏପରି ପୂଜା କରାଯିବା ଦେଶରେ ପ୍ରଥମ ଘଟଣା ବୋଲି କହିଛନ୍ତି ପୂଜାମଣ୍ଡପର ପୂଜକ। କୁମାରୀ ପୂଜାରେ ଫତିମାଙ୍କୁ ପୂଜା କରାଯାଇଥିବାରୁ ଫତିମାଙ୍କ ମା’ ବୁସ୍ରା ବିବି ବହୁତ ଖୁସି ରହିଛନ୍ତି ବୋଲି ଜଣାଇଛନ୍ତି। ଦେଶରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ଏହା ମାନବବାଦର ସନ୍ଦେଶ ଦେଇପାରିବ ବୋଲି ଫତିମାଙ୍କ ମାମୁ ମହମ୍ମଦ ଇବ୍ରାହିମ କହିଛନ୍ତି। ୧୨୧ ବର୍ଷ ପୂର୍ବେ ସ୍ୱାମୀ ବିବେକାନନ୍ଦ ଜଣେ ମୁସଲମାନ ନାବିକଙ୍କ ଝିଅକୁ କଶ୍ମୀରରେ ମା’ ରୂପରେ ପୂଜା କରିଥିଲେ। ତା’ପରେ ଏହା ଦ୍ୱିତୀୟ ଘଟଣା।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୯୪

- ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଶତକଡା ୫୦ ଭାଗରୁ ଅଧିକ କରିବା ସକାଶେ ବିହାର ସରକାର ଏକ ଅଧ୍ୟାଦେଶ ଜାରି କରିଛନ୍ତି।
- ଚଳିତ ଶତାବ୍ଦୀର ଦୀର୍ଘତମ ଉପନ୍ୟାସ ‘ଦି ସୁଇଟେବଲ ବୟ’ର ଲେଖକ ବିକ୍ରମ ସେଠଙ୍କୁ ୧୯୯୪ ବର୍ଷର ରାଜ୍ୟଗୋଷ୍ଠୀ ପୁରସ୍କାର।

## ଚିରନ୍ତନୀ

ଜଳିଉଠୁ ଜଳେ ସ୍ଥଳେ ଉଜ୍ଜ୍ୱଳାଇ
ସକଳ ମେଦିନୀ
ତୀକ୍ଷ୍ଣ ତାର ରଶ୍ମିଲାଗି ହସି ଉଠୁ
ତିମିର ଯାମିନୀ। (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୨୯- ଆଗାମୀ ଗାନ୍ଧୀ ଜୟନ୍ତୀରେ ବିଭିନ୍ନ ଜେଲରେ ଥିବା ୬୦୦ କଏଦୀଙ୍କୁ ମୁକ୍ତ କରିବା ଲାଗି ସରକାରଙ୍କ ନିଷ୍ପତ୍ତି।

୩୦- ଏୟାର ମାର୍ଶାଲ ରାକେଶ କୁମାର ସିଂ ଭଦୌରିଆ ବାୟୁସେନାର ୨୭ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଅକ୍ଟୋବର ୧- ରାଜ୍ୟ ସରକାର ଆଜିଠୁ ସବୁ ସହରରୁ ପଲିଥିନକୁ ନିଷିଦ୍ଧ ଘୋଷଣା କରିଛନ୍ତି।

୩- କେନ୍ଦ୍ରାପଡ଼ାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତି।

୪- ଏସ୍‌ସି/ଏସ୍‌ଟି ଆଇନ କୋହଳ ହେବ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ରାୟ।

## ଆମ ସମସ୍ୟା

### ଉପେକ୍ଷିତ କଳିଙ୍ଗ ବିହାର ରାସ୍ତା

ମହାଶୟ,

ଭୁବନେଶ୍ୱରସ୍ଥିତ କଳିଙ୍ଗ ବିହାର ଆବାସିକ କଲୋନୀମାନଙ୍କୁ ଜାତୀୟ ରାଜପଥ ନଂ. ୧୬ରୁ ସେକ୍ଟର ୫ ଓ ସେକ୍ଟର ୪କୁ ସଂଯୋଗକାରୀ ରାସ୍ତା ରହିଛି। ସେହିଭଳି ସେକ୍ଟର-୬ରୁ ୪ ପର୍ଯ୍ୟନ୍ତ ଆଉ ଏକ ସଂଯୋଗକାରୀ ରାସ୍ତା ରହିଛି। ପ୍ରକଳ୍ପ ନିର୍ମାଣ ପରେ ଥରେ ମାତ୍ର ଏହି ଦୁଇ ସଂଯୋଗକାରୀ ରାସ୍ତା ମରାମତି ହୋଇଛି। ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ଦୁଇଟି ସଂଯୋଗକାରୀ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମା ହୋଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହି ୨ ରାସ୍ତାର ମରାମତି, ରକ୍ଷଣାବେକ୍ଷଣ କରନ୍ତୁ। ଯଦି ଏହା କୌଣସି କାରଣରୁ ସମ୍ଭବ ନୁହେଁ, ଏହି ଦୁଇ ସଂଯୋଗକାରୀ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଉ, ଯାହା ଫଳରେ ରାସ୍ତାର ନିୟମିତ ମରାମତି, ରକ୍ଷଣାବେକ୍ଷଣ ହୋଇପାରିବ।

ରବିନାରାୟଣ ପାଣି, କଳିଙ୍ଗବିହାର, ଭୁବନେଶ୍ୱର

### ପୁରୀ ସୁଲଭ ଶୌଚାଳୟରେ ମନଇଚ୍ଛା ପଇସା ଆଦାୟ

ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି ଜଗନ୍ନାଥ ଦର୍ଶନ ପାଇଁ। ଯାତ୍ରୀମାନଙ୍କ ଶୌଚ କାର୍ଯ୍ୟ ପାଇଁ ପୁରୀ ମ୍ୟୁନିସିପାଲିଟି ପକ୍ଷରୁ ବସ୍‌ଷ୍ଟାଣ୍ଡରେ ସୁଲଭ ଶୌଚାଳୟ କରାଯାଇଛି। ଏଠାରେ ଲୋକଙ୍କଠାରୁ ମନଇଚ୍ଛା ପଇସା ଆଦାୟ କରାଯାଉଛି। ପରିସ୍ରାଗାର ବ୍ୟବହାର ପାଇଁ କାନ୍ଥରେ ଦୁଇ ଟଙ୍କା ଲେଖା ହୋଇଥିଲେ ମଧ୍ୟ ବାହାର ଯାତ୍ରୀଙ୍କଠାରୁ ସେମାନେ ପାଞ୍ଚଟଙ୍କା ଜବରଦସ୍ତ ଆଦାୟ କରୁଛନ୍ତି। ମୁଁ ଏହାର ଭୁକ୍ତଭୋଗୀ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଆବଶ୍ୟକ ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ରଘୁନାଥ ମହାପାତ୍ର, କଟକ, ମୋ- ୯୨୩୮୭୩୨୭୫୦

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଫେରିଗଲେ ଉପରାଷ୍ଟ୍ରପତି

# ରାଜଭବନରେ ୩ ଘଣ୍ଟା ବିତାଇଲେ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଦିନିକିଆ ଓଡିଶା ଗସ୍ତରେ ଆସିଥିବା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ରବିବାର ସନ୍ଧ୍ୟା ୬ଟା ୧୫ରେ ଦିଲ୍ଲୀ ଫେରିଯାଇଛନ୍ତି। ଉପରାଷ୍ଟ୍ରପତି ସ୍ୱତନ୍ତ୍ର ବିମାନ ଯୋଗେ ପୂର୍ବାହ୍ନ ପ୍ରାୟ ୧୦ଟା ୧୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ଗଣେଶୀ ଲାଲ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ପୋଲିସ ଡିଜି ବି.କେ. ଶର୍ମା ଓ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାଗତ କରିଥିଲେ। ଏହାପରେ ଉପରାଷ୍ଟ୍ରପତି ସିଧା କିଟ୍‌ଠାରେ ଚାଲିଥିବା ବିଶ୍ୱ କବି ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ



ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ସ୍ୱାଗତ କରୁଛନ୍ତି।

ଯୋଗଦେଇଥିଲେ। ୧୨ଟା ୧୫ରେ ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କ ସହ କିଛି ମୁହୂର୍ତ୍ତ ବିତାଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଭାଜପା ନେତାଙ୍କ ଗହଣରେ ଉପରାଷ୍ଟ୍ରପତି ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ମଧ୍ୟାହ୍ନଭୋଜନରେ ନାଇଡୁ ଓଡ଼ିଆ ଖାଦ୍ୟ ଖାଇ ବିଶ୍ରାମ ନେଇଥିଲେ। ଅପରାହ୍ନ ୩ଟା ୧୫ରେ କଟକ ଅଭିମୁଖେ ଯାଇ ସମାଜର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ସନ୍ଧ୍ୟା ୬ଟା ୧୫ରେ ଭୁବନେଶ୍ୱର ଫେରି ସ୍ୱତନ୍ତ୍ର ବିମାନଯୋଗେ ଦିଲ୍ଲୀ ଯାତ୍ରା କରିଥିଲେ। ଉପରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଯାତାୟାତ ସମୟରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସୁଜ୍ଞାନୀ କୁଅଁର



ଅମିତ୍ୟ ମଲ୍ଲିକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## କୁମ୍ଭୀର ଆକ୍ରମଣରେ ଜଣେ ଗୁରୁତର

କେନ୍ଦ୍ରାପଡା ଅଫିସ, ୬।୧୦

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥିତ ବିରୂପା ନଦୀ ପଠାରେ ରବିବାର କୁମ୍ଭୀର ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ହାବଳି ଗ୍ରାମର ସର୍ବେଶ୍ୱର ଜେନା। କୁମ୍ଭୀର ଆକ୍ରମଣରେ ସର୍ବେଶ୍ୱରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସର୍ବେଶ୍ୱର ରବିବାର ଅପରାହ୍ନରେ ପଠାରେ ଗାଈ ଚରାଇ ନଦୀ ପାର ହେଉଥିବା ବେଳେ ଏକ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ପାଖରେ ଥିବା ଏକ ବାଡ଼ିରେ ସର୍ବେଶ୍ୱର ବାଡ଼େଇବାରୁ କୁମ୍ଭୀରଟି ତାଙ୍କୁ ଛାଡ଼ି ଦେଇଥିଲା। ଫଳରେ ସେ ଏକ ନିଶ୍ଚିତ ବିପଦ ମୁଖରୁ ବର୍ତ୍ତି ଯାଇଥିଲେ। ବିରୂପା ନଦୀର ଏହି ସ୍ଥାନରେ ଦୀର୍ଘ ୪ ବର୍ଷ ହେବ ଏକ କୁମ୍ଭୀର ରହୁଥିବା ନେଇ ସ୍ଥାନୀୟ ଲୋକେ ଅନେକବାର ଅଭିଯୋଗ କରିଆସୁଛନ୍ତି। ବହୁ ସମୟରେ ଛେଳି, ମେଣ୍ଢା ଓ ଗୋରୁ ଆଦି କୁମ୍ଭୀରର ଶିକାର ହେଉଛନ୍ତି। ତୁରନ୍ତ କୁମ୍ଭୀରକୁ ଧରିବା ପାଇଁ ସାଧାରଣରେ ଦାବି ହୋଇଛି।

## ମତ୍ସ୍ୟଜୀବୀଙ୍କ ଜାଲରେ ଶାଙ୍କୁଚ

**ମାଧପୁର, ୬।୧୦:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଲଦୁଲା ଗ୍ରାମର ଜଣେ ମତ୍ସ୍ୟଜୀବୀ ରବିବାର ମହାନଦୀରୁ ବିରଳ ପ୍ରଜାତିର ଶାଙ୍କୁଚ ମାଛ ଧରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସନ୍ଧ୍ୟା ୫ଟାରେ ମତ୍ସ୍ୟଜୀବୀ ପତି ଲୋଇ ନଦୀରୁ ମାଛ ଧରୁଥିବାବେଳେ ତାଙ୍କ ଜାଲରେ ସାଙ୍କୁଚ ପଡିଥିଲା। ସାଧାରଣତଃ ଏହା ସମୁଦ୍ରରେ ଦେଖାଯାଉଥିବାବେଳେ ମହାନଦୀରୁ ଧରା ପଡିବା ଖବର ଜଣାପଡିବା ପରେ ନଦୀକୂଳରେ ଲୋକଙ୍କ ଭିଡ଼ ଜମିଥିଲା। ଉକ୍ତ ମାଛର ଓଜନ ୨ କେଜିରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀ ପତି ଲୋଇ ସୂଚନା ଦେଇଛନ୍ତି।



### ଗର୍ଭସ୍ଥ ଶିଶୁ ଓ ମା'ଙ୍କ ମୃତ୍ୟୁ ଘଟଣା

## ଆମ୍ବୁଲାନ୍ସ ଚାଳକ ନିଲମ୍ବିତ

**ବାଙ୍ଗିରିପୋଷି, ୬।୧୦ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ହାଣଦା ଗ୍ରାମର ଜଣେ ଗର୍ଭବତୀଙ୍କୁ ନେଇ ଡାକ୍ତରଖାନା ଯିବା ବାଟରେ ଆମ୍ବୁଲାନ୍ସରୁ ତେଲ ସରିଯାଇଥିଲା। ଆମ୍ବୁଲାନ୍ସଟି ଅଧାବାଟରେ ଅଟକି ରହିବାରୁ ଗର୍ଭବତୀଙ୍କୁ ଡାକ୍ତରଖାନା ପହଞ୍ଚାଇବାରେ ବିଳମ୍ବ ଘଟିଥିଲା। ଫଳରେ ଗର୍ଭସ୍ଥ ଶିଶୁଙ୍କ ସମେତ ତୁଳସୀ ମୁଣ୍ଡା ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏହି ଅଭାବନୀୟ ଘଟଣା ନେଇ ଆମ୍ବୁଲାନ୍ସର ଡ୍ରାଇଭର ହରିହର ନାଏକଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାଳୟରୁ ନିଲମ୍ବିତ କରିଛନ୍ତି। ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଏହି ସୂଚନା ଦେଇ ଘଟଣାର ଅଧିକ ତଦନ୍ତ କରାଯାଉଛି ବୋଲି କହିଛନ୍ତି। ଉଲ୍ଲେଖନୀୟ ଯେ, ଆମ୍ବୁଲାନ୍ସ ସେବାରେ ତ୍ରୁଟି ଯୋଗୁ ଗର୍ଭସ୍ଥ ଶିଶୁ ଓ ମା'ଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ରବିବାର ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ଏବଂ ଜିଲା ଭାଜପା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ମୃତା ଗର୍ଭବତୀଙ୍କ ସ୍ୱାମୀ ଚିତ୍ତରଞ୍ଜନ ମୁଣ୍ଡାଙ୍କ ଘରକୁ ଯାଇ ତାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତୁଳସୀଙ୍କ ମୃତ୍ୟୁପରେ ତାଙ୍କର ୨ ବର୍ଷର ପୁଅ ବଡ଼ ହେଲା ପର୍ଯ୍ୟନ୍ତ ତାଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତୁ ବୋଲି ଏମ୍‌ପି ଟୁଡୁ ଦାବି କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ତୁଳସୀ ପ୍ରସବ ବେଦନା ଅନୁଭବ କରିଥିଲେ। ତାଙ୍କ ସ୍ୱାମୀ ଗାଡି ବ୍ୟବସ୍ଥା କରି ତୁଳସୀଙ୍କୁ ଗାଁରୁ ଆଣି ବାଙ୍ଗିରିପୋଷି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଦର୍ଶାଇ ବାରିପଦା ପିଆରଏମ ମେଡିକାଲ ନେବାକୁ କହିଥିଲେ। ରାତି ପ୍ରାୟ ୧୨ଟା ବେଳେ ତୁଳସୀଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଥିବା ଏକ ଆମ୍ବୁଲାନ୍ସରେ ପଠାଯାଇଥିଲା। ଗାଡି ପ୍ରାୟ ୧୭ କି.ମି. ଦୂର ଯିବା ପରେ କାଠଶିର୍ଶୀ ନିକଟରେ ଏହାର ତେଲ ସରିଯାଇଥିଲା। ଫଳରେ ସେମାନେ ସେଠାରେ ପ୍ରାୟ ଦୁଇ ଘଣ୍ଟା ଅଟକି ରହିଥିଲେ। ପରେ ବାରିପଦାରୁ ୧୦୮ ଆମ୍ବୁଲାନ୍ସ ଯାଇ ତୁଳସୀଙ୍କୁ ପିଆର୍‌ଏମ୍ ମେଡିକାଲକୁ ଆଣିଥିଲା। ବିଳମ୍ବିତ ରାତିରେ ତୁଳସୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚାନ୍ଦା ଆଦାୟକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ଚାନ୍ଦବାଲି, ୬।୧୦ (ଡି.ଏନ.ଏ.):** ଦୁର୍ଗା ମେଢ଼ ଦେଖିବା ବେଳେ ଚାନ୍ଦା ଆଦାୟକୁ କେନ୍ଦ୍ରକରି ଶନିବାର ରାତିରେ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳରେ ପରସ୍ପର ବିରୋଧୀ ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଭଦ୍ରକରେ ଓ ୩ ଜଣ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଉଭୟ ପକ୍ଷରୁ ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଘଣ୍ଟେଶ୍ୱର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ପୋଲିସ ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୮ଟା ବେଳେ ସ୍ଥାନୀୟ ଷଣ୍ଢଗଡା ଗାଁର ଦୁଇଜଣ ଲୋକ ଘଣ୍ଟେଶ୍ୱର ବଜାରରେ ହେଉଥିବା ଦୁର୍ଗାପୂଜା ଦେଖିବାକୁ ଆସିଥିଲେ।

## ବିରୋଧ ସତ୍ତ୍ୱେ ଗଛକଟା ଜାରି

ମୁମ୍ବାଇ,୬।୧୦(ପି.ଟି.)

### ଆଜି ସୁପ୍ରିମକୋର୍ଟରେ ଶୁଣାଣି



- ଆରେ କଲୋନୀରେ ୧୪୪ ଧାରା
- ଭୂଇଁରେ ଲୋଟିଲାଣି ୧୫୦୦ ବୃକ୍ଷ
- ଗିରଫ ୨୯ ବିକ୍ଷୋଭକାରୀଙ୍କୁ ଜାମିନ
- ପ୍ରକାଶ ଆମ୍ବେଡ୍‌କର ଅଟକ

ପ୍ରବଳ ବିରୋଧ ସତ୍ତ୍ୱେ ମୁମ୍ବାଇ ମେଟ୍ରୋ ରେଲ୍ କର୍ପୋରେଶନ ଲିମିଟେଡ (ଏମ୍ଏମ୍ଆର୍‌ସିଏଲ୍) ପକ୍ଷରୁ ଆରେ ଅଞ୍ଚଳରେ ଗଛକଟା ଜାରି ରହିଛି। ଶୁକ୍ରବାରଠାରୁ ଇତିମଧ୍ୟରେ ୧୫୦୦ରୁ ଊର୍ଦ୍ଧ୍ୱ ବୃକ୍ଷ କଟାଗଲାଣି। ୩ଟି ମେଟ୍ରୋ କାର୍ ଶେଡ୍ ନିର୍ମାଣ ଲାଗି ଏହି ଗଛ କଟାଯାଉଛି। ମୋଟ ୨୭୪୬ ଗଛ ମଧ୍ୟରୁ ୨୧୮୫ଟି କଟାଯିବାକୁ ଥିବାବେଳେ ୪୬୧ଟିକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ଏକ ୭୦ ଜଣିଆ ଟିମ୍‌କୁ ନିୟୋଜିତ କରାଯାଇଛି। ବୃକ୍ଷ କର୍ତ୍ତୃପକ୍ଷ ଗତ ମାସରେ ଏଥିପାଇଁ ସବୁଜ ସଙ୍କେତ ଦେବା ପରେ ଗଛକଟା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ବମ୍ବେ ହାଇକୋର୍ଟରେ ଏକାଧିକ ପିଟିଶନ୍ ଦାଏର ହୋଇଥିଲା। ହାଇକୋର୍ଟ ସରକାରଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଦେବାକୁ ମନାକରିଦେବା ପରେ ଶୁକ୍ରବାର ରାତିରୁ ଏମ୍ଏମ୍ଆର୍‌ସିଏଲ୍ ପକ୍ଷରୁ ଗଛକଟା ଆରମ୍ଭ ହୋଇଛି। ଏହା ବିରୋଧରେ ଆଇନ ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ପତ୍ର ଲେଖିବା ପରେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ଏହି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ସୋମବାର ସ୍ୱତନ୍ତ୍ର ଖଣ୍ଡପୀଠରେ ଏହାର ଶୁଣାଣି ହେବ। ଏନେଇ ସରକାରଙ୍କୁ ନୋଟିସ ଜାରି କରାଯାଇଛି।

ଆରେ ଗଛକଟାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ ହେବା ଲଜ୍ଜାକର ଘଟଣା ବୋଲି ଆଦିତ୍ୟ ଠାକ୍‌ରେ କହିଛନ୍ତି। ଶନିବାରଠାରୁ ଆରେ କଲୋନି ଓ ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି ରହିଛି। ଉକ୍ତ କଲୋନିର ୫ଟି ପ୍ରବେଶ ପଥରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି। କଟକଣା ଯୋଗୁ ଉକ୍ତ ଅଞ୍ଚଳରେ ଥିବା ଦୋକାନବଜାର, ରେଷ୍ଟୁରାଣ୍ଟ ଓ ରାସ୍ତାପାର୍ଶ୍ୱ ଷ୍ଟଲ୍‌ଗୁଡ଼ିକ ବନ୍ଦ ରହିଛି। ଆଦିବାସୀ ଅଞ୍ଚଳଗୁଡିକରେ ପାଟ୍ରୋଲିଂ ବଢ଼ାଇଦିଆଯାଇଛି। ଶନିବାର ପୋଲିସ ଏବଂ ପରିବେଶ କର୍ମୀମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ପୋଲିସ ୨୯ ଜଣଙ୍କୁ ଗିରଫ କରିଥିଲା। ରବିବାର ସେମାନଙ୍କୁ ଜାମିନରେ ଛାଡିଦିଆଯାଇଛି। ଗଛକଟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କଟକଣା ଜାରି ରହିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

ଗଛକଟାକୁ ବିରୋଧ କରୁଥିବା କର୍ମୀମାନଙ୍କୁ ସମର୍ଥନ ଦେବା ଲାଗି ରବିବାର ଆରେ କଲୋନିରେ ପ୍ରବେଶ ଉଦ୍ୟମ କରୁଥିବା ଦଳିତ ନେତା ପ୍ରକାଶ ଆମ୍ବେଡ୍‌କରଙ୍କୁ ଅଟକ ରଖାଯାଇଛି। ବୃକ୍ଷଚ୍ଛେଦନକୁ ବିରୋଧ କରୁଥିବା ଲୋକଙ୍କ ସ୍ୱର ଚାପିଦେବା ପାଇଁ ମହାରାଷ୍ଟ୍ର ପୋଲିସ ବହୁବଳ ପ୍ରୟୋଗ କରୁଥିବା ବଞ୍ଚିତ ବହୁଜନ ଅଘାଡି (ଭିବିଏ) ମୁଖ୍ୟ ଅଭିଯୋଗ କରିଛନ୍ତି। ଆରେ କଲୋନିର ସବୁଜ ବନାନୀ ମୁମ୍ବାଇ ବାୟୁକୁ ସ୍ୱଚ୍ଛ ରଖୁଥିଲା ବୋଲି ସେ ଖବରଦାତାମାନଙ୍କୁ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଆରେ ଗଛକଟାକୁ ସମର୍ଥନ କରିଛନ୍ତି। ବିକାଶ ଓ ପରିବେଶ ସୁରକ୍ଷା ଏକତ୍ର ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଆରେ ଏକ ଜଙ୍ଗଲ ନୁହେଁ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି। ଦିଲ୍ଲୀ ମେଟ୍ରୋ ପାଇଁ ଗଛକଟାକୁ ବିରୋଧ କରାଯାଇଥିଲା। ତେବେ ମେଟ୍ରୋ ପ୍ରଶାସନ ସେଠାରେ କଟାଯାଇଥିବା ପ୍ରତି ଗଛ ପାଇଁ ୫ଟି ଚାରାରୋପଣ କରିଥିଲା। ଏବେ ଦିଲ୍ଲୀ ମେଟ୍ରୋକୁ ୩୦ ଲକ୍ଷ ଲୋକ ବ୍ୟବହାର କରୁଥିବା ଜାଭଡେକର କହିଛନ୍ତି।



## ଜିଲା ଟିଠି ଅନୁଗୋଳ

### ଭବିଷ୍ୟତ ସହ ଖେଳ

ଛତୁ ଫୁଟିଲା ଭଳି ଅନୁଗୋଳରେ ଗଢ଼ି ଉଠିଛି ବହୁ ଶିକ୍ଷାନୁଷ୍ଠାନ। ଏଥିରୁ ଅନେକ ବିନା ସରକାରୀ ଅନୁମତି ଓ ଅନୁମୋଦନରେ ଚାଲିଛି। ଏପରି ବେଆଇନ କାର୍ଯ୍ୟ କରାଯାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିଲେ ବି ଜିଲା ଶିକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହୋଇଛି। ପିଲାଙ୍କୁ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇବା ପାଇଁ ପ୍ରାୟତଃ ଅଭିଭାବକମାନେ ଇଚ୍ଛୁକ। ଏହାର ସୁଯୋଗ ନେଉଛନ୍ତି କେତେଜଣ ଅସାଧୁ ବ୍ୟକ୍ତି। ସେମାନେ ସରକାରଙ୍କଠାରୁ ଅନୁମତି ନ ନେଇ ସ୍କୁଲ ଖୋଲୁଛନ୍ତି। ମାସିକ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି। ହେଲେ ଏପରି ସ୍କୁଲରେ ପଢୁଥିବା ପିଲାଙ୍କ ଭବିଷ୍ୟତ କ'ଣ ହେବ ସେ ନେଇ ଚିନ୍ତା କରାଯାଉନି। ଶିକ୍ଷା ବିଭାଗ ନିକଟରେ ଥିବା ସୂଚନା ମୁତାବକ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୧୮ଟି ଘରୋଇ ବିଦ୍ୟାଳୟ ଚାଲୁଛି। ସେଥିମଧ୍ୟରୁ ୬୫ଟି ଇଂଲିଶ ମାଧ୍ୟମ, ଅବଶିଷ୍ଟ ୧୫୩ଟି ଓଡ଼ିଆ ମାଧ୍ୟମ। ଅଧିକାଂଶ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓ ଅନ୍ୟ କେତେକରେ ପ୍ରଥମରୁ ଦଶମ, ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ସୁବିଧା ରହିଛି। ଉକ୍ତ ଘରୋଇ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୮୭ଟିର ମାନ୍ୟତାପ୍ରାପ୍ତ ପ୍ରମାଣପତ୍ର ନାହିଁ। ସେହିପରି ୨୧୮ ବିଦ୍ୟାଳୟର ଏନ୍‌ଓସି ପ୍ରମାଣପତ୍ର ନାହିଁ। ୨୦୧୮-୧୯ ବର୍ଷରେ ଜିଲାର ମୋଟ୍ ୬ଟି ବିଦ୍ୟାଳୟ ଏନ୍‌ଓସି ପାଇଁ ଆବେଦନ କରିଥିବାବେଳେ ୨୦୧୯-୨୦ରେ ମାତ୍ର ଗୋଟିଏ ବିଦ୍ୟାଳୟ ଆବେଦନ କରିଥିବା ଜଣାପଡ଼ିଛି। ମାନ୍ୟତାପ୍ରାପ୍ତ ପ୍ରମାଣପତ୍ର ନ ଥିବା ସ୍କୁଲଗୁଡ଼ିକର ଛାତ୍ରୀଛାତ୍ରମାନେ ବିଭିନ୍ନ ସରକାରୀ ବୃତ୍ତି ସହ ସରକାରୀ ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେବେ। ଏଥିସହ ସରକାର ଯଦି କଠୋର ନୀତି ଆପଣାନ୍ତି ତେବେ ଉପରୋକ୍ତ ସ୍କୁଲରେ ପଢୁଥିବା ପିଲାଙ୍କ ପାଠ ପଢ଼ାରେ ଡୋରି ବାନ୍ଧି ହୋଇଯିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ନିୟମାନୁଯାୟୀ ସରକାରଙ୍କ ବିନା ମାନ୍ୟତାପ୍ରାପ୍ତ ପ୍ରମାଣପତ୍ରରେ ବିଦ୍ୟାଳୟ ଖୋଲାଯାଇପାରିବ ନାହିଁ। ଏପରି କି ପ୍ରତି ୫ ବର୍ଷରେ ଥରେ ଲେଖାଏଁ ଏହା ପଞ୍ଜୀକରଣ ହେବା କଥା। କିନ୍ତୁ ଏହି ନିୟମକୁ ଅନୁଗୋଳରେ ଖାତିର କରାଯାଉ ନାହିଁ। ଶିକ୍ଷା ବିଭାଗର ସମସ୍ତ ମାନଦଣ୍ଡ ପୂରଣ କରିବା ପରେ ଗଣଶିକ୍ଷା ବିଭାଗ କିମ୍ବା ଜିଲା ଶିକ୍ଷାଅଧିକାରୀ ଉକ୍ତ ପ୍ରମାଣପତ୍ର ଦେବାକଥା। ମାତ୍ର ତାହା ମଧ୍ୟ ଅନୁଗୋଳରେ ଦେଖିବାକୁ ମିଳୁନାହିଁ। ଏନ୍‌ଓସି ନ ଥିବା ଉପରୋକ୍ତ ୨୧୮ ବିଦ୍ୟାଳୟ ତାଲିକା ଜିଲା ଶିକ୍ଷା ବିଭାଗ ପାଖରେ ରହିଛି। ତଥାପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଅନ୍ୟପକ୍ଷେ ଏହି ସବୁ ସ୍କୁଲରେ ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବାରୁ ତାହା ଏବେ ଚିନ୍ତାର ବିଷୟ ହୋଇଛି।

– ଅମିତ କୁମାର ସାମଲ

## ପାଣି ଯୋଗାଇବା ପାଇଁ ଆବଶ୍ୟକ ଆଇଏସ୍‌ଓ ପ୍ରମାଣପତ୍ର

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟରେ ପାନୀୟ ଜଳ ଯୋଗାଣକାରୀ ସଂସ୍ଥାମାନଙ୍କୁ ଏଣିକି ଆଇଏସ୍‌ଓ ପ୍ରମାଣ ପତ୍ର କରିବାକୁ ପଡ଼ିବ। ନୀତି ଆୟୋଗ ପକ୍ଷରୁ ସମସ୍ତ ରାଜ୍ୟକୁ ଏ ନେଇ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କେନ୍ଦ୍ରରୁ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ନଗର ଉନ୍ନୟନ ବିଭାଗ ଏଥିପାଇଁ ଖସଡା ପ୍ରସ୍ତୁତ କରିଥିବା ଜଣାପଡିଛି। ପାନୀୟ ଜଳଯୋଗାଣ କ୍ଷେତ୍ରରେ ଗୁଣାତ୍ମକ ମାନକୁ କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କେଉଁଠାରୁ ଜଳ ଆସିବ, ତାହାର ବିଶୋଧନ କିପରି କରାଯିବ। ଏହାକୁ ଯେଉଁ ପାଇପ୍ ସାହାଯ୍ୟରେ ବିତରଣ କରାଯିବ, ସେସବୁର ମାନ ବିଭିନ୍ନ ସ୍ତରରେ ପରୀକ୍ଷା କରାଯିବ। ସେହିପରି ରାଜ୍ୟରେ ଜଳର ଗୁଣବତ୍ତା ନିର୍ଣ୍ଣୟ କରିବା ପାଇଁ ପ୍ରାୟ ୩୬୦ କେନ୍ଦ୍ରର ଆବଶ୍ୟକତା ରହିଛି। ନିୟମିତ ବ୍ୟବଧାନ ଅପେକ୍ଷା ପ୍ରତ୍ୟକ ଦିନ ଜଳର ମାନ ପରୀକ୍ଷା କରି ବିତରଣ କରାଯିବା ଉପରେ ବିଶେଷଜ୍ଞମାନେ ମତ ଦେଇଛନ୍ତି।

### 'ସମାଜ'ର ଶତବାର୍ଷିକ ସମାରୋହ

## ସାଧୁତା, ସତ୍ୟତାକୁ ନେଇ ଖବର ପରିବେଷଣ ହେବା ଉଚିତ

କଟକ ଅଫିସ, ୬।୧୦

ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ଖବରକାଗଜ ସମାଜର ଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେଇ କହିଥିଲେ, ଆଜି ମୁଁ ସମାଜର ଶତବାର୍ଷିକ ଉତ୍ସବ ଏବଂ ଗୋପବନ୍ଧୁଙ୍କ ଜୀବନୀ ଉପରେ ରଚିତ ପୁସ୍ତକ ଉନ୍ମୋଚନ କରିଥିବାରୁ ବହୁତ ଆନନ୍ଦିତ। ଉତ୍କଳମଣି ଗୋପବନ୍ଧୁ ଦାସ ଜଣେ ଭଲ ସାମାଜିକ କର୍ମୀ, ସ୍ୱାଧୀନତା ସଂଗ୍ରାମୀ, ଲେଖକ ଥିଲେ। ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ। ସେଥିପାଇଁ ସାଧୁତା ଓ ସତ୍ୟତାକୁ ନେଇ ଖବର ପରିବେଷଣ ହେବା ଉଚିତ୍। ଭଲ ସରକାର ଗଠନ କରିବା ଦିଗରେ ଗଣମାଧ୍ୟମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜେ ସ୍ୱଚ୍ଛ ରହିଲେ ପରିବେଶ ସ୍ୱଚ୍ଛ ରହିବ। ପରିବେଶ ସ୍ୱଚ୍ଛ ରହିଲେ ଲୋକେ ଭଲରେ ରହିବେ। ସମାଜରେ ଅବହେଳିତ ଲୋକଙ୍କୁ ମୁଖ୍ୟ ସ୍ରୋତରେ ଆଣିବା ହିଁ ଗଣମାଧ୍ୟମର ପ୍ରଥମ ଲକ୍ଷ୍ୟ ହେବା ଉଚିତ। ଗଣମାଧ୍ୟମ ସର୍ବଦା ଟିଆର୍‌ପି ପଛରେ ନ ଗୋଡ଼ାଇ ଠିକ୍ ଖବରକୁ ପ୍ରସାରଣ କରିବା ଉଚିତ। ଆଜିକାଲି ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରକାଶ ପାଉଥିବା ମିଥ୍ୟା ଖବର ଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ନିଜ ମାତୃଭାଷା ଓ ପରେ ଇଂଲିଶ, ହିନ୍ଦୀ, କନ୍ନଡ, ବଙ୍ଗଳା ଭଳି ଭାଷା କହିବା କଥା। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସମେତ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ଦୀପକ ମାଲବ୍ୟ, ଲୋକସେବକ ମଣ୍ଡଳର କୋଷାଧ୍ୟକ୍ଷ ଭୀମସେନ ଯାଦବ, ଟ୍ରଷ୍ଟି ଡ. ଏସ.ଏନ୍. ସୁବାରାଓ, ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ, ଡାକସେବା ବୋର୍ଡର ସଚିବ ଅନନ୍ତ ନାରାୟଣ ନନ୍ଦ, ସମାଜର ସମ୍ପାଦକ ବାମାପଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜ ପକ୍ଷରୁ ଡାକ ଟିକଟ ସହ ୧୦୦ ପୃଷ୍ଠା ବିଶିଷ୍ଟ ସମାଜ ଖବରକାଗଜ ଉନ୍ମୋଚିତ ହୋଇଥିଲା।



ସମାରୋହରେ ଅତିଥିମାନେ ଡାକଟିକଟ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ



### ବେଆଇନ ଅଟୋ ପାର୍କିଂକୁ ନେଇ ଅସନ୍ତୋଷ

**ପାରଳାଖେମୁଣ୍ଡି, ୬।୧୦ (ସ୍ୱ.ପ୍ର.)**: ଦଶହରା ପର୍ବ ପାଇଁ ସହରରେ ପ୍ରବଳ ଭିଡ଼ ଲାଗିରହିଥିବାବେଳେ ବିଭିନ୍ନ ସ୍ଥାନରେ ଅଟୋ ଗୁଡ଼ିକ ବେଆଇନଭାବେ ପାର୍କିଂ କରୁଥିବା ଦେଖିବାକୁ ମିଳିଛି। ରାସ୍ତାର ଦୁଇ ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ରଖୁଥିବାବେଳେ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ହୋଇପାରୁନାହିଁ। ନୂତନ ଯାନବାହନ ନିୟମ ଅନୁଯାୟୀ ଜନସାଧାରଣଙ୍କ ଠାରୁ ଜରିମାନା ଆଦାୟ କରାଯାଉଥିବାବେଳେ ଅଟୋଗୁଡ଼ିକର ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଫଳରେ ପୂଜା ବଜାରରେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ତେଣୁ ଏହାର ସମାଧାନ ପାଇଁ ସହରବାସୀ ଏବଂ ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ: ୬ ଗିରଫ

**ପାରଳାଖେମୁଣ୍ଡି,୬।୧୦(ସ୍ୱ.ପ୍ର.)**: ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ରବିବାର ଏକ ଜୁଆ ଆଡ୍ଡାରେ ଚଢାଉ କରାଯାଇ ୬ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ, ଦଶହରାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବାବେଳେ ସହରର ଫରେଷ୍ଟ ଗେଟ୍ ଅଞ୍ଚଳରୁ ୬ଜୁଆଡିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ନଗଦ ୧୯ହଜାର ୩ଶହ ଟଙ୍କା ଜବତ କରାଯାଇଛି। ଗିରଫ ଜୁଆଡିମାନେ ହେଲେ ଗଣପତି ପ୍ରଧାନ, ଭି.କାର୍ତ୍ତୀକ, ଘନଶ୍ୟାମ ଦାସ, ଗଙ୍ଗା ପ୍ରଧାନ, ପ୍ରଶାନ୍ତ ବେହେରା ଓ କାମେଶ୍ୱର ବେହେରା। ଏ ନେଇ ଥାନାରେ କେସ୍ ନଂ ୧୮୭/୧୯ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

■ପାରଳା ରାଜପରିବାରର ଇଷ୍ଟଦେବୀ

# ମା’ ମାଣିକେଶ୍ୱରୀଙ୍କ ପୀଠରେ ଦଶହରା ପର୍ବ

**ପାରଳାଖେମୁଣ୍ଡି, ୬।୧୦(ସ୍ୱ.ପ୍ର)**

ପାରଳା ରାଜ ପରିବାରର ଇଷ୍ଟଦେବୀ ହେଉଛନ୍ତି ମା’ ମାଣିକେଶ୍ୱରୀ। ପୌରପରିଷଦର ୯ନଂ ୱାର୍ଡ ଅଧୀନସ୍ଥ ଅଙ୍କସାହିରେ ମା’ଙ୍କ ପୀଠ ଅବସ୍ଥିତ। ପ୍ରାୟ ୪ଶହ ବର୍ଷ ତଳେ ତତ୍କାଳୀନ ମହାରାଜା ମାଣିକେଶ୍ୱରୀଙ୍କୁ ତତ୍କାଳୀନ ରାଜଗୁରୁଙ୍କ ଘରେ ରଖି ପୂଜା ପାଠ କରିଥିଲେ। ପରବର୍ତ୍ତୀ ସମୟରେ ମହାରାଜା ମା’ଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିବା ପୂଜକ ରମେଶ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି।


ଶାରଦୀୟ ଦଶହରା ପର୍ବ ଅବସରରେ ଏହି ପୀଠରେ ମହା ଆଡମ୍ବରରେ ମା’ଙ୍କ ଷୋଡ଼ଶ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ। ଏଥିରେ ସମଗ୍ର ସହର ଉତ୍ସବମୁଖର ହୋଇ ଉଠିଥାଏ। ପ୍ରତିବର୍ଷ ପାରଳା ମହାରାଜା ଗୋପୀନାଥ ଗଜପତି ଏହି ପୂଜାରେ ଅଂଶ ଗ୍ରହଣ କରୁଥିଲେ ମଧ୍ୟ କିଛିବର୍ଷ ହେଲା ସ୍ୱାସ୍ଥ୍ୟାବସ୍ଥା ଖରାପ ଯୋଗୁ ସେ ସୁଦୂର ଚେନ୍ନାଇରେ ଚିକିତ୍ସାଧୀନ ଅଛନ୍ତି। ହେଲେ ଚଳିତବର୍ଷ ମହାରାଜାଙ୍କ ଅନୁପସ୍ଥିତିରେ ରାଜକୁମାରୀ କଲ୍ୟାଣୀ ଦେବୀ ମା’ଙ୍କ ପୂଜାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ପରମ୍ପରା ଅନୁଯାୟୀ ମହାଷ୍ଟମୀ ଦିନ ଏଠାରେ କୁକୁଡ଼ା ଏବଂ ଛାଗ ବଳି ଦିଆଯାଇଥାଏ। ଏହାସହ ବର୍ଷ ତମାମ ଭକ୍ତମାନେ ମା’ଙ୍କ ଚରଣରେ ଭୋଗ ସ୍ୱରୂପ ମାଗୁର ମାଛ ଛାଡ଼ିଥାନ୍ତି। ଆଶ୍ଚର୍ଯ୍ୟଜନକ ହେଲେ ମଧ୍ୟ ସତ୍ୟ ଯେ, ମାଛ ଗୁଡ଼ିକ ଛାଡ଼ିବାପରେ ମା’ଙ୍କ ଚରଣ ତଳେ ହିଁ ସେ ଗୁଡ଼ିକର ମୃତ୍ୟୁ ହୋଇଥାଏ। ଏଠାରେ ବଳିପ୍ରଥା ସହ ଦେବୀଙ୍କ ନିକଟରେ ଆମିଷ ଭୋଗ ମଧ୍ୟ କରାଯାଇଥାଏ । ଚଳିତବର୍ଷ ମହାଷ୍ଟମୀ ତିଥିରେ ରାଜକୁମାରୀ କଲ୍ୟାଣୀଦେବୀ ମା’ ମାଣୀକେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିରେ ରାଜକୁମାରୀଙ୍କ ସହ ରାଜପୁରୋହିତ ଓ ସେବାୟତମାନେ ମଧ୍ୟ ଉପସ୍ଥିତ ଥିଲେ।

### କିମ୍ବଦନ୍ତୀ

ମା’ ମାଣିକେଶ୍ୱରୀ ଅନେକ ସମୟରେ ମନ୍ଦିର ମଧ୍ୟରେ ବୁଲା ଚୁଡ଼ିବାଲାଙ୍କୁ ଅଟକାଇ ହାତ ବଢାଇ ଚୁଡ଼ି ପିନ୍ଧିଥାନ୍ତି ଏବଂ ଚୁଡ଼ିର ମୂଲ୍ୟ ରାଜାଙ୍କ ନିକଟରୁ ଗ୍ରହଣ କରିବା ପାଇଁ କହୁଥିବା କିମ୍ବଦନ୍ତୀ ରହିଛି। ଫଳରେ ଏବେ ମଧ୍ୟ ବୁଲା ଚୁଡ଼ିବାଲା ମା’ଙ୍କ ପୀଠ ଦେଇ ଚୁଡ଼ିବିକ୍ରି ପାଇଁ ଯିବା ସମୟରେ ମାଣିକେଶ୍ୱରୀଙ୍କ ନିକଟରେ ଚୁଡ଼ି ଅର୍ପଣ କରିଥାନ୍ତି। ମା’ଙ୍କ ଏଭଳି ଅନେକ କିମ୍ବଦନ୍ତୀ ଓ ମହିମା ରହିଛି।



ରାଜକୁମାରୀ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।



ରାଜଗୁରୁ ସାହିରେ ମା’ ପୂଜା ପାଉଛନ୍ତି।

# ୪୫ ବର୍ଷରେ ରାଜଗୁରୁ ସାହି ଦୁର୍ଗା ମେଢ଼

**ପାରଳାଖେମୁଣ୍ଡି, ୬।୧୦ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିର ପ୍ରସିଦ୍ଧ ରାଜଗୁରୁ ସାହି ଦୁର୍ଗା ପୂଜା ୪୫ବର୍ଷରେ ପହଞ୍ଚିଛି। ଅଞ୍ଚଳବାସୀଙ୍କ ସହଯୋଗରେ ଏଠାରେ ପୂଜା ଅନୁଷ୍ଠିତ ହେଉଛି। ରାଜଗୁରୁ ତଳ ସାହି ଅଞ୍ଚଳରେ ମା’ ଦୁର୍ଗାଙ୍କ ପୂଜା ମଣ୍ଡପରେ ମହାଷଷ୍ଠୀ ଠାରୁ ବିଜୟାଦଶମୀ ବହୁ ଆଡମ୍ବରରେ ପୂଜା ଅନୁଷ୍ଠିତ ହେଉଛି। ସେହିପରି ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ୩ନମ୍ବର ୱାର୍ଡର ହାଟପଦା, ସାମୁଟିଆ ସାହି, ସୁନାରୀ ସାହି, ନଡ଼ିଆତୋଟା ସାହି, ମୁତ୍ୟାଲୁ ସାହି, ପନ୍ଦରାସାହି ଓ ରାଜଗୁରୁ ସାହି ସମେତ ଆଖପାଖ ଅଞ୍ଚଳବାସୀ ପହଞ୍ଚି ମା’ଙ୍କୁ ଦର୍ଶନ କରିବା ସହ ଆକର୍ଷଣୀୟ ତୋରଣ ଓ କଳାକୁଞ୍ଜର ମଜା ନେଇଥାନ୍ତି । ଏହା ସହରର ଏକ ପୁରାତନ ମେଢ଼ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ସମସ୍ତ କାର୍ଯ୍ୟକ୍ରମକୁ ନରେଶ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ମହାପାତ୍ର, ମାର୍କଣ୍ଡ ମହାରଣା, ବାବୁଲି ରାଜଗୁରୁ ପରିଚାଳନା କରୁଛନ୍ତି।

### ‘‘ସଂକଳ୍ପ ହିଁ ଶକ୍ତି’’ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି,୬।୧୦ (ସ୍ୱ.ପ୍ର.)**

ଦୁର୍ଗା ପୂଜା ଅବସରରେ ବାଲମୁକୁନ୍ଦ କେନ୍ଦ୍ର ତରଫରୁ ରବିବାର ପୂଜା ଅର୍ଚ୍ଚନା କରାଯାଇଥିଲା । ଶିଶୁମାନଙ୍କ ନିକଟରେ ଥିବା ଦିବ୍ୟ ଶକ୍ତି ସମ୍ପର୍କରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିଶୁମାନେ ଦୁର୍ଗାଙ୍କ ବେଶରେ ସଜାଇ ହୋଇ ପୂଜାରେ ଭାଗ ନେଇଥିଲେ। ସ୍ଥାନୀୟ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦଜୀଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସ୍ୱାମୀ ମୁକୁନ୍ଦାନନ୍ଦଜୀ ‘‘ସଙ୍କଳ୍ପ ହିଁ ଶକ୍ତି’’ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ‘‘ବାଲ୍ ମୁକୁନ୍ଦ ଚରିତ୍ର ନିର୍ମାଣ’’ ବହିରୁ ଆଧାରିତ ନବରାତ୍ରୀ, ଦଶହରା ଏବଂ ଦୁର୍ଗାପୂଜା ସମ୍ପର୍କିତ ବିଷୟବସ୍ତୁ ଗୁଡ଼ିକୁ ଖେଳ ଓ କାହାଣୀ ମାଧ୍ୟମରେ ଶିଶୁମାନଙ୍କୁ ଏଠାରେ ବୁଝାଇଥିଲେ। ଏଥିରେ ସତସଙ୍ଗୀ ଲକ୍ଷ୍ମୀଚରଣ ଭୂପତି ସହଯୋଗ କରିଥିଲେ । ପରେ ମୂରଲଧର ପରିଚ୍ଛା ଚିତ୍ରାଙ୍କନ ଶିକ୍ଷା ଏବଂ ସତ୍ୟନାରାୟଣ ଆପଟ ସଂଗୀତ ଶିକ୍ଷା ଦେଇଥିଲେ। ପବିତ୍ର ସଂକଳ୍ପ ନେଇ ନୂତନ କର୍ମ କରିବା ପାଇଁ ଏଠାରେ ସଂକଳ୍ପ ନିଆଯାଇଥିଲା। ଯାହାକି ବିଜୟୋତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟ ବୋଲି କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ମୁହଁରୁ ବଡ଼ କଥା,**
**ଶୁଣିଲେ ମନେ ଲାଗେ ବ୍ୟଥା ।**

ବଡ଼ଙ୍କୁ ଯଥୋଚିତ ସମ୍ମାନ ନ ଦେଖାଇଲେ ସାନ ସମସ୍ତଙ୍କ ଆଖିରେ ଆହୁରି ଛୋଟ ହୋଇଯାଏ। ଛୋଟ ମୁହଁରେ ବଡ଼କଥା ଶୋଭା ପାଇ ନ ଥାଏ। ବୟସର ସ୍ତରକୁ ଭୁଲି ବେଖାତିର କରି ବସିଲେ ବା ବଡ଼ ବଡ଼ କରି କଥା କହିଲେ ଶୁଣିବା ଲୋକ ମନରେ ଆଘାତ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସେଇ ନାନମାନ ସେଇ କାକରା**
**ସେଇଥି ପାଇଁ କି ଗାଁ ଡାକରା ।**

ଜୋଇଁ ଡାକରାରେ ନିମନ୍ତ୍ରିତ ହୋଇ ଆସୁଥିବା ଜ୍ୱାଇଁଙ୍କୁ ଖୁବ୍ ଚର୍ଚ୍ଚା କରାଯାଇଥାଏ। ରହଣି କାଳରେ ତାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ରୁଚିକର ଖାଦ୍ୟ ପରଷା ଯାଇ ମନ ଖୁସି କରିବାକୁ ଚେଷ୍ଟା କରାଯାଇଥାଏ। ତେବେ ଚର୍ଚ୍ଚା କରିବାରେ ଯଦି ସେଭଳି ବିଶେଷ ଆୟୋଜନ କରାଯାଇ ନ ଥାଏ, ତା’ହେଲେ ଏପରି ଜୋଇଁ ଡାକରାର ମୂଲ୍ୟ କ’ଣ ବୋଲି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅବହେଳିତ ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ

■୬୦ ଡାକ୍ତରଙ୍କ ମଧ୍ୟରୁ ଅଛନ୍ତି ୨୨
■ଗର୍ଭବତୀଙ୍କ ପାଇଁ ଲିଫ୍ଟ, ହୁଇଲ୍ ଚେୟାର ବ୍ୟବସ୍ଥା ନାହିଁ

**ପାରଳାଖେମୁଣ୍ଡି,୬।୧୦(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥାରେ ଚାଲିଛି। ସମଗ୍ର ଜିଲାବାସୀ ସ୍ୱାସ୍ଥ୍ୟସେବା ପାଇଁ ଏହା ଉପରେ ନିର୍ଭରଶୀଳ। ମାତ୍ର ଏହି ଚିକିତ୍ସାଳୟ ବହୁ ଅବ୍ୟବସ୍ଥାରେ ଚାଲିଥିବାବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ରୋଗୀ ଏବଂ ସହରରବାସୀଙ୍କ ମଧ୍ୟରେ ଅଭିଯୋଗ ହେଉଛି। ଏଠାରେ ଡାକ୍ତରଙ୍କ ଅଭାବ ମୁଖ୍ୟ ସମସ୍ୟା ହୋଇଛି। ମୋଟ ଡାକ୍ତରଙ୍କ ସଂଖ୍ୟା ୬୦ ହୋଇଥିବାବେଳେ ମାତ୍ର ୨୨ ଜଣ ଡାକ୍ତର କାର୍ଯ୍ୟରତ ଥିବା ଜଣାପଡ଼ିଛି। ମହାରାଜାଙ୍କ ଅମଳର ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରବର୍ତ୍ତି ସମୟରେ ପ୍ରଶାସନ ନିଜ ହାତକୁ ନେବା ସହ ଏକ ନୂତନ କୋଠାରେ ଚାଲିଛି। ହେଲେ ଡାକ୍ତରଙ୍କ ଅଭାବ ଦୂର ହୋଇପାରିନାହିଁ। ଦୀର୍ଘ ୬ମାସ ହେଲା ଚକ୍ଷୁ ରୋଗ ବିଶେଷଜ୍ଞଙ୍କ ବଦଳି ହୋଇଥିବାବେଳେ ସେ ଅବସର ଗ୍ରହଣ କରିବାପରେ ତାଙ୍କ ସ୍ଥାନ ଖାଲି ପଡ଼ିଛି। ଚକ୍ଷୁ ରୋଗ ଏବଂ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ନାହିଁ । ସେହିପରି ଏହି ଚିକିତ୍ସାଳୟରେ ଡାକ୍ତରଙ୍କ ପାଇଁ ମାତ୍ର ୫କ୍ୱାଟର ରହିଥିବାବେଳେ କାର୍ଯ୍ୟରତ ନର୍ସଙ୍କ ପାଇଁ ମଧ୍ୟ ଆବଶ୍ୟକ ସଂଖ୍ୟାରେ କ୍ୱାର୍ଟର ନଥିବା ଜଣାପଡ଼ିଛି। ସେହିପରି ଆବଶ୍ୟକ ସଫେଇ କର୍ମଚାରୀ ମଧ୍ୟ ନ ଥିବା ଏହା ବ୍ୟତୀତ, ଏଠାରେ ଆବଶ୍ୟକ ସଂଖ୍ୟାରେ ଷ୍ଟ୍ରେଚର, ହ୍ୱିଲଚେୟାର ମଧ୍ୟ ନ ଥିବାନେଇ ବାରମ୍ବାର ଅଭିଯୋଗ ହେଉଛି। ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା ଠିକ୍ ନ ଥିବା ରୋଗୀ ଏବଂ ସମ୍ପର୍କୀୟଙ୍କଠାରୁ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଗର୍ଭବତୀଙ୍କ ପାଇଁ ପ୍ରକୋଷ୍ଠ ଉପର ମହଲାରେ ରହିଥିବାବେଳେ ସେଠାକୁ ଯିବାପାଇଁ ଲିଫ୍ଟ କିମ୍ବା ଅନ୍ୟ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଚିକିତ୍ସାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯଥାଶୀଘ୍ର ସମାଧାନ କରିବାପାଇଁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଧମାକା! ଦୀପାବଳି ଧମାକା!
Hindustan Finance (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

BUSINESS

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣଙ୍କୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

SUCCESS — DHARITRI Career appointment Every Wednesday and Saturday

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୭ ଅକ୍ଟୋବର, ୨୦୧୯



# ଆଲୋକ, ତୋରଣରେ ଝଲସୁଛି ଜୟପୁର

ଜୟପୁର,୬।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଐତିହାସିକ ଦଶହରା ମହୋତ୍ସବ ପାଇଁ ସାରା ସହର ଉତ୍ସବମୁଖର ହୋଇପଡ଼ିଛି। ଜୟପୁର ରଜାନହର, ଘରୋଇ ବସ୍ ମାଲିକ ସଂଘ, ମାଦଳାସାହି, ପାୱାର ହାଉସ, ସରକାରୀ ବସ୍‌ଷ୍ଟାଣ୍ଡ, ଗାନ୍ଧିଛକରେ ଆକର୍ଷଣୀ ଦୁର୍ଗାମେଢ଼ ହୋଇଛି। ମେଢ଼ ଦେଖିବା ପାଇଁ ଆଖପାଖ ଗ୍ରାମ ତଥା ଜିଲା ବାହାରୁ ଦେଖଣାହାରୀଙ୍କ ଭିଡ଼ ବଢ଼ିବାରେ ଲାଗିଛି। ଦଶହରାରେ ସାମିଲ ହେବା ପାଇଁ ଅବିଭକ୍ତ କୋରାପୁଟ ଜିଲାର ଦେବୀଙ୍କ ପ୍ରତୀକ ଲାଠି ଜୟପୁରରେ ପହଞ୍ଚିବା ଆରମ୍ଭ କଲେଣି। ମା'ଙ୍କ ପ୍ରତୀକ ଲାଠିମାନଙ୍କ ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ଦଶହରା ରାତିରେ ଏହି ଲାଠିମାନଙ୍କ ଏକ ଶୋଭାଯାତ୍ରା ବାହାରିଥାଏ, ଯାହାକୁ ଦେଖିବା ପାଇଁ ହଜାର ହଜାର ଲୋକ ଏକତ୍ରିତ ହୋଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ରଜାନହରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ହେଉଛି। ସହରରେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୫ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ପୋଲିସର ମୋବାଇଲ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତରା ମାରୁଛି।

## ସାଜସଜ୍ଜା ସାମଗ୍ରୀ ପସରା ମେଲିଛନ୍ତି ରାଜସ୍ଥାନର ମୁସଲମାନ ବେପାରୀ

ଜୟପୁର ଦଶହରା ସମସ୍ତ ଜାତି ଓ ଧର୍ମର ଲୋକଙ୍କୁ ଯୋଡୁଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସବୁ ଧର୍ମର ଲୋକଙ୍କ ଅବଦାନ ଦଶହରାରେ ଦେଖିବାକୁ ମିଳେ। ଭାଇଚାରା ସହ ସମସ୍ତେ ଜାତି ଓ ଧର୍ମ ନିର୍ବିଶେଷରେ ମିଳିତ ଭାବେ ମା' ଦୁର୍ଗତିନାଶିନୀଙ୍କ ପର୍ବ ପାଳନ କରିଆସୁଛନ୍ତି। ଜୟପୁର ସହରରେ ୩ରୁ ୪ଦିନ ପୂର୍ବରୁ ଦଶହରା ପୂଜା ପାଇଁ ବିଭିନ୍ନ ପୂଜାମଣ୍ଡପ, ଦୋକାନ, ବାଇକଠାରୁ ବଡ଼ଗାଡ଼ି ଯାଏ ଦରକାର ହେଉଥିବା ବିଭିନ୍ନ ରଙ୍ଗିନ କାଗଜ ଓ ଅନ୍ୟ ସାଜସଜ୍ଜା ସାମଗ୍ରୀ ବିକ୍ରି କରୁଛନ୍ତି ରାଜସ୍ଥାନର ମୁସଲିମ ସଂପ୍ରଦାୟର ଯୁବକ। ସେମାନେ ରାଜସ୍ଥାନର ମୂଳ ବାସିନ୍ଦା ହୋଇଥିବା ବେଳେ ମଧ୍ୟପ୍ରଦେଶର ଇନ୍ଦୋର ସହର ଏବଂ ଆଖପାଖରେ ବସବାସ କରନ୍ତି। ସେଠାରୁ ସାଜସଜ୍ଜା ସାମଗ୍ରୀ ପାଇଁ କଞ୍ଚାମାଲ ଆଣି ତିଆରି କରିବା ପରେ ଜୟପୁରରେ ବିକ୍ରି କରିଥାଆନ୍ତି। ସେମାନେ ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏଠାରେ ଦଶହରା ପର୍ବ ପାଳନ ବେଳେ ଏକ ସପ୍ତାହ ଧରି ରହି ବେପାର କରନ୍ତି। ସେମାନଙ୍କ ପୂର୍ବପୁରୁଷମାନେ ମଧ୍ୟ ଏହି ବ୍ୟବସାୟ କରିଆସୁଥିଲେ ବୋଲି ବ୍ୟବସାୟୀ ମୀର ସଲମାନ କହିଛନ୍ତି। ଏହି ସମ୍ପ୍ରଦାୟର ଲୋକେ ଦେଶର ସମସ୍ତ ଛୋଟ ବଡ଼ ସହରକୁ ଯାଇ ଦଶହରା ଓ କାଳୀପୂଜା ସମେତ ହିନ୍ଦୁ ଦେବଦେବୀଙ୍କ ଅନ୍ୟ ପର୍ବପର୍ବାଣିରେ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବା ସହ ବିକ୍ରି କରୁଛନ୍ତି ବୋଲି ବ୍ୟବସାୟୀ ମୀର ଇଦ୍ରିଶ, ମୀର ଦାଉଦ, ମହମ୍ମଦ ଜାଭେଦ, ଆବଦୁଲ କହିଛନ୍ତି।

## ଦୁର୍ଗାବାହିନୀର ଶସ୍ତ୍ର ପୂଜନ ସାଙ୍ଗକୁ ଶୋଭାଯାତ୍ରା

ଜୟପୁର,୬।୧୦(ଡି.ଏନ୍.ଏ.)

ଜୟପୁର ସହରରେ ଦୁର୍ଗାବାହିନୀ ପକ୍ଷରୁ ଶସ୍ତ୍ର ପୂଜନ ସହ ରାଜାନଅରଠାରୁ ୱେଲକମ ଛକ ଓ ସେଠାରୁ ରାଜା ନଅର ପରିକ୍ରମା କରିଛି ଏକ ଶୋଭାଯାତ୍ରା। ଏହାପରେ ସ୍ଥାନୀୟ ଗୀତା ଭବନରେ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ହିନ୍ଦୁ ସଂଗଠନ ମହିଳାଙ୍କୁ ନେଇ ଗଠିତ ଏହି ଦୁର୍ଗାବାହିନୀରେ ସ୍ଥାନୀୟ ମହିଳା ଓ ଯୁବତୀମାନେ ଯୋଗ ଦେଇଥିଲେ । ପ୍ରଥମେ ରଥପଡ଼ିଆ ସ୍ଥିତ ଦେବୀ କନକଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ନିକଟରେ ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି ବାବୁଭାଇ ବଜରଙ୍ଗି ଶସ୍ତ୍ର ପୂଜନ କରିବା ପରେ ଶୋଭାଯାତ୍ରା କରାଯାଇଥିଲା। ସେହିପରି ବୌଦ୍ଧିକ କାର୍ଯ୍ୟକ୍ରମରେ ଜି. ଭାଗ୍ୟଲକ୍ଷ୍ମୀ, ଜୟନ୍ତୀ ବାହାର, ଏସ୍. ନାଗମଣି ବକ୍ତବ୍ୟ ରଖିଥିଲେ।

## ସୁନାବେଶରେ ମା' ଭଗବତୀ

ଜୟପୁର,୬।୧୦(ନି.ପ୍ର./ଡି.ଏନ୍.ଏ.)


କୋରାପୁଟ ଜିଲା ଜୟପୁରରେ ଦଶହରା ପାଇଁ ଷୋଡ଼ଶ ଦିନ ବ୍ୟାପୀ ପୂଜାର୍ଚ୍ଚନା ଚାଲିଛି। ମହାନବମୀରେ ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ପୀଠରେ ରବିବାର ମା'ଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ମା'ଙ୍କ ମୁଣ୍ଡ ମାଳ, କମରପଟି, ହାର, ଦଣ୍ଡି ଭଳି ୧ କେଜିରୁ ଅଧିକ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ କରାଯାଇଥିଲା। ଜୟପୁର ତହସିଲଦାର ମାତାରମ ଲେହାଙ୍ଗିଙ୍କ ଉପସ୍ଥିତିରେ ମା'ଙ୍କୁ ସୁନାଗହଣା ଲାଗି ହୋଇଥିଲା। ରାଜାରାଜୁଡ଼ା ସମୟରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଗାଁରୁ ଆସିଥିବା ସୁନାରେ ନିର୍ମିତ ମୁକୁଟ, କମରପଟି, ନୋଥ, ମୁଣ୍ଡମାଳ, କାନଫୁଲ ଓ ଅନ୍ୟ ଅଳଙ୍କାର ରହିଛି। ଏହି ଅବସରରେ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା, ହୋମ, ଭୋଗ ଲାଗି କରାଯାଇଥିଲା। ଭକ୍ତମାନେ ଲମ୍ବାଧାଡ଼ିରେ ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ସୁନାବେଶ ଦର୍ଶନ କରିଥିଲେ। ସନ୍ଧ୍ୟା ୬ରୁ ରାତି ୯ଟା ଯାଏ ସୁନାବେଶ ହୋଇଥିଲା। ମନ୍ଦିରରେ କଡ଼ା ସୁରକ୍ଷା ପାଇଁ ୧ ପ୍ଲାଟୁନ ଫୋର୍ସ, ୪ ଜଣ ଅଫିସର ନିୟୋଜିତ କରାଯାଇଥିବା ବେଳେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ନେତୃତ୍ୱରେ କଡ଼ା ସୁରକ୍ଷାରେ ଭକ୍ତମାନେ ସୁନାବେଶ ଦର୍ଶନ କରିଥିଲେ। ଏହି ବେଶ ଦର୍ଶନ କଲେ ପୁଣ୍ୟ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି।


ଜୟପୁର ଗାନ୍ଧୀଛକ।


ଜୟପୁର ମାଦଳାସାହି ଦକ୍ଷିଣ ପୂଜା କମିଟି।


ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡ।


ଜୟପୁର ସାଉଥ୍‌କୋ ପାୱାରହାଉସ୍।


ଜୟପୁର ଆକାଶବାଣୀ କେନ୍ଦ୍ର ଛକ।


ଜୟପୁର ଜଗତଜନନୀ ଛକ।



ଜୟପୁର ସହରର ଦୁଇଟି ଆକର୍ଷଣୀୟ ତୋରଣ।


ବୈପାରୀଗୁଡ଼ା।


ସୁନାବେଡ଼ା ହାଲ୍ ସେଣ୍ଟ୍ରାଲ ପୂଜା କମିଟି।

# ଜାତୀୟ କୃଷି ବଜାର ପରିଚାଳନାରେ ଅବ୍ୟବସ୍ଥା

## ବ୍ୟବସ୍ଥାରେ ସୁଧାର ପାଇଁ ଜିଲାପାଳଙ୍କ ସହାୟତା ଲୋଡ଼ିଲେ ଆରଏମ୍‌ସି ଉପାଧ୍ୟକ୍ଷ

କୋରାପୁଟ,୬।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାର କୁନ୍ଦୁଲିସ୍ଥିତ ଜାତୀୟ କୃଷି ବଜାର ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଖୋଦ୍ ଆରଏମ୍‌ସି ଉପାଧ୍ୟକ୍ଷ କର୍ପୁର ହନ୍ତାଳ ଏହି ଅଭିଯୋଗ କରିଛନ୍ତି। ସେ ଏନେଇ ଜିଲାପାଳଙ୍କୁ ଏକ ଚିଠି ଦେଇ ଅବ୍ୟବସ୍ଥାର ସମାଧାନ କରିବା ପାଇଁ ନିବେଦନ କରିଛନ୍ତି।

କୁନ୍ଦୁଲି ଜାତୀୟ କୃଷି ବଜାରରେ ଥିବା ୱେ-ବ୍ରିଜରେ ମେ ମାସ ୨୦୧୯ରୁ ସାମାନ୍ୟ ତ୍ରୁଟି ହୋଇଥିଲା। କିନ୍ତୁ ଏଯାବତ୍ ତାହା ଅକାମୀ ହୋଇ ପଡ଼ିରହିଛି। ସେହିପରି ସେଠାରେ ଥିବା ଇନଭର୍ଟର ଓ ବ୍ୟାଟେରିର ମଧ୍ୟ ସାମାନ୍ୟ ମରାମତି ନ ହେବା କାରଣରୁ ୨ ମାସ ହେବ ତାହା ଅକାମୀ ହୋଇ ପଡ଼ିଛି। ଫଳରେ ୪ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାଟେରି ନଷ୍ଟ ହୋଇଯିବା ଆଶଙ୍କା ଦେଖାଦେଇଛି। ସେଠାରେ ଥିବା ଚାଷୀ ବିଶ୍ରାମ ଗୃହଗୁଡ଼ିକ ଆରଏମ୍‌ସି କମିଟିର ଅଗୋଚରରେ ଭଡ଼ାରେ ଲାଗୁଛି। ଏଠାରେ ବାର୍ଷିକ ଆୟ ନେଇ କୌଣସି ଟାର୍ଗେଟ ରହୁ ନ ଥିବା ଏବଂ ମାସିକ ଆୟ ନେଇ କେବେ ସମୀକ୍ଷା ବୈଠକ କରାଯାଉ ନ ଥିବା ଯୋଗୁ ଆୟରେ ତାଳମେଳ ରହୁନାହିଁ। ଗତ ଅଗଷ୍ଟ ମାସରେ ମାସିକ ଆୟ ୪ ଲକ୍ଷ ୭୧ ହଜାର ଟଙ୍କା ଥିବାବେଳେ ଏପ୍ରିଲରେ ମାତ୍ର ୫୨ ହଜାର ୭୮୦ ଟଙ୍କା ଆୟ ହୋଇଥିଲା। ସେଠାରେ ଥିବା ଡିଜି ସେଟକୁ କେବେ କାମରେ ଲଗାଯାଉ ନ ଥିବାରୁ ପ୍ରାୟ ୧୨ ଲକ୍ଷ ଟଙ୍କା ନଷ୍ଟ ହେବାକୁ ବସିଛି । ସେହିପରି ସେମିଳିଗୁଡ଼ା ମାର୍କେଟ ନିର୍ମାଣ କାର୍ଯ୍ୟରେ ଆଦୌ ଅଗ୍ରଗତି ହେଉନାହିଁ । ଏଠାରେ ଥିବା ୮୦ଟି ଦୋକାନ ଗୃହ ପାଇଁ ମୋଟ ୧ କୋଟି ୭୯ ଲକ୍ଷ ୭୩ ହଜାର ୮୭୦ ଟଙ୍କା ରହିଥିଲା। ଯାହା ୯ ମାସରେ କାମ ସରିବା ଚୁକ୍ତି ଥାଇ ମଧ୍ୟ ଏକ ବର୍ଷ ୯ ମାସ ଅଧିକ ସମୟ ଯାଇଛି। କିନ୍ତୁ ମାତ୍ର ୬୪ଟି ଦୋକାନ ଗୃହ ହୋଇ ବିନା ଇଓଟି କାର୍ଯ୍ୟ ଚାଲିଛି ବୋଲି ଆରଏମ୍‌ସି ଉପାଧ୍ୟକ୍ଷ ହନ୍ତାଳ ଜିଲାପାଳଙ୍କୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି। ଜାତୀୟ କୃଷି ବଜାରର ଅବ୍ୟବସ୍ଥା ନେଇ ଡେପୁଟି କଲେକ୍ଟର ତଥା ଆରଏମସି ସଂପାଦକ ଆଲୋକ କୁମାର ଅନୁଗୁଳିଆଙ୍କୁ ପଚାରିବାରୁ କୁନ୍ଦୁଲିର ଜାତୀୟ କୃଷି ବଜାରର ଅବ୍ୟବସ୍ଥା ପାଇଁ ଆରଏମ୍‌ସି କମିଟିର କର୍ମକର୍ତ୍ତା ଦାୟୀ ବୋଲି କହିଛନ୍ତି। ସେହିପରି ଚାଷୀ ବିଶ୍ରାମ ଗୃହରେ ଚାଷୀ ବଦଳରେ ଅନ୍ୟ ଲୋକ ରହୁଥିବା ସଂପର୍କରେ ସଂପାଦକଙ୍କୁ ପଚାରିବାରେ ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଆସିଥିବା ଗାଡି ଡ୍ରାଇଭର ଓ ହେଲପରମାନେ ଏଠାରେ ରହିବା ଆବଶ୍ୟକ ଥିବାରୁ ଗୃହ ତାଙ୍କୁ ପ୍ରଦାନ କରାଯାଇଥାଏ ବୋଲି କହିଛନ୍ତି।

## ପୂଜା ପାଉଛନ୍ତି ମା' ଶାଙ୍କୁଲାଇ

ଜୟପୁର,୬।୧୦(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକରେ ରାଜାରାଜୁଡ଼ା ଅମଳର ଗାଁ ହେଉଛି ଭୈରବସିଂପୁର । ବ୍ଲକ ସଦରରୁ ୧୪ କିମି ଦୂରରେ ରହିଛି ଏହି ଐତିହାସିକ ଗାଁ। ଏହି ଗ୍ରାମରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟ ବସବାସ କରୁଥିବା ବେଳେ ଅନ୍ୟ ଜାତି ସହ ବ୍ରାହ୍ମଣମାନେ ମଧ୍ୟ ରହିଆସୁଛନ୍ତି। ରାଜ ପରିବାରର ଦାୟାଦ ଭୈରବ ସିଂଙ୍କ ନାମରେ ଏହି ଗ୍ରାମର ନାମକରଣ ହୋଇଛି । ଏଠାରେ ବୈଦିକ ରୀତିନୀତି ସହ ଆଦିବାସୀ ପରମ୍ପରାରେ ପୂଜାପାଠ ଆୟୋଜିତ ହୋଇଥାଏ। ଭୈରବସିଂପୁର ନିକଟସ୍ଥ ପାହାଡ଼ ପାଦଦେଶରେ ପ୍ରତ୍ୟକ୍ଷ ଦେବୀ ଭାବେ ମା' ଶାଙ୍କୁଲାଇଙ୍କୁ ପୂଜା କରାଯାଇଥାଏ । ଦେବୀଙ୍କ ପୂଜକମାନେ ଆଦିବାସୀ ଅମନାତ୍ୟ ସମ୍ପ୍ରଦାୟର ଅଟନ୍ତି। କିନ୍ତୁ ଶାରଦୀୟ ପୂଜାରେ ଅଷ୍ଟମୀ ତିଥିରୁ ଦଶହରା ଯାଏ ବ୍ରାହ୍ମଣ ପୁରୋହିତମାନେ ହୋମଯଜ୍ଞ କରିଥାଆନ୍ତି। ରାଜାରାଜୁଡ଼ା ଅମଳରେ ଦେବୀ ପାହାଡ଼ ଉପରେ ପୂଜା ପାଉଥିଲେ। କିନ୍ତୁ ଗୋଟିଏ ଦିନ ପୂଜକ ପାହାଡ଼ ଉପରେ ପୂଜାଡାଳ ଛାଡ଼ିଦେଇଥିଲେ। ଏହାକୁ ଆଣିବାକୁ ଯାଉଥିବା ବେଳେ ଦେବୀ ପାହାଡ଼ ଉପରୁ ଡାଳ ତଳକୁ ପକାଇ ଦେଇଥିଲେ। ଏହି ଡାଳର ଗୋଟିଏ ଭାଗ ପାହାଡ଼ ତଳେ ପଡ଼ିଥିବା ବେଳେ ଅନ୍ୟ ଭାଗଟି ଭୈରବଙ୍କ ନାମରେ ବୋରିଗୁମ୍ମାରେ ପୂଜା ପାଉଛି। ପୂଜା ପାଉଥିବା ଉଭୟ ଭଙ୍ଗାଡାଳ ପଥର ପାଲଟି ଯାଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଥିବା ବୁଦ୍ଧିଜୀବୀ ନୀଳକଣ୍ଠ ପ୍ରସାଦ ପଣ୍ଡା ପ୍ରକାଶ କରିଛନ୍ତି।

# କୁନିଝିଅଙ୍କୁ ପୂଜିଲେ ସନ୍ତୁଷ୍ଟ ହଅନ୍ତି ଦେବୀ

ଦାମନଯୋଡ଼ି,୬।୧୦(ଡି.ଏନ୍.ଏ.)


କୋରାପୁଟ ଜିଲା ସତ୍‌ସଂଗ ଭେଜାପୁଟଠାରେ ବାସ କରୁଥିବା ଦାମୋଦର ପଣ୍ଡାଙ୍କ ଘରେ ନବଦିନାତ୍ମକ ଶାରଦୀୟ ଦୂର୍ଗାପୂଜା ଅନୁଷ୍ଠିତ ହୋଇଛି। ଏଥିରେ ନବମୀ ପୂଜାରେ କନ୍ୟାପୂଜନ କରାଯାଇଥିଲା । ନଅଜଣ କୁଆଁରି ଝିଅଙ୍କୁ ଅଳତା, ଫୁଲ, ଚନ୍ଦନ, ରଙ୍ଗଚୁନରୀ, ବନ୍ଦାପନା କରି ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତ କୁଆଁରି ଝିଅମାନଙ୍କୁ ଖିରି, ପୁରୀ, ମିଠା, ପିଠା ଖାଇବାକୁ ଦିଆଯାଇଥିଲା । ବିଶ୍ୱାସ ରହିଛି, ଛୋଟ ଝିଅମାନଙ୍କୁ ଏଭଳି କନ୍ୟାପୂଜନ କଲେ ମା' ସନ୍ତୁଷ୍ଟ ହୁଅନ୍ତି ଏବଂ ଆଶୀର୍ବାଦ କରନ୍ତି । ଏହି ପୂଜନ କାର୍ଯ୍ୟରେ ମମତା ଷଡ଼ଙ୍ଗୀ ଅନିତା ପଣ୍ଡା, ସାଗରିକା ଶତପଥୀ, ଅନିତାରାଣୀ ଦାଶ ସହଯୋଗ କରିଥିଲେ ।


ମହାନବମୀରେ ଛୋଟଝିଅମାନଙ୍କୁ ପୂଜା କରାଯାଉଛି।

# ଶାରଦୀୟ ଆବାହନୀରେ ଶତମୁଖ ଦେବୀ ମଣ୍ଡପ

ଦାମନଯୋଡ଼ି,୬।୧୦(ଡି.ଏନ୍.ଏ.)

ଶାରଦୀୟ ଦୁର୍ଗାପୂଜାର ମୁଖ୍ୟ ପର୍ବ ମହାଷ୍ଟମୀ ଦାମନଯୋଡ଼ିର ବିଭିନ୍ନ ପୂଜାମଣ୍ଡପରେ ପାଳିତ ହୋଇଛି । ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପବାସ ବ୍ରତ କରି ମା'ଙ୍କଠାରେ ପୂଜାର୍ଚ୍ଚନା କରିଥିଲେ । ସେକ୍ଟର -୩ ପୂଜା ମଣ୍ଡପରେ ପଣ୍ଡିତ ପ୍ରଦୀପ ରଞ୍ଜନ ମିଶ୍ର, ଅମରେନ୍ଦ୍ର ଦାଶ (ସାଲେପୁର ନେମାଳ) ଏବଂ ମନୋରଞ୍ଜନ ତ୍ରିପାଠୀ (ଆନନ୍ଦପୁର) ପୂଜାକାର୍ଯ୍ୟ କରୁଛନ୍ତି। ନାଲ୍‌କୋ ଏଜିଏମ୍ ଶଶାଙ୍କ ଶେଖର ସାହୁ, ପତ୍ନୀ ଶୁଭଶ୍ରୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣାଙ୍କ ସହ ସଞ୍ଜୟ ଚାନ୍ଦ, ବସନ୍ତ ପଣ୍ଡା, ସୁଧୀର ସ୍ୱାଇଁ, ଦେବାଶିଷ ଛୋଟରାୟ, ପ୍ରଫୁଲ୍ଲ କୁମୁନି, ନିରାକାର ସାହୁ, ପ୍ରମୋଦ କୁଣ୍ଡ ଓ ସୁକାନ୍ତ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି । ସେହିପରି ସେକ୍ଟର-୧ ପୂଜା ମଣ୍ଡପରେ ଜଗତସିଂହପୁରରୁ ଆସିଥିବା ପୂଜକ ପଣ୍ଡିତ ବିଶ୍ୱନାଥ ଦାଶ, ସୂର୍ଯ୍ୟନାରାୟଣ ଦାଶ, ବିଶ୍ୱନାଥ ଦାଶ (୨) ଓ ଲୋକନାଥ ଦାଶ ପୂଜାର୍ଚ୍ଚନା କରୁଛନ୍ତି। ହରେକୃଷ୍ଣ ପାତ୍ର ଓ ପତ୍ନୀ ଶାନ୍ତିଲତା ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି । ଭେଜାପୁଟ ମାର୍କେଟରେ ହେଉଥିବା ପୂଜାରେ ପୂଜକ ବିନାୟକ ତ୍ରିପାଠୀ, ବିରଞ୍ଚି ନାରାୟଣ ପଣ୍ଡା, ଅଲେଖଚନ୍ଦ୍ର ମିଶ୍ର ଓ ମନୋଜ ଦାଶ (ଯାଜପୁରରୁ) ପୂଜାକାର୍ଯ୍ୟ କରୁଛନ୍ତି। ପ୍ରଭୁ ଚରଣ ସାହୁ ଓ ପତ୍ନୀ ରେଣୁବାଳା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଶ୍ରୀସିଦ୍ଧେଶ୍ୱର ବଣିକ ସଂଘର ବ୍ୟବସାୟୀ ବନ୍ଧୁ, ଗ୍ରାମବାସୀ ପୂଜା ପରିଚାଳନା କରିଛନ୍ତି । ମାଥାଲପୁଟର ମା' କଣ୍ଟାବାଉଁଶୁଣୀ ବଣିକ ସଂଘ ପକ୍ଷରୁ ପୂଜାମଣ୍ଡପରେ ମା'ଙ୍କ ପୂଜା ଚାଲିଛି। ଗଞ୍ଜାମ ଦିଗାପହଣ୍ଡାରୁ ଆସିଥିବା ପୂଜକ ପଞ୍ଚାନନ ଦାଶ, ସୁଦର୍ଶନ ଦାଶ ପୂଜାକାର୍ଯ୍ୟ କରୁଛନ୍ତି । ସୁବାସ ଚନ୍ଦ୍ର ଦାଶ ସପତ୍ନୀକ କର୍ତ୍ତା ଅଛନ୍ତି । ସେହିପରି ମାଥାଲପୁଟସ୍ଥିତ ଦାମନଯୋଡ଼ି ଭାରୀ ଓ ହାଲୁକା ମୋଟରଯାନ କର୍ମଚାରୀ ସଂଘ (ଡ୍ରାଇଭର ୟୁନିୟନ) ପକ୍ଷରୁ ମା'ଙ୍କ ସାର୍ବଜନୀନ ପୂଜା କରାଯାଉଛି । ପୂଜକ ରାମକୃଷ୍ଣ ମିଶ୍ର ଓ ସହଯୋଗୀ ପୂଜା କରୁଛନ୍ତି । ଏଥିସହିତ ସେକ୍ଟର-୧ ମା' ବିମଳାଙ୍କ ମନ୍ଦିରରେ ରବିବାର ମହାନବମୀ ପାଳିତ ହୋଇଛି । ମା' କଣ୍ଟା ବାଉଁଶୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି। ମା'ମଙ୍ଗଳାଙ୍କ ମନ୍ଦିର, ତାରିଣୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଦାମନଯୋଡ଼ି ଥାନାରେ ମଧ୍ୟ ମା'ଙ୍କ ସ୍ୱତନ୍ତ୍ର ପୂଜା ହୋଇଛି । ବିଭିନ୍ନ ସ୍ଥାନରେ ମା'ଙ୍କ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ପାର୍ଶ୍ୱଦେବୀ, ସୁନ୍ଦର ତୋରଣ, ଆଲୋକସଜ୍ଜା, ବାଜା, ବାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦାମନଯୋଡ଼ି ଉତ୍ସବ ମୁଖର ହୋଇଛି ।


ଦାମନଯୋଡ଼ିର ଭେଜାପୁଟ।


ଦାମନଯୋଡ଼ି ଡ୍ରାଇଭର ୟୁନିୟନ।


ଦାମନଯୋଡ଼ିର ମାଥାଲପୁଟ।



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜେଡିୟୁ ଅଧ୍ୟକ୍ଷ ଭାବେ ରବିବାର ପୁନର୍ବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରବିବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟସୀମା ଶେଷ ହେବା ପରେ ଅଧ୍ୟକ୍ଷ ପଦ ପାଇଁ ନୀତୀଶ ଏକମାତ୍ର ପ୍ରାର୍ଥୀ ଥିବାରୁ ତାଙ୍କୁ ନିର୍ବାଚିତ ଘୋଷଣା କରାଗଲା ବୋଲି ଦଳର ଜାତୀୟ ରିଟର୍ନିଂ ଅଫିସର ଅନୀଲ ହେଗ୍ଡେ କହିଛନ୍ତି। ନୀତୀଶଙ୍କ ପକ୍ଷରୁ ଦଳୀୟ ନେତାମାନେ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ।





ଭାରତୀୟ ବାୟୁସେନାର ୮୭ତମ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗାଜିଆବାଦର ହିଣ୍ଡୋନ ଏୟାରବେସ୍‌ରେ ଅଭ୍ୟାସରତ ସାରଙ୍ଗ ହେଲିକପ୍ଟର।



ପାଟନାର ରାଜେନ୍ଦ୍ର ନଗରରେ ଜଳସ୍ତର କମିବା ପରେ ପିଲାମାନେ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଛନ୍ତି।




ମୁମ୍ବାଇ ମେଟ୍ରୋର ପ୍ରସ୍ତାବିତ କାର୍ ଶେଡ୍ ପାଇଁ ଆରେ କଲୋନୀରେ ଗଛକଟାକୁ ବିରୋଧ କରି ସ୍ୱେଚ୍ଛାସେବୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଜୈଶ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର,୬।୧୦(ପି.ଟି.):** ଉତ୍ତର କଶ୍ମୀରର ବାରାମୁଲା ଜିଲାରେ ରବିବାର ମହସିନ ମଞ୍ଜୁର ସାଲହେଆ ନାମକ ଜଣେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଗିରଫ ହୋଇଛନ୍ତି। ଆରାମପୋରା ବାସିନ୍ଦା ମହସିନଙ୍କୁ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ଧରାଯାଇଛି। ତାଙ୍କଠାରୁ ଅସ୍ତ୍ରଶସ୍ତ୍ର ସହ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ସେ ଦୁଇଟି ଆକ୍ରମଣରେ ସମ୍ପୃକ୍ତ ଥିବାବେଳେ ଆହୁରି କେତେକ ସ୍ଥାନରେ ଆକ୍ରମଣ ପାଇଁ ଯୋଜନା କରୁଥିଲେ।

### ବିମାନ ଦୁର୍ଘଟଣାରେ ୨ ପାଇଲଟ ମୃତ



ହାଇଦ୍ରାବାଦ,୬।୧୦(ଆଇଏଏନ୍ଏସ୍) ହାଇଦ୍ରାବାଦ ନିକଟ ବିକାରାବାଦ ଜିଲାରେ ରବିବାର ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ପାଇଲଟଙ୍କ ମୃତ୍ୟୁ ଘଟିଛି। ହାଇଦ୍ରାବାଦଠାରୁ ୧୦୦ କିଲୋମିଟର ଦୂର ସୁଲତାନପୁର ଗ୍ରାମ ନିକଟ ଏକ କପାକ୍ଷେତରେ ବିମାନଟି ଖସିପଡିଥିଲା। ତାଲିମ ନେଉଥିବା ଦୁଇ ପାଇଲଟଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଉଭୟେ ରାଜୀବ ଗାନ୍ଧୀ ଆଭିଏଶନ ଏକାଡେମୀର ଛାତ୍ରୀଛାତ୍ର। ବିମାନଟି ହାଇଦ୍ରାବାଦର ବେଗମ୍‌ପେଟ୍ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିଲା। ତେବେ ପାଇଲଟ ନିୟନ୍ତ୍ରଣ ହରାଇବାରୁ ଏହା ଖସିପଡିଲା ବୋଲି କୁହାଯାଉଛି।

### ଟ୍ରେନ୍ ଲାଇନଚ୍ୟୁତ

**ମୋରାଦାବାଦ(ୟୁପି),୬।୧୦ (ଆଇଏଏନ୍ଏସ୍):** ଲକ୍ଷ୍ନୌରୁ ଆନନ୍ଦବିହାର ଯାଉଥିବା ଡବଲ ଡେକର ଏସି ଏକ୍ସପ୍ରେସ୍‌ର ଦୁଇଟି ବଗି ଲାଇନଚ୍ୟୁତ ହୋଇଛି। ଉତ୍ତରପ୍ରଦେଶର କଟଘର ଓ ମୋରାଦାବାଦ ମଧ୍ୟରେ ରବିବାର ସକାଳେ ଏହି ଦୁର୍ଘଟଣା ଘଟିଛି। ୫ ଓ ୮ ନମ୍ବର ବଗି ଲାଇନଚ୍ୟୁତ ହୋଇଥିଲାବେଳେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ଘଟଣାସ୍ଥଳରେ ମେଡିକାଲ ଟ୍ରେନ ପହଞ୍ଚିଛି।

■ ୩୭୦ ଉଚ୍ଛେଦ ବିରୋଧରେ ଜେକେଏଲ୍ଏଫ୍‌ର ଫ୍ରିଡମ୍ ମାର୍ଚ୍ଚ

# ଏଲ୍ଓସି ଅଭିମୁଖେ ପିଓକେବାସୀ

**ଇସ୍‌ଲାମାବାଦ,୬।୧୦ (ଆଇଏଏନ୍ଏସ୍)**



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଦୁଇମାସ ପୂରିଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ପାକିସ୍ତାନରେ ଜୋର୍‌ଦାର ବିରୋଧ କରାଯାଉଛି। ଏହିକ୍ରମରେ ରବିବାର ପାକ୍-ଅଧିକୃତ କଶ୍ମୀର (ପିଓକେ)ର ହଜାର ହଜାର ଲୋକ ନିୟନ୍ତ୍ରଣରେଖା (ଏଲ୍ଓସି) ଆଡ଼କୁ ଅଗ୍ରସର ହୋଇଛନ୍ତି। ସେମାନଙ୍କୁ ରୋକିବା ପାଇଁ ଜସ୍‌କୋଲ ପଟେ ବହୁସଂଖ୍ୟକ ପାକିସ୍ତାନୀ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି।

୩୭୦ ହଟାଯିବା ପ୍ରତିବାଦରେ ଜମ୍ମୁ-କଶ୍ମୀର ଲିବରେଶନ୍ ଫ୍ରଣ୍ଟ (ଜେକେଏଲ୍ଏଫ୍) ଅଧ୍ୟକ୍ଷ ୟାସିନ୍ ମଲିକ୍‌ଙ୍କ ନେତୃତ୍ୱରେ ଫ୍ରିଡମ୍ ମାର୍ଚ୍ଚ ନାମରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଜେକେଏଲ୍ଏଫ୍ ମୁଖପାତ୍ର ରଫିକ୍ ଦର କହିଛନ୍ତି, ପିଓକେର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିକ୍ଷୋଭକାରୀମାନେ ସେଠାକାର ରାଜଧାନୀ ମୁଜାଫରାବାଦରେ ଏକତ୍ରିତ ହୋଇଛନ୍ତି। ଚକୋଠି ଦେଇ ଏଲ୍ଓସି ଅତିକ୍ରମ କରି ଶ୍ରୀନଗରରେ ପହଞ୍ଚିବା ହେଉଛି ସେମାନଙ୍କ ଲକ୍ଷ୍ୟ। କଶ୍ମୀରର ବିଭାଜନକୁ ଆମେ ଗ୍ରହଣ କରୁ ନ ଥିବାରୁ ଏଲ୍ଓସି ଡେଇଁବା ଆମର ଆଇନଗତ ଅଧିକାର। ଦ୍ୱିତୀୟତଃ କଶ୍ମୀରର ଉଭୟ ପାର୍ଶ୍ୱରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଜାତିସଂଘ ସଂକଳ୍ପନାମା ଅନୁମତି ପ୍ରଦାନ କରିଛି। ତେଣୁ ଭାରତୀୟ ସଶସ୍ତ୍ର ବଳକୁ ସାମ୍ନା କରିବା ଲାଗି ଅନୁମତି ପ୍ରଦାନ ନିମନ୍ତେ ପାକିସ୍ତାନ ସରକାର ଓ ସେନାକୁ ଅନୁରୋଧ କରାଯାଇଛି। ବିକ୍ଷୋଭକାରୀଙ୍କ ମଧ୍ୟରୁ ଅଧିକାଂଶ ଯୁବକ ହୋଇଥିବାବେଳେ ଅନେକ ମହିଳା ମଧ୍ୟ ରହିଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ରାଜ୍ୟ ପାହ୍ୟାକୁ ପ୍ରତ୍ୟାହାର କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜାତିସଂଘ ସମେତ ସବୁ ଅନ୍ତର୍ଜାତୀୟ ମଞ୍ଚରେ କଶ୍ମୀର ପ୍ରସଙ୍ଗ ଉଠାଇ ବିଫଳ ହୋଇସାରିଲେଣି। ପିଓକେର ବିକ୍ଷୋଭକାରୀମାନେ କଶ୍ମୀରୀଙ୍କୁ ସହଯୋଗର ହାତ ବଢ଼ାଇବାକୁ ଯାଇ ଏଲ୍ଓସି ଅତିକ୍ରମ କଲେ ଭାରତ ସେମାନଙ୍କୁ ଆତଙ୍କବାଦୀ ଘୋଷଣା କରିବ। ତେଣୁ ଏଲ୍ଓସି ଆଡ଼କୁ ଅଗ୍ରସର ନ ହୁଅନ୍ତୁ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ଇମ୍ରାନ୍ ଶନିବାର ଚେତାଇ ଦେଇଥିଲେ। ଇତିମଧ୍ୟରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ସ୍ଥିତି ଅନୁଧ୍ୟାନ ପାଇଁ ଏଲ୍ଓସିର ଉଭୟ ପାର୍ଶ୍ୱ ପରିଦର୍ଶନ କରିବାକୁ ଆମେରିକା ସିନେଟର କ୍ରିସ୍ ଭାନ୍ ହୋଲେନ୍‌ଙ୍କୁ ଅନୁରୋଧ କରିଛନ୍ତି।

■ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ଲାଗି ଉଦ୍ୟମ

## ସିଏବିଇ ବୈଠକରେ ପାଣ୍ଠି ପ୍ରସଙ୍ଗ ଉଠାଇଲେ ରାଜ୍ୟ

**ନୂଆଦିଲ୍ଲୀ,୬।୧୦(ପି.ଟି.)**

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପ୍ରସ୍ତାବିତ ନୂତନ ଶିକ୍ଷାନୀତି କାର୍ଯ୍ୟକାରିତା ଲାଗି ବିଭିନ୍ନ ରାଜ୍ୟ ପାଣ୍ଠି ପ୍ରସଙ୍ଗ ଉଠାଇଛନ୍ତି। ସରକାରଙ୍କ ଚିଠା ନୀତିରେ କେତେକ ଭଲ ପ୍ରସ୍ତାବ ରହିଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା ଲାଗି ପାଣ୍ଠି ଯୋଗାଣର କୌଣସି ଯୋଜନା ନ ଥିବା ସେମାନେ କହିଛନ୍ତି। କୌଣସି ନୂଆ ନୀତି କାର୍ଯ୍ୟକାରୀ କରିବାକୁ ହେଲେ ପାଣ୍ଠି ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମାନବ ସମ୍ବଳ ମନ୍ତ୍ରଣାଳୟର କେନ୍ଦ୍ରୀୟ ଶିକ୍ଷା ଉପଦେଷ୍ଟା ବୋର୍ଡ (ସିଏବିଇ) ବୈଠକରେ ବିଭିନ୍ନ ରାଜ୍ୟର ଶିକ୍ଷାମନ୍ତ୍ରୀ ମତ ଦେଇଛନ୍ତି।

ରାଜ୍ୟଗୁଡ଼ିକରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରିବାକୁ ହେଲେ ଅଧିକ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି। ତେଣୁ ଏଥିପାଇଁ ଉପଯୁକ୍ତ ଆର୍ଥିକ ଯୋଜନା ପ୍ରସ୍ତୁତ ହେବା ଜରୁରୀ ବୋଲି ଓଡ଼ିଶାର ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ। ପ୍ରାକ୍ ପ୍ରାଥମିକ ଶିକ୍ଷା ଏବଂ ଅଙ୍ଗନୱାଡ଼ି ଆଦି ଭଲ ପଦକ୍ଷେପ ହୋଇଥିବାବେଳେ କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ଏହା କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଏଥିପାଇଁ କେନ୍ଦ୍ର ପାଣ୍ଠି ଯୋଗାଇଦେବା ଆବଶ୍ୟକ ବୋଲି ଓଡ଼ିଶାର ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। ସେହିପରି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରିତା ଲାଗି ରାଜ୍ୟଗୁଡିକ ଉପରେ ପଡିବାକୁ ଥିବା ଆର୍ଥିକ ବୋଝକୁ କେନ୍ଦ୍ର ବହନ କରିବା ଉଚିତ ବୋଲି ବିହାର ଶିକ୍ଷାମନ୍ତ୍ରୀ କେ.ଏନ୍. ପ୍ରସାଦ ବର୍ମା କହିଥିଲେ। ଏହା ଭଲ ପ୍ରସ୍ତାବ ହୋଇଥିଲେ ହେଁ ଏହାକୁ କିପରି କାର୍ଯ୍ୟକାରୀ କରାଯିବ ତାହା ଉଲ୍ଲେଖ ନ ଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ୍ ସିସୋଦିଆ କହିଛନ୍ତି।

ଇସ୍ରୋର ପୂର୍ବତନ ମୁଖ୍ୟ କେ. କସ୍ତୁରିରଙ୍ଗନ୍‌ଙ୍କ ନେତୃତ୍ୱରେ ଗଠିତ କମିଟି ନୂଆ ଜାତୀୟ ଶିକ୍ଷାନୀତିର ଚିଠା ପ୍ରସ୍ତୁତ କରି ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କୁ ହସ୍ତାନ୍ତର କରିଥିଲେ। ଏହା ଉପରେ ଜନସାଧାରଣଙ୍କ ମତାମତ ଲୋଡାଯାଇଥିଲାବେଳେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ମିଳିଥିଲା। ବର୍ତ୍ତମାନର ଜାତୀୟ ଶିକ୍ଷାନୀତି ୧୯୮୬ରେ ପ୍ରସ୍ତୁତ ହୋଇଥିଲା ଓ ୧୯୯୨ରେ ସେଥିରେ ସଂଶୋଧନ କରାଯାଇଥିଲା। ନୂଆ ଶିକ୍ଷାନୀତି ଆଣିବା ୨୦୧୪ରେ ଭାଜପାର ନିର୍ବାଚନୀ ଏଜେଣ୍ଡା ଥିଲା।

## ଅବ୍‌ଦୁଲ୍ଲାଙ୍କୁ ଭେଟିଲେ ଏନ୍‌ସି ନେତା

**ଶ୍ରୀନଗର,୬।୧୦(ପି.ଟି.)**



ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଶ୍ରୀନଗରସ୍ଥିତ ଗୁପ୍‌କାର ବାସଭବନରେ ତାଙ୍କ ସ୍ତ୍ରୀ ମୋଲ୍ଲି ଅବ୍‌ଦୁଲ୍ଲା, ଦଳୀୟ ନେତା ମହମ୍ମଦ ଆକ୍‌ବର ଲୋନ୍ ଓ ହସ୍‌ନୈନ୍ ମାସୁଦି।

୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗୃହବନ୍ଦୀ ଥିବା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ଏବଂ ଓମାର ଅବ୍‌ଦୁଲ୍ଲାଙ୍କୁ ରବିବାର ତାଙ୍କ ଦଳର ନେତାମାନେ ଭେଟିଛନ୍ତି। ନ୍ୟାସନାଲ କନ୍‌ଫରେନ୍ସ (ଏନ୍‌ସି)ର ଏକ ୧୫ ଜଣିଆ ପ୍ରତିନିଧି ଦଳ ଉଭୟଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଅନୁଚ୍ଛେଦ ୩୭୦ ହଟିବା ପରଠୁ ଏହାକୁ ଏକ ବଡ଼ ରାଜନୈତିକ ଘଟଣାକ୍ରମ ବୋଲି କୁହାଯାଉଛି।

ଫାରୁକ୍ ଓ ତାଙ୍କ ପୁଅ ଓମାରଙ୍କୁ ସାକ୍ଷାତ କରିବା ପାଇଁ ଏନ୍‌ସି ନେତାମାନେ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଦାବିନ୍ଦର ସିଂ ରାଣାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଓମାରଙ୍କୁ ହରି ସିଂ ନିବାସରେ ଭେଟି ୩୦ ମିନିଟ ଆଲୋଚନା କରିଥିଲେ। ପରେ ସେମାନେ ଫାରୁକ୍‌ଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ। ଜମ୍ମୁ-କଶ୍ମୀରରୁ ଖୁବ୍‌ଶୀଘ୍ର କଟକଣାକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ଏବଂ ବ୍ଲକ୍ ଉନ୍ନୟନ ପରିଷଦ (ବିଡିସି) ନିର୍ବାଚନ ପୂର୍ବରୁ ଦୁଇନେତାଙ୍କୁ ମୁକ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗୃହବନ୍ଦୀ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କୁ ସୋମବାର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ଏକ ପ୍ରତିନିଧି ଦଳ ଭେଟିବ। ଏଥିପାଇଁ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି।

### ସୁନାଖଣିରେ ଆକ୍ରମଣ ୨୦ ନିହତ

**ଔଗଡୌଗୁ,୬।୧୦(ଏଏଫ୍‌ପି):** ଉତ୍ତର ବୁର୍କିନା ଫାସୋରେ ଥିବା ଏକ ସୁନା ଖଣି ଅଞ୍ଚଳରେ ଆକ୍ରମଣ ହେବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଜେହାଦୀମାନେ ଏହି ହିଂସାକାଣ୍ଡ ଘଟାଇଥିବା କୁହାଯାଉଛି। ସୌମ୍ ପ୍ରଦେଶର ଡୋଲମାନେରେ ଥିବା ସୁନାଖଣିରେ ଶୁକ୍ରବାର ଆକ୍ରମଣ ହୋଇଛି।

### ବାର୍‌ରେ ଗୁଳି:୪ ନିହତ

**କାନ୍‌ସାସ୍ ସିଟି,୬।୧୦**

ଆମେରିକାର କାନ୍‌ସାସ୍ ସହରରେ ଥିବା ଏକ ବାର୍‌ରେ ଜଣେ ବନ୍ଧୁକଧାରୀ ପ୍ରବେଶ କରି ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଆହତ ୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳି ଚଳାଇବା ପଛରେ ଆକ୍ରମଣକାରୀଙ୍କ କ'ଣ ଉଦ୍ଦେଶ୍ୟ ଥିଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ପୁରସ୍କୃତ ହେବ ଅଭିନନ୍ଦନଙ୍କ ସ୍କ୍ୱାଡ୍ରନ୍

**ନୂଆଦିଲ୍ଲୀ,୬।୧୦**



ଚଳିତ ବର୍ଷ ଫେବୃୟାରୀ ୨୭ରେ ପାକିସ୍ତାନୀ ବାୟୁସେନାର ଆକ୍ରମଣ ଉଦ୍ୟମକୁ ପଣ୍ଡ କରିବା ସହ ଏହାର ଏଫ-୧୬ ବିମାନକୁ ଖସାଇଥିବା ଭାରତୀୟ ବାୟୁସେନା (ଆଇଏଏଫ୍)ର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ୫୧ ସ୍କ୍ୱାଡ୍ରନ୍‌କୁ ପୁରସ୍କୃତ କରାଯିବ। ଏୟାର ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ଉକ୍ତ ସ୍କ୍ୱାଡ୍ରନ୍‌କୁ ପ୍ରଶସ୍ତିପତ୍ର ଦେଇ ସମ୍ମାନିତ କରିବେ। ୮ ତାରିଖରେ କମାଣ୍ଡିଂ ଅଫିସର ଗ୍ରୁପ୍ କ୍ୟାପ୍‌ଟେନ ସତୀଶ ପାୱାର ଏହି ପୁରସ୍କାର ଗ୍ରହଣ କରିବେ।

ଫେବୃୟାରୀ ୨୬ରେ ଆଇଏଏଫ୍‌ର ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ପ୍ରତିଶୋଧ ନେବାକୁ ପାକ୍ ବାୟୁସେନା ଉଦ୍ୟମ କରିଥିଲା। ତେବେ ଅଭିନନ୍ଦନ ମିଗ୍-୨୧ରେ ପାକିସ୍ତାନୀ ଏଫ୍-୧୬ ବିମାନକୁ ପିଛା କରି ପିଓକେରେ ଏହାକୁ ଖସାଇଦେଇଥିଲେ। ପିଓକେରେ ସେ ଓହ୍ଲାଇପଡ଼ିବାରୁ ତାଙ୍କୁ ପାକିସ୍ତାନ କର୍ତ୍ତୃପକ୍ଷ ଗିରଫ କରିଥିଲେ। ତେବେ ଭାରତ ଓ ଅନ୍ତର୍ଜାତୀୟ ସମୁଦାୟର ଚାପ ଫଳରେ ଇସ୍‌ଲାମାବାଦ ତାଙ୍କୁ ମୁକ୍ତ କରିଥିଲା। ଗତ ସ୍ୱାଧୀନତା ଦିବସରେ ତାଙ୍କୁ ତୃତୀୟ ସର୍ବୋଚ୍ଚ ଯୁଦ୍ଧସମୟର ବୀରତା ପୁରସ୍କାର ବୀରଚକ୍ରରେ ସମ୍ମାନିତ କରାଯାଇଥିଲା। ସେହିପରି ବାଲାକୋଟ ଏୟାରଷ୍ଟ୍ରାଇକ୍ ଓ ପାକିସ୍ତାନର ଆକ୍ରମଣ ଉଦ୍ୟମ ପଣ୍ଡ କରିଥିବା ସ୍କ୍ୱାଡ୍ରନ ଲିଡର ମିଣ୍ଟି ଅଗ୍ରୱାଲଙ୍କ ୬୦୧ ସିଗ୍‌ନାଲ ୟୁନିଟ୍‌କୁ ମଧ୍ୟ ପୁରସ୍କୃତ କରାଯିବ।

### [ଇତିହାସର ଆଇନାରେ] ଅକ୍ଟୋବର ୭ର ପ୍ରମୁଖ ଘଟଣା

୧୯୫୦ ଅକ୍ଟୋବର ୭ରେ ମଦର ଟେରେସାଙ୍କୁ ଭାରତରେ ମିଶନାରିଜ୍ ଅଫ ଚ୍ୟାରିଟି ଖୋଲିବା ପାଇଁ ଅନୁମତି ମିଳିଥିଲା। ସେ ମାତ୍ର ୧୩ ଜଣ ସଦସ୍ୟଙ୍କୁ ନେଇ କୋଲକାତାରେ ଏହି ମିଶନାରୀ ଆରମ୍ଭ କରିଥିଲେ। ଏବେ ଏହା ବିଶ୍ୱବ୍ୟାପୀ କାର୍ଯ୍ୟ କରୁଛି ଓ ହଜାର ହଜାର ସିଷ୍ଟର ସାମିଲ ହୋଇଛନ୍ତି।

୨୦୦୧ ଅକ୍ଟୋବର ୭ରେ ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣ କରିଥିଲା। ଏଥିରେ ବ୍ରିଟେନ ଓ ଅନ୍ୟ ଘନିଷ୍ଠ ସହଯୋଗୀ ରାଷ୍ଟ୍ର ସହାୟତା କରିଥିଲେ। ଆତଙ୍କବାଦୀ ସଂଗଠନ ଅଲ୍-କାଏଦାର ମୂଳୋତ୍ପାଟନ ସହ ତାଲିବାନଙ୍କୁ କ୍ଷମତାରୁ ହଟାଇବା ଥିଲା ଏହି ଆକ୍ରମଣର ଉଦ୍ଦେଶ୍ୟ। ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କୁ ହସ୍ତାନ୍ତର କରିବା ପାଇଁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଦାବି କରିଥିଲେ। ହେଲେ ତାଲିବାନ ଉକ୍ତ ପ୍ରସ୍ତାବରେ ରାଜି ହୋଇ ନ ଥିଲା।

## ଦର୍ଶକଙ୍କୁ ମତୁଆଲା କରୁଛି 'ହାଉସ୍‌ଫୁଲ୍ -୪' ଗୀତ

**ନୂଆଦିଲ୍ଲୀ:** ବଲିଉଡ୍ ହରର୍ କମେଡି 'ହାଉସ୍‌ଫୁଲ୍-୪'ର ଟ୍ରେଲର୍ ପରେ ଗୀତ ମତୁଆଲା କରୁଛି। ଫିଲ୍ମର ପ୍ରଥମ ଗୀତ 'ଏକ ଚୁମ୍ମା' ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ଏବେ ସାମ୍ନାକୁ ଆସିଛି ୨ୟ ଗୀତ 'ବାଲା'ର ଟିଜର। ମୁଖ୍ୟ ନାୟକ ଅକ୍ଷୟ କୁମାର ନିଜେ ଏହି ଟିଜରକୁ ରବିବାର ଟୁଇଟରରେ ଶେୟାର କରିଛନ୍ତି। ଏନେଇ ଫ୍ୟାନ୍ସ ବହୁତ ଉତ୍ସାହିତ ଥିବାବେଳେ ପୂରା ଗୀତଟିକୁ ଦେଖିବାକୁ ଅପେକ୍ଷା କରିଥିବା ପ୍ରତିକ୍ରିୟାରୁ ଜଣାପଡ଼ିଛି। ୧୪୧୯ ଏବଂ ୨୦୧୯ ମସିହାର ପୁନଃଜନ୍ମର କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ଜରିଆରେ ୩ ବର୍ଷ ପରେ ଅକ୍ଷୟ ପୁଣି କମେଡି କରିବେ। 'ହାଉସ୍‌ଫୁଲ୍-୪'ରେ ଅକ୍ଷୟ କୁମାର, କ୍ରିତି ସାନନ୍, ବବି ଦେଓଲ, ପୂଜା ହେଗଡେ, ରିତେଶ୍ ଦେଶ୍‌ମୁଖ୍, କ୍ରିତି ଖରବନ୍ଦା, ଜନି ଲିଭର୍, ଚଙ୍କି ପାଣ୍ଡେ, ସୌରଭ୍ ଶୁକ୍ଲା ପ୍ରମୁଖ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଅକ୍ଟୋବର ୨୬ରେ ଫିଲ୍ମଟି ରିଲିଜ୍ ହେବ।



### ଏବେ ବି ବଙ୍ଗଳା ଛାଡ଼ି ନାହାନ୍ତି ପୂର୍ବତନ ଏମ୍‌ପି

**ନୂଆଦିଲ୍ଲୀ,୬।୧୦(ପି.ଟି.)**

ଷୋଡ଼ଶ ଲୋକ ସଭା ଭଙ୍ଗ ହେବା ୫ ମାସ ବିତିଲାଣି। ବାରମ୍ବାର ତାଗିଦ୍ ସତ୍ତ୍ୱେ ଏବେ ବି ପାଖାପାଖି ୫୦ ପୂର୍ବତନ ଏମ୍‌ପି ସରକାରୀ ବଙ୍ଗଳା ଛାଡ଼ିନାହାନ୍ତି। ସର୍ବସାଧାରଣ ଜାଗାରୁ ବେଆଇନ ଦଖଲ ଉଚ୍ଛେଦ ଲାଗି ଥିବା ଆଇନ ବଳରେ ଉକ୍ତ ଏମ୍‌ପିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ବିଚାର କରୁଛନ୍ତି। ଏହି ନୂଆ ଆଇନ ଅନୁଯାୟୀ ସରକାର ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇ ୩ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କହିପାରିବେ। ଯଦି ସେମାନେ ତୁରନ୍ତ ବଙ୍ଗଳା ଖାଲି ନ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ସହ ବଳପୂର୍ବକ ବାହାର କରିଦିଆଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ସପ୍ତାହେ ମଧ୍ୟରେ ସରକାରୀ ବଙ୍ଗଳା ଖାଲି କରିବାକୁ ଅଗଷ୍ଟ ୧୯ରେ ପ୍ରାୟ ୨୦୦ ପୂର୍ବତନ ଏମ୍‌ପିଙ୍କୁ ଲୋକ ସଭା ହାଉସିଂ କମିଟି ନିର୍ଦ୍ଦେଶ ଦେଇଥିଲା।

## ରାୟ ପୂର୍ବରୁ ଅଯୋଧାରେ ବଢ଼ିଲା ସୁରକ୍ଷା

**ଅଯୋଧା,୬।୧୦(ଆଇଏଏନ୍ଏସ୍)**



ଏବେ ପାର୍ବଣ ଋତୁ ଚାଲିଥିବାବେଳେ ଆଗକୁ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ରାୟ ପ୍ରକାଶ ପାଇବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଯୋଧାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦିଆଯାଇଛି। ସେଠାକୁ ୧୦ କମ୍ପାନୀ ଅତିରିକ୍ତ ସୁରକ୍ଷା ବଳ ପଠାଯାଇଛି। ଦୁର୍ଗାପୂଜା ଓ ଦଶହରା ଶୋଭାଯାତ୍ରା ଉପରେ ଡ୍ରୋନ୍‌ରୁ ନଜର ରଖିବ ପୋଲିସ। ଶୋଭାଯାତ୍ରା ବେଳେ ରଙ୍ଗ ଅବିର ବ୍ୟବହାର ନ କରିବାକୁ ପୂଜା କମିଟିଗୁଡିକୁ ଅନୁରୋଧ କରାଯାଇଛି। ଅବିର ବଦଳରେ ସେମାନେ ଫୁଲ ପାଖୁଡ଼ା ବ୍ୟବହାର କରିପାରିବେ। ଅତିରିକ୍ତ ସୁରକ୍ଷା ବଳଙ୍କୁ ସ୍ଥାନୀୟ ଗେଷ୍ଟହାଉସ, ଧର୍ମଶାଳା, ସ୍କୁଲ କଲେଜରେ ରଖାଯିବ। ସୋମବାରଠାରୁ ଦଶହରା ପାଳନ ହେଉଥିବାବେଳେ ଦିୱାଲି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାମଲୀଳାମାନ ଆୟୋଜିତ ହେବ। ଏହାବ୍ୟତୀତ ଦିୱାଲି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତିନିଦିନିଆ ଦୀପୋତ୍ସବ କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଲକ୍ଷାଧିକ ଜନ ସମାଗମ ହେବ।

ଆକ୍ରମଣ ସମ୍ଭାବନା ଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସତର୍କତା ବ୍ୟବସ୍ଥା ସ୍ୱରୂପ ସମସ୍ତ ହୋଟେଲ, ଗେଷ୍ଟହାଉସ, ଧର୍ମଶାଳା, ଲଜ୍ ଆଦିକୁ ଯାଞ୍ଚ କରିବା ପାଇଁ ଜିଲା ପୋଲିସ ଓ ସ୍ଥାନୀୟ ଗୋଇନ୍ଦା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ନଭେମ୍ବରରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି ମାମଲାର ରାୟ ଶୁଣାଇବାକୁ ଥିବାରୁ ସୁରକ୍ଷାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ରୁହେ ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତା ଗ୍ରହଣ କରାଯାଉଛି।



'ଦି ସ୍କାଏ ଇଜ୍ ପିଙ୍କ୍' ଫିଲ୍ମର ରିଲିଜ୍ ଅପେକ୍ଷାରେ ଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ରବିବାର ତାଙ୍କ ବ୍ୟକ୍ତିଗତ ଅଭିଳାଷ ବ୍ୟକ୍ତ କରିଛନ୍ତି। ସେ ମା' ହେବାକୁ ଓ ଏକ ଘର କିଣିବାକୁ ଚାହାନ୍ତି ବୋଲି ସାକ୍ଷାତ୍‌କାରରେ କହିଛନ୍ତି।

# ସଭିଙ୍କ ପାଇଁ ଆବାସ: ଏକ ସାମଗ୍ରିକ ଦାୟିତ୍ୱ

ଅକ୍ଟୋବର ମାସ ପ୍ରଥମ ସୋମବାରରେ ବିଶ୍ୱ ଆବାସ ଦିବସ ପାଳନ କରାଯାଏ।ଏଥର ଏହା ଅକ୍ଟୋବର ୭ ତାରିଖରେ ପାଳନ କରାଯାଉଛି। ୧୯୮୫ରେ ଜାତିସଂଘ ସାଧାରଣ ପରିଷଦରେ ପ୍ରଥମେ 'ବିଶ୍ୱ ଆବାସ ଦିବସ' ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ପରେ ୧୯୮୬ ଅକ୍ଟୋବର ପ୍ରଥମ ସୋମବାରରେ ଏହାକୁ ନାଇରୋବିରେ ପାଳନ କରାଗଲା ଓ ସେବେଠାରୁ ଏହି ଧାରା ରହି ଆସିଛି। ପ୍ରତିବର୍ଷ ଏହି ଦିନରେ ବିକାଶର ନୀତିକୁ ଆଗେଇ ନେବା ଲକ୍ଷ୍ୟରେ ଜାତିସଂଘ ନୂଆ ନୂଆ ସ୍ଲୋଗାନ୍ ନେଇ ଆସୁଛି ଯେଉଁଥିରେ ବିଶ୍ୱରେ ଲୋକଙ୍କ ମୂଳ ଆବଶ୍ୟକତା ମଧ୍ୟରେ ପର୍ଯ୍ୟାପ୍ତ ଆଶ୍ରୟ ଯୋଗାଇ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଶ୍ୱର ସବୁ ଦେଶର ବଜାର ସହରଗୁଡ଼ିକର ସ୍ଥିତିକୁ ସୁଧାରିବା ସହ ଗରିବ ଲୋକଙ୍କୁ ଘର ଯୋଗାଇବା ଉପରେ ଏହା ଜୋର୍ ଦେଉଛି। ବିଶ୍ୱ ଆବାସ ଦିବସରେ ସବୁ ଗରିବ ଲୋକଙ୍କୁ ଶସ୍ତାରେ ଘର ଉପଲବ୍ଧ କରାଇବା ଯୋଜନା ଉପରେ ସଚେତନ କରାଯାଉଛି। ବିକାଶର ଲକ୍ଷ୍ୟପ୍ରାପ୍ତି ପାଇଁ ଭାରତ ସମେତ ପାକିସ୍ତାନ,ଜର୍ମାନୀ,ହଙ୍ଗେରୀ,ଆମେରିକା,ବ୍ରାଜିଲ, ବେଲଜିୟମ,ଜାପାନ, ଇଟାଲୀ, ରୁଷିଆ,ଇଣ୍ଡୋନେସିଆ,ମେକ୍ସିକୋ,ଚାଇନା, କେନିଆ, ଜାମାଇକା,ୟୁଏଇ,ଆଙ୍ଗୋଲା,ନେଦରଲାଣ୍ଡ ଓ ସେନିଗାଲ ସମେତ ଅନ୍ୟ ଦେଶମାନଙ୍କରେ ଏହି ଦିବସ ପାଳନ କରାଯାଉଛି। ଗୃହହୀନ ଲୋକଙ୍କ ସମସ୍ୟା, ଦ୍ରୁତ ସହରୀକରଣର ଗରିବ ଲୋକଙ୍କ ଉପରେ ପ୍ରଭାବ ଆକଳନ କରିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉଛି। ୨୦୧୨ରେ ପାକିସ୍ତାନର ଇସ୍‌ଲାମାବାଦରେ ଆୟୋଜିତ ବିଶ୍ୱ ଆବାସ ଦିବସ ସମାରୋହରେ ପର୍ଯ୍ୟାପ୍ତ ପାଣି, ଆଶ୍ରୟ, ସ୍ୱଚ୍ଛତା,ସ୍ୱାସ୍ଥ୍ୟ ଓ ଅନ୍ୟ ସୁବିଧା ପହଞ୍ଚାଇବା ସହ ଉତ୍ତମ ଶିକ୍ଷା, ନିଯୁକ୍ତି ସୁଯୋଗ ଆଦି ଉପଲବ୍ଧ କରାଇବା ଲାଗି ଯୋଜନା କରାଯାଇଥିଲା। ଜାତିସଂଘର ଆକଳନ ମୁତାବକ ଏବେ ବିଶ୍ୱରେ ଆବାସ ସଙ୍କଟ ଦେଖାଯାଇଛି। ୧.୬ ବିଲିୟନ(୧୬୦ କୋଟି) ଲୋକ ଶସ୍ତା ଆବାସ ଯୋଜନାରେ ସବ୍‌ଷ୍ଟାଣ୍ଡାର୍ଡ ଘରେ ରହିଆସୁଛନ୍ତି। ପାଖାପାଖି ୧୦୦ ମିଲିୟନ(୧୦ କୋଟି) ଲୋକଙ୍କର ରହିବା ପାଇଁ ଘରଟିଏ ବି ନାହିଁ। ଭାରତରେ ଏମାନଙ୍କ ସଂଖ୍ୟା ୧.୭୭ ମିଲିଅନ । ଏହି କାରଣରୁ ସହରରେ ସ୍ଲମ୍ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇବାରେ ଲାଗିଛି। ଏଣୁ ବିଶ୍ୱରେ ଏଭଳି ସମସ୍ୟାକୁ ଟାଳିବା ଲାଗି ବିଭିନ୍ନ ଦେଶର ସରକାର କିଭଳି ଲୋକମାନଙ୍କୁ ପର୍ଯ୍ୟାପ୍ତ ଘର ଯୋଗାଇ ଦେବେ ସେଥିପ୍ରତି ଏହି ଦିବସରେ ଧ୍ୟାନ ଆକର୍ଷଣ କରାଯାଏ। ଏବକାର ତଥା ଆଗାମୀ ପିଢ଼ି ପାଇଁ ସାମଗ୍ରିକ ଦାୟିତ୍ୱ ସମ୍ବନ୍ଧରେ ବିଶ୍ୱରେ ସଚେତନତା ଆଣିବାରେ ବିଶ୍ୱ ଆବାସ ଦିବସର ଗୁରୁତ୍ୱ ମଧ୍ୟ ରହିଛି। ଗରିବ ଲୋକଙ୍କ ଲାଗି ଯେଉଁମାନେ ଘର ନିର୍ମାଣ କରୁଛନ୍ତି ସେମାନଙ୍କ ନୀତି ଓ ଦୃଷ୍ଟିକୋଣରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଉପରେ ଏହି ଦିବସରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ୧୯୮୬ରେ ଏହି ଦିବସର ସ୍ଲୋଗାନ ଥିଲା- 'ଆଶ୍ରୟ ମୋର ଅଧିକାର'। ୨୦୧୯ରେଏହି ଦିବସର ସ୍ଲୋଗାନ୍'ବର୍ଜ୍ୟକୁ ସମ୍ପତ୍ତିରେ ପରିବର୍ତ୍ତନ କରିବାକୁ ବୈଷୟିକ ଜ୍ଞାନକୌଶଳ ଏକ ଅଭିନବ ଉପକରଣ' ବୋଲି ରଖାଯାଇଛି। ।




## ରାବଣପୋଡ଼ିକୁ ରଙ୍ଗାରଙ୍ଗ କରନ୍ତି ମୁସଲମାନ ପରିବାର

**ଆଗ୍ରା:** ସାରାଦେଶରେ ରାମଙ୍କର ରାବଣ ଉପରେ ବିଜୟର ଦିନକୁ ବିଜୟା ଦଶମୀ ଭାବେ ପାଳନ କରାଯାଏ। ଏହି ଉପଲକ୍ଷେ ରାବଣ ପୋଡ଼ି ଉତ୍ସବ ପାଳିତ ହୁଏ ସର୍ବତ୍ର। କିନ୍ତୁ ମଥୁରାରେ ଅନୁଷ୍ଠିତ ରାବଣ ପୋଡି ଏଇଥିପାଇଁ ଭିନ୍ନ ଯେ, ଏଠାରେ ମୁସଲମାନ ଗଢ଼ନ୍ତି ରାବଣର ପ୍ରତିକୃତି। ମଥୁରା ପାଖରେ ରହୁଥିବା ଏକ ମୁସଲମାନ ପରିବାରର ଏପରି ଯୋଗଦାନ ଦେଶକୁ



ଭାଇଚାରା ଓ ସଦ୍‌ଭାବନାର ପରିଚୟ ଦେଉଛି। ପିଢି ପରେ ପିଢି ସେମାନେ ଏହି କାର୍ଯ୍ୟ କରିଆସୁଛନ୍ତି। ଏବେ ନୁହେଁ ୩ ପିଢି ହେବ ତାଙ୍କ ପରିବାର ରାବଣ ପ୍ରତିକୃତି କରିଆସୁଛନ୍ତି ବୋଲି କୁହନ୍ତି ଜାଫର ଅଲି। ମଥୁରା ରାବଣ ପୋଡିରେ ଜାଫର ଏଥର ରାବଣ ପ୍ରତିକୃତି ଗଢିଛନ୍ତି। ତାଙ୍କ ପରିବାର ତିନି ପିଢି ହେବ ବିଜୟା ଦଶମୀ ପାଇଁ ରାବଣ, କୁମ୍ଭକର୍ଣ୍ଣ ଓ ମେଘନାଦଙ୍କ ପ୍ରତିକୃତି ତିଆରି କରୁଛନ୍ତି। ଏହି ବର୍ଷ ଜାଫର ୧୦୦ ଫୁଟ ଉଚ୍ଚ ରାବଣର ଏକ ପ୍ରତିକୃତି ନିର୍ମାଣ କରିଛନ୍ତି। ଜାଫର୍‌ଙ୍କ ପୂର୍ବରୁ ତାଙ୍କ ବାପା ୪୦ ବର୍ଷ ଧରି ଏହି କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଜାଫର୍‌ଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିଛନ୍ତି ଅମୀର। ରାବଣର ପ୍ରତିକୃତି ନିର୍ମାଣ କରିବାରେ ତାଙ୍କ ସମ୍ପ୍ରଦାୟ ଓ ସେ ନଜେ କୌଣସି ପ୍ରଭେଦ ଦେଖନ୍ତି ନାହିଁ ବୋଲି କୁହନ୍ତି ଅମୀର। ଦୁଇ ସମ୍ପ୍ରଦାୟ ଏକତାର ଭାବ ନେଇ ଏହି କାର୍ଯ୍ୟ କରୁଥିବାରୁ ମଥୁରାର ରାବଣ ପୋଡି ମହୋତ୍ସବ ଏକ ନିଆର ବାର୍ତ୍ତା ଦେଇ ଆସୁଛି।

## ବିବାଦରେ 'ବିଗ୍ ବସ୍-୧୩'
### ବନ୍ଦ କରିବାକୁ ସୋସିଆଲ ମିଡିଆରେ ଦାବି

**ନୂଆଦିଲ୍ଲୀ:** ଚର୍ଚ୍ଚିତ ଶୋ 'ବିଗ୍ ବସ୍'ର ସବୁ ସିଜନ୍ କୌଣସି ନା କୌଣସି କାରଣରୁ ବିବାଦଘେରରେ ରହିଥାଏ। ଏବେ 'ବିଗ୍ ବସ୍-୧୩' ଚାଲିଥିବାବେଳେ ଏହାକୁ ନେଇ ନୂଆ ବିବାଦ ଓ ଚର୍ଚ୍ଚା ଲାଗିରହିଛି। ତେବେ ବିବାଦ ଏତେ ବଢ଼ିଯାଇଛି ଯେ, ସୋସିଆଲ ମିଡିଆରେ ଏନେଇ ଶୋ ବନ୍ଦ କରିବାକୁ ଦାବି ଉଠିଛି। ଶୋ'କୁ ବିରୋଧ କରାଯାଇ ଟୁଇଟରରେ କିଛି ହ୍ୟାଶ୍‌ଟ୍ୟାଗ୍ ଟ୍ରେଣ୍ଡ୍ କରୁଥିବା ମଧ୍ୟ




ଦେଖିବାକୁ ମିଳିଛି। ଶୁକ୍ରବାରଠାରୁ ଟୁଇଟରରେ #UnsubscribeColoursTV, #Boy-cott_BigBoss, #JehadFelataBigBoss ଟ୍ରେଣ୍ଡ୍ କରୁଥିବା ଦେଖିବାକୁ ମିଳିଛି। ଏହାସହ ଅନେକ ଲୋକ ସଲମାନ୍ ଖାନ୍‌ଙ୍କୁ ବ୍ଲକ୍ କରି ସ୍କ୍ରିନ୍‌ଶଟ୍ ମଧ୍ୟ ଶେୟାର କରୁଛନ୍ତି। ତେବେ ବିରୋଧର କାରଣ ଜାଣିଲେ କିନ୍ତୁ ଆପଣ ଚକିତ ହୋଇପଡ଼ିବେ। ପ୍ରକୃତରେ 'ବିଗ୍ ବସ୍'କୁ ଅଧିକରୁ ଅଧିକ ବିବାଦୀୟ କରିବାକୁ ନିର୍ମାତା କୌଣସି ସୁଯୋଗ ହାତଛଡ଼ା କରନ୍ତିନାହିଁ। ଏଥିପାଇଁ 'ବିଗ୍ ବସ୍-୧୩'କୁ ମଧ୍ୟ ଚର୍ଚ୍ଚାରେ ରଖିବାକୁ ନିର୍ମାତା ସେହିଭଳି କିଛି କନ୍‌ସେପ୍ଟ ତିଆରି କରିଥିଲେ। ତେବେ ଏଥରର ବିଏଫ୍‌ଏଫ୍ (ବେଡ୍ ଫ୍ରେଣ୍ଡ୍ ଫରଏଭର୍) କନ୍‌ସେପ୍ଟକୁ ଦର୍ଶକେ ନାପସନ୍ଦ କରିଛନ୍ତି। କନ୍‌ସେପ୍ଟ ଅନୁସାରେ ବିଗ୍ ବସ୍‌ଙ୍କ ଘରେ ଗୋଟିଏ ବେଡ୍‌ରେ ଦୁଇଜଣ ଶୋଇବେ। ଶୋ ଆରମ୍ଭରୁ ହିଁ ଗୋଟିଏ ବେଡ୍‌ରେ ଜଣ ପୁରୁଷ ଆଉ ଜଣେ ମହିଳା ଶୋଉଛନ୍ତି। ତେବେ ଦର୍ଶକେ ଏହାକୁ ନାପସନ୍ଦ କରି ଶୋ ବନ୍ଦ କରିବାକୁ ସୋସିଆଲ ମିଡିଆରେ ଅଭିଯାନ ଚଳାଇଲେଣି।

## ଅଣ୍ଡା ପାଇଁ ଉଜାଗର ମହୁମାଛି

**ଜେରୁଜେଲମ୍:** ଭାରି ପରିଶ୍ରମୀ ମହୁମାଛି। ଫୁଲରୁ ମହୁ ସଂଗ୍ରହ କରିବା କଳା ଜାଣିଥିବା ଏହି ଉପକାରୀ କୀଟ ନିଜର ଅଜାଣତରେ ମାନବ ସମାଜର ହିତସାଧନ କରି ଚାଲିଛି। ହେଲେ ଅନେକେ ହୁଏତ ଜାଣି ନ ଥିବେ ଅଣ୍ଡାର ସୁରକ୍ଷା ପାଇଁ ମହୁମାଛି ରାତି ରାତି ଉଜାଗର ରୁହେ। ନିକଟରେ ଇସ୍ରାଇଲର ହିବ୍ରୁ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଏକ ଗବେଷଣାରୁ ଏପରି ରୋଚକ ତଥ୍ୟ ପଦାକୁ ଆସିଛି।ହଜାର ହଜାର କର୍ମୀ ମହୁମାଛିଙ୍କ ପରିଶ୍ରମର ଦାନ ହେଉଛି ମହୁ। ହେଲେ ଅଣ୍ଡାର ସୁରକ୍ଷା ଲାଗି ମହୁମାଛିଙ୍କୁ ଜଳାଞ୍ଜଳି ଦେବାକୁ ପଡ଼େ ନିଦ। ଏହାକୁ ପ୍ରମାଣିତ କରିବାକୁ ବିଶେଷଜ୍ଞମାନେ ଲାର୍ଭା, ଅଣ୍ଡା, ମହୁଫେଣା ସମେତ ମହୁମାଛିଙ୍କ ଦିନଚର୍ଯ୍ୟାକୁ ଅତି ନିକଟରୁ ଅନୁଧ୍ୟାନ କରିଥିଲେ। ଏଥିରୁ ଜଣାପଡ଼ିଛି, ଅଣ୍ଡାରେ ଲାର୍ଭା ବିକଶିତ ହେଉଥିବା ସମୟରେ ଏକ ଭିନ୍ନ ଧରଣର ରସାୟନ ଉତ୍ପନ୍ନ ହୋଇଥାଏ। ଏହା ମହୁମାଛିଙ୍କ ନିଦକୁ ବିଶେଷ ଭାବେ ପ୍ରଭାବିତ କରେ। ମହୁମାଛିଙ୍କଠାରୁ ରସାୟନ ସୃଷ୍ଟିକାରୀ ଲାର୍ଭାକୁ ପୃଥକ୍ କରିଦେଲେ ସେମାନଙ୍କ ନିଦ କୌଣସି



ପରିସ୍ଥିତିରେ ପ୍ରଭାବିତ ହୁଏନାହିଁ। ସେମାନଙ୍କ ଜୀବନଚକ୍ର ସ୍ୱାଭାବିକ ଚାଲେ। ମହୁମାଛିଙ୍କ ଜୀବନ ଉପରେ ଗବେଷଣା କରୁଥିବା ମୌସେ ନାଗରୀ କୁହନ୍ତି, ମହୁଫେଣାର କର୍ମୀ ମହୁମାଛିଙ୍କ ନିକଟରେ ଅଣ୍ଡା ଉତ୍ପାଦନ କ୍ଷମତା ନ ଥାଏ। ସେମାନେ ବନ୍ଧ୍ୟା ହୋଇଥାନ୍ତି। ମହୁଫେଣାରେ ସେମାନଙ୍କ ସଂଖ୍ୟା ସବୁଠୁ ଅଧିକ। ଉକ୍ତ ମହୁମାଛିମାନେ ନର୍ସ ଭଳି ଦାୟିତ୍ୱ ତୁଲାଇଥାନ୍ତି। ଅଣ୍ଡାଦେବା ପରେ ରାଣୀ ମହୁମାଛିର କାମ ସରିଯାଏ। ଏହାପରେ ଅଣ୍ଡାର ଯତ୍ନ, ମହୁଫେଣାକୁ ସଫାସୁତରା ରଖିବା, ଅଲଗା ଅଲଗା କଲୋନୀର ଦେଖାଶୁଣା କରିବା ଦାୟିତ୍ୱ ସେମାନଙ୍କର। ଏସବୁ କାମ କରିବାରେ ନିୟୋଜିତ ନର୍ସ ମହୁମାଛିଙ୍କ ନିଦ ଗୁରୁତର ଭାବେ ବ୍ୟାହତ ହୋଇଥାଏ।

ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ଯେ, ନର୍ସ ମହୁମାଛିଙ୍କ ଶୋଇବା ଏବଂ ଚଳପ୍ରଚଳ ହେବା ସମୟ ଅଲଗା। ସେମାନେ ପ୍ରହର ଅନୁଯାୟୀ ଉଜାଗର ରୁହନ୍ତି। ବିକାଶଶୀଳ ଲାର୍ଭାକୁ ଭଲ ଖାଦ୍ୟ ଖୁଆଇବା ସେମାନଙ୍କ ପ୍ରମୁଖ ଦାୟିତ୍ୱ। ଫଳରେ ଲାର୍ଭା ଶୀଘ୍ର ମହୁମାଛିରେ ରୂପାନ୍ତରିତ ହୋଇଥାଏ। ହେଲେ ନୂତନ ଗବେଷଣାରୁ ନୂଆ ତଥ୍ୟ ପଦାକୁ ଆସିଛି। କେବଳ ମହୁମାଛି ନୁହନ୍ତି, ଅନ୍ୟ ପ୍ରାଣୀମାନେ ମଧ୍ୟ ନିଜ ସନ୍ତାନର ସୁରକ୍ଷା ପାଇଁ ନିଦକୁ ଜଳାଞ୍ଜଳି ଦେଇଥାନ୍ତି। ପ୍ରବାସ ସମୟରେ ଦୀର୍ଘଦିନ ଧରି ପକ୍ଷୀମାନେ ଶୋଇ ନ ଥାନ୍ତି। ମାଛିଙ୍କ ନିକଟରେ ମଧ୍ୟରେ ଏପରି ଅସ୍ୱାଭାବିକତା ଦେଖାଦେଇଥାଏ। ଏହି ଗବେଷଣାରୁ ନିଦ କମ୍ ହେବାର କାରଣ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଏହାଦ୍ୱାରା ନିଦ୍ରାହୀନତା ଭୋଗୁଥିବା ଜୀବଜନ୍ତୁଙ୍କ ସମସ୍ୟା, ଏହାଦ୍ୱାରା ହେଉଥିବା କ୍ଷତି ବିଷୟରେ ଅଧିକ ଗବେଷଣା କରାଯାଇ ପାରିବ।

## ମା' ଦୁର୍ଗାଙ୍କୁ ଚଢାଯାଏ ମଦ

**ଉଜ୍ଜୟିନୀ:** ଏବେ ସାରା ଦେଶ ନବରାତ୍ର ପାଇଁ ଉତ୍ସବମୁଖର ହୋଇଉଠିଛି। ଏହି ଦିନରେ ମଧ୍ୟରେ ମା'ଙ୍କୁ ନଅଟି ଭିନ୍ନ ଭିନ୍ନ ରୂପରେ ପୂଜା କରାଯାଏ। ମଧ୍ୟପ୍ରଦେଶର ଉଜ୍ଜୟିନୀରେ ମଧ୍ୟ ନବରାତ୍ର ଖବ୍ ଧୂମ୍‌ଧାମ୍‌ରେ ପାଳନ କରାଯାଏ। ଏଠାରେ ଥିବା ପ୍ରସିଦ୍ଧ ୨୪ ଖମ୍ବା ମାତା ମନ୍ଦିରରେ ମହାଷ୍ଟମୀ ଅବସରରେ ପାରମ୍ପରିକ ନଗର ପୂଜା ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁ ୨୭ କିମି ପର୍ଯ୍ୟନ୍ତ ପାଦରେ ଚାଲିଯାଇଥିଲେ। ପରମ୍ପରା ଅନୁସାରେ ଏଠାରେ ମା'ଙ୍କ ପାଖରେ ମଦକୁ ପ୍ରସାଦ ଭାବେ ଚଢାଯାଇଥିଲା। ଯାହାକୁ ସବୁ ଶ୍ରଦ୍ଧାଳୁ ପ୍ରସାଦ ଭାବେ ପାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାଜା ବିକ୍ରମାଦିତ୍ୟଙ୍କ ସମୟରୁ ଏହି ପୂଜାବିଧି ରହିଆସିଛି। ନଗର ଶାନ୍ତି ପାଇଁ ସେତେବେଳେ ଦୁର୍ଗାଙ୍କୁ ମଦ ଭୋଗ ଲଗାଯାଉଥିଲା। ଏହାକୁ ମାନି ଆଜି ପର୍ଯ୍ୟନ୍ତ ମା'ଙ୍କୁ ମଦ ଭୋଗ ଲଗାଯାଏ।

## ଢୋଲ ବଜାଇ ଦୁର୍ଗାପୂଜା ପାଳିଲେ ନୁସ୍‌ରତ



କୋଲକାତା: ଅଭିନେତ୍ରୀରୁ ରାଜନେତା ସାଜିଥିବା ଟିଏମ୍‌ସି ଏମ୍‌ପି ନୁସ୍‌ରତ ଜହାଁ ଢୋଲ ବଜାଇ ଭିନ୍ନ ଢଙ୍ଗରେ ଦୁର୍ଗାପୂଜା ପାଳନ କରିଛନ୍ତି। ପବିତ୍ର ମହାଷ୍ଟମୀ ଅବସରରେ ସେ ସ୍ୱାମୀ ନିଖିଲ ଜୈନଙ୍କ ସହ କୋଲକାତାର ସୁରୁଚି ସଙ୍ଘ ପୂଜା ପେଣ୍ଡାଲରେ ପହଞ୍ଚିଥିଲେ। ପାରମ୍ପରିକ ବଙ୍ଗାଳୀ ଶାଢି ଏବଂ ସିନ୍ଦୂର ପିନ୍ଧି ନୁସ୍‌ରତଙ୍କୁ ଢୋଲ ବଜାଉଥିବା ଦେଖାଯାଇଥିଲା। ତାଙ୍କୁ ଦେଖିବାକୁ ପେଣ୍ଡାଲରେ ପ୍ରବଳ ଭିଡ ଜମିଥିଲା। ନୁସ୍‌ରତ ମୁସଲମାନ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ସେ ଚଳିତବର୍ଷ ହିନ୍ଦୁ ଘରେ ବିବାହ କରିଛନ୍ତି। ପୂର୍ବରୁ ମଧ୍ୟ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବାର ତାଙ୍କୁ ଦେଖିବାକୁ ମିଳିଥିଲା। ଏନେଇ ବିଭିନ୍ନ ମୁସଲମାନ ସଂଗଠନ ପକ୍ଷରୁ ତାଙ୍କ ବିରୋଧରେ ଫତୱା ଜାରି ମଧ୍ୟ କରାଯାଇଥିଲା। ଗତ ଲୋକ ସଭା ନିର୍ବାଚନରେ ନୁସ୍‌ରତ ବସିରହାଟ ଆସନରୁ ବିଜୟୀ ହୋଇଥିଲେ।

## ଦମ୍ପତିଙ୍କ ସ୍ମୃତିଶକ୍ତି ବଢାଏ ଭଲ ପାଇବା



**ୱାଶିଂଟନ:** ଭଲ ପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ। ଏନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ। ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ। ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନ ଥାନ୍ତି। ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ହଠାତ୍ କୌଣସି ସମସ୍ୟାରେ ପଡିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି। ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି।

## ଦାମ୍ପତ୍ୟ ଜୀବନରେ ବାଧକ ନୁହେଁ ଅର୍ଥ



**ନୂଆଦିଲ୍ଲୀ:** ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଭଲ ପାଇବାର ଆବଶ୍ୟକତା ରହିଥାଏ। ପରସ୍ପରକୁ ଭଲ ପାଉଥିବା ଦମ୍ପତିଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ବାସକରିବା ପାଇଁ ଅର୍ଥ ବାଧକ ସାଜି ନ ଥାଏ। ତେବେ ସ୍ଥଳ ବିଶେଷରେ ମହିଳା ଓ ପୁରୁଷ ଏକ ଉପଯୁକ୍ତ ସାମାଜିକ ସ୍ଥିତିରେ ପହଞ୍ଚିଲା ପରେ ବିବାହ କରିବାକୁ ମନସ୍ଥ କରିଥାନ୍ତି। ପୁରୁଷମାନେ ନିଜର ଘର, ଗାଡି, ବ୍ୟାଙ୍କ ବାଲାନ୍ସ ଆଦିକୁ ହାସଲ କରିବା ପରେ ଦାମ୍ପତ୍ୟ ଜୀବନ ବିତାଇବାକୁ ଚିନ୍ତା କରିଥାନ୍ତି। ଏହା ସେମାନଙ୍କର ସ୍ୱାଧୀନ ମନୋଭାବକୁ ସୂଚିତ କରିଥାଏ। ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ପରସ୍ପର ପ୍ରତି ସହାନୁଭୁତି, ନିଜନିଜ ମଧ୍ୟରେ ସହଯୋଗ, ପରସ୍ପରର ମନୋଭାବ ବୁଝିବା ଆଦି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଅର୍ଥ ସୁଖୀ ଦାମ୍ପତ୍ୟ ଜୀବନର ଏକ ଅଙ୍ଗ। ମାତ୍ର ଏହା ଦ୍ୱାରା ଦାମ୍ପତ୍ୟ ଜୀବନ ପ୍ରଭାବିତ ହୋଇ ନ ଥାଏ ବୋଲି ଗବେଷକ କହିଛନ୍ତି। ଦମ୍ପତି ଅଳ୍ପ ରୋଜଗାରରେ ମଧ୍ୟ ଶାନ୍ତିରେ ବାସ କରିଥାନ୍ତି। ମାତ୍ର ଅନେକ ସ୍ଥଳେ ଅଧିକ ଆୟ ସତ୍ତ୍ୱେ ଦମ୍ପତିଙ୍କ ମଧ୍ୟରେ ତାଳମେଳ ରହି ନ ଥାଏ। ସେମାନଙ୍କ ମଧ୍ୟରେ ଅସହିଷ୍ଣୁ ଭାବ ପରିପ୍ରକାଶ ହୋଇଥାଏ। ଫଳରେ ଦାମ୍ପତ୍ୟ ଜୀବନର ଶାନ୍ତି ଭଙ୍ଗ ହୋଇଥାଏ।

## ମୋକ୍ଷଲାଗି ୨୧ ଲକ୍ଷ ଟଙ୍କା ଓ ଜମି ଦାନ

ଲୋକମାନେ ନିଜେ ବଞ୍ଚି ମୋକ୍ଷ ଚିନ୍ତା କରୁଥିବାବେଳେ ଜଣେ ସାତପିଢିର ମୋକ୍ଷ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବା ଓ ଜମି ଦାନ ଦେବା ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶ ଝାବୁଆ ଜିଲାରେ। ଜିଲାର ଘୁଘରୀ ନିବାସୀ ଭଗବାନ ସିଂ ନିଜେ ଓ ତାଙ୍କ ୭ ପିଢି ମୋକ୍ଷ ପାଇବା ଲାଗି ୨୧ ଲକ୍ଷ ଟଙ୍କା ବ୍ୟୟ କରିବା ସହ ୭ ବିଘା ଜମି ବି ଦାନକରିଦେଇଛନ୍ତି। କିନ୍ତୁ ନିଜେ ଏକ ଛପର ଘରେ ରହୁଛନ୍ତି। ଏଥିପାଇଁ ସେ ତାଙ୍କ ଗାଁରେ ଏକ ଶନିଧାମ ନିର୍ମାଣ କରିବା ଆରମ୍ଭ କରିଦେଇଛନ୍ତି। ଧାମରେ ମନ୍ଦିର ନିର୍ମାଣ ଲାଗି ଏକ ବିଘା , ମନ୍ଦିର ରକ୍ଷଣାବେକ୍ଷଣ ଓ ପୂଜକଙ୍କ ପାଇଁ ୬ ବିଘା ଜମି ବି ଦାନ କରିଛନ୍ତି। ୨୪ ଦେବତାଙ୍କ ମୂର୍ତ୍ତି ରାଜସ୍ଥାନରୁ ଆସି ଗାଁରେ



ପହଞ୍ଚିଯାଇଛି। ମୋଟରେ ଶନିଧାମରେ ୫୭ଟି ମୂର୍ତ୍ତି ରହିବେ । ଆଉ ୩୩ଟି ମୂର୍ତ୍ତି ପୁଣି ଆସିବ। ଭଗବାନ ସିଂଙ୍କ ପରିବାରରେ ଏବେ ୫ ଜଣ ସଦସ୍ୟ ରହିଛନ୍ତି।

## ଅନ୍ୟ ପ୍ରତି ସମବେଦନା ଲାଗି ଜିନ୍ ଦାୟୀ

ଲଣ୍ଡନ: ମନରେ ଅନ୍ୟ ପ୍ରତି ସମବେଦନା ଭାବନା ଜାତ ହୋଇଥାଏ। ତେବେ ଏଭଳି ଭାବନା ଜିନ୍ ଯୋଗୁ ସମ୍ଭବ ହୋଇଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଦର୍ଶାଯାଇଛି। ଏଭଳି ଭାବନା ଶିକ୍ଷା ଓ ଅଭିଜ୍ଞତା ଯୋଗୁ ସ୍ୱତଃ ମନରେ ସୃଷ୍ଟି ହୋଇଥାଏ ବୋଲି ଅନୁମାନ କରାଯାଉଥିଲା। ଅନ୍ୟର ମନୋଭାବ ଓ ମାନସିକ ସ୍ଥିତି ଆଧାରରେ ସମବେଦନା ଭାବନା ଜାଗ୍ରତ ହେବା ଏକ ସ୍ୱାଭାବିକ ଅବସ୍ଥା। ସଭ୍ୟ ସମାଜରେ ଏଭଳି ଆଚାର ବ୍ୟବହାର ପରିଲକ୍ଷିତ ହେବା ଗୁରୁତ୍ୱପୂର୍ଣ୍ଣ। ତେବେ ସମାଜରେ ଅନେକ ବ୍ୟକ୍ତି ଅନ୍ୟର ଦୁଃଖରେ ସମଦୁଃଖୀ କାହିଁକି ହୁଅନ୍ତି ଏବଂ ଏଥିପାଇଁ ପ୍ରକୃତରେ କିଏ ଦାୟୀ ସେ ନେଇ ଗବେଷଣା କରାଯାଇଥିଲା। ମାତାପିତାଙ୍କଠାରୁ ସନ୍ତାନମାନଙ୍କ ପାଖକୁ



ଅନ୍ୟପ୍ରତି ସମବେଦନା ଭାବନା ପ୍ରଦର୍ଶନ କରିବା ଜିନ୍ ସୂତ୍ରରେ ସ୍ଥାନାନ୍ତର ହୋଇଥାଏ। ଜୈବ ବିବର୍ତ୍ତନବାଦ ଅନୁସାରେ ପୂର୍ବ ପୀଢ଼ିଙ୍କ ପ୍ରବୃତ୍ତି ନୂଆ ପିଢ଼ୀଙ୍କଠାରେ ପରିପ୍ରକାଶ ହୋଇଥାଏ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ହୃଦ୍‌ରୋଗ



ଡା. ନିତ୍ୟାନନ୍ଦ ସ୍ୱାଇଁ



ହୃଦ୍‌ରୋଗ ହେଉଛି ମୃତ୍ୟୁର ଅନ୍ୟତମ ପ୍ରଧାନ କାରଣ। ଭାରତରେ ହୃଦ୍‌ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଏପରିକି ଆଉ କିଛି ବର୍ଷ ଭିତରେ ପୃଥିବୀର ସବୁଠାରୁ ବେଶି ହୃଦ୍‌ରୋଗୀ ରହିଥିବେ ଭାରତରେ। ଏବେ ସେମାନଙ୍କ ସଂଖ୍ୟା ୫ କୋଟିକୁ ଟପିଗଲାଣି। ବେଳ ଥିଲା ଯେତେବେଳେ ହୃଦ୍‌ରୋଗ ଥିଲା ବୟସ୍କ ବ୍ୟକ୍ତିମାନଙ୍କ ରୋଗ। କିନ୍ତୁ ସମ୍ପ୍ରତି ଏଥିରେ ଆକ୍ରାନ୍ତ ହୋଇପଡ଼ିଲେଣି କିଶୋର ଓ ଯୁବଗୋଷ୍ଠୀ।

ଗବେଷଣାରୁ ଏହା ପ୍ରମାଣିତ ଯେ, ହୃଦ୍‌ରୋଗର ମୂଳଦୁଆ ପଡ଼ିଯାଏ ପିଲା ବୟସରେ। ତେଣୁ ଏହି ରୋଗରୁ ସୁରକ୍ଷିତ ରହିବା ନିମନ୍ତେ ବାଲ୍ୟକାଳରୁ ହିଁ ଉଦ୍ୟମ ଜାରି ରଖିବା ବାଞ୍ଛନୀୟ।

ମନେ ରଖିବାର କଥା ଯେ, ସୁସ୍ଥ ଶରୀର, ସୁସ୍ଥ ମନ, ସୁସ୍ଥ ସାମାଜିକ ସମ୍ପର୍କ ଏବଂ ସୁସ୍ଥ ଚିନ୍ତା ତଥା ମନୋଭାବ ହେଉଛି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାର ପ୍ରଧାନ ଅବଲମ୍ବନ। ଅନ୍ୟପକ୍ଷରେ ଅଳସ ଜୀବନଶୈଳୀ, ଅଣ ଅନୁମୋଦିତ ଖାଦ୍ୟାଭାସ, ଧୂମପାନ, ଅତ୍ୟଧିକ ମାନସିକ ଚାପ ଓ ମେଦବହୁଳତା ହୃତ୍‌ପିଣ୍ଡକୁ ଅସୁସ୍ଥ କରିଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଡାଇବେଟିସ୍, ଉଚ୍ଚ ରକ୍ତଚାପ ଓ ରକ୍ତରେ କୋଲେଷ୍ଟ୍ରଲ ମାତ୍ରା ବୃଦ୍ଧି ହୃଦ୍‌ରୋଗ ଜାତ ହେବାର ଆଶଙ୍କାକୁ ବଢ଼େଇଦିଏ। ପିଲା ବୟସରେ ଓଜନ ବୃଦ୍ଧି ବା ପୃଥୁଳତା ପ୍ରକାଶ ପାଇଥିଲେ ୬୫ ବର୍ଷ ବୟସରେ ପହଞ୍ଚିବାବେଳକୁ ସେମାନଙ୍କର ହାର୍ଟ ଆଟାକ୍ କିମ୍ବା ଷ୍ଟ୍ରୋକ୍ ହେବାର ସମ୍ଭାବନା ତିନିରୁ ପାଞ୍ଚ ଗୁଣ ବୃଦ୍ଧି ପାଇଥାଏ।

ଏବେ ପ୍ରଶ୍ନ ଉଠେ କି କି ସାବଧାନତା ଅବଲମ୍ବନ କଲେ ବା କେଉଁ ପ୍ରକାରର ପଦକ୍ଷେପମାନ ନେଲେ ହୃଦ୍‌ରୋଗ ସୃଷ୍ଟିକୁ ବହୁଳାଂଶରେ ନିବାରଣ କରାଯାଇପାରିବ।

**ଖାଦ୍ୟ :** ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସରେ ରହିଛି କ୍ଷତିକାରକ ପ୍ରଭାବ। ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟ୍ରଲ ପରିମାଣ ଅଧିକ ହୋଇଥିବାରୁ ଏହା ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

> "ଶରୀରରେ ଚର୍ବି ଜମିଲେ ଓଜନ ବଢ଼େ । ଓଜନ ବଢ଼ିଲେ ଜାତ ହୁଏ ପୃଥୁଳତା ବା ମେଦବହୁଳତା। ଚର୍ବି ଉପାଦାନ ରକ୍ତନଳୀ ଭିତରେ ଜମିଯାଇ ରକ୍ତନଳୀର ରନ୍ଧ୍ରକୁ ସଂକୁଚିତ କରିଦିଏ। ଫଳରେ ରକ୍ତ ସରବରାହ ବ୍ୟାହତ ହୋଇ ଜାତ ହୁଏ ହୃଦ୍‌ରୋଗ। ତାହାଛଡ଼ା ଅଧିକ ସଂଖ୍ୟକ ଚର୍ବିକୋଷ ନିକଟକୁ ରକ୍ତ ଯୋଗାଇବା, ଓଜନିଆ ଶରୀରକୁ ବୋହି ଚଲାବୁଲା ଓ କାମଧନ୍ଦା କରିବା ଫଳରେ ହୃତ୍‌ପିଣ୍ଡ ଉପରେ ଅଧିକ ଚାପ ପଡ଼େ।"



ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ୍ ତେଲ ଭଲ। ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ ମଧ୍ୟ ଅତି ଉପାଦେୟ। ସବୁଦିନେ ମାଛ ଖାଇପାରିଲେ ତାହା ବେଶ୍ ଉପକାରୀ। ହୃଦ୍‌ରୋଗ ସମେତ ସମସ୍ତ ଅଣସଂକ୍ରାମକ ଦୀର୍ଘକାଳିକ ରୋଗଗୁଡ଼ିକୁ ନିବାରଣ କରିବାର ଅଭିନବଜାତ ଖାଦ୍ୟଖାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କାରଣ ଏଥିରୁ ମିଳୁଥିବା ହାଇଟୋକେମିକାଲ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇଭରସ ବା ଖାଦ୍ୟତନ୍ତୁ ଏଥିରେ ସହାୟକ ହୋଇଥାଏ।

ଲେମ୍ବୁ, ଟମାଟୋ, କଞ୍ଚାଲଙ୍କା, ବନ୍ଧାକୋବି, ଫୁଲକୋବି, ଶାଗ ଓ ପିଜୁଳିରୁ ମିଳେ ବେଶି ଭିଟାମିନ୍ 'ସି' । ଭିଟାମିନ୍ 'ଇ' ମିଳେ ବିଭିନ୍ନ ଖାଇବା ତେଲ, ମାଛ, ମାଂସ, ଅଣ୍ଡା, ଚାଉଳ, ଗହମ ଓ ଶାଗରୁ। ଶାଗ, ଫଳ, କ୍ଷୀର, ମାଛ ଓ ମାଂସରେ ଥାଏ ଅଧିକ ଫଲିକ୍ ଏସିଡ୍। ଭିଟାମିନ୍ 'ସି', ଭିଟାମିନ୍ 'ଇ' ଓ ଫଲିକ୍ ଏସିଡ୍ ହୃଦ୍‌ରୋଗ ନିବାରଣ କରେ।

ପନିପରିବା, ଶାଗ, ଫଳ, ବନ୍ଧାକୋବି, ଫୁଲକୋବି, ଚାଉଳ, ଗହମ, ଡାଲି, କ୍ଷୀର. ଅଣ୍ଡା ଓ ମାଛ, ମାଂସ ଇତ୍ୟାଦି ଯୋଗାଇଥାଏ ହୃଦ୍‌ରୋଗ ବିରୋଧୀ ମ୍ୟାଗ୍ନେସିୟମ୍, ତମ୍ବା ବା କପର ଏବଂ ଦିସ୍ତା ବା ଜିଙ୍କ୍।

**ଓଜନ ନିୟନ୍ତ୍ରଣ :** ଶରୀରରେ ଚର୍ବି ଜମିଲେ ଓଜନ ବଢ଼େ। ଓଜନ ବଢ଼ିଲେ ଜାତ ହୁଏ ପୃଥୁଳତା ବା ମେଦବହୁଳତା। ଚର୍ବି ଉପାଦାନ ରକ୍ତନଳୀ ଭିତରେ ଜମିଯାଇ ରକ୍ତନଳୀର ରନ୍ଧ୍ରକୁ ସଂକୁଚିତ କରିଦିଏ। ଫଳରେ ରକ୍ତ ସରବରାହ ବ୍ୟାହତ ହୋଇ ଜାତ ହୁଏ ହୃଦ୍‌ରୋଗ। ତାହାଛଡା ଅଧିକ ସଂଖ୍ୟକ ଚର୍ବି କୋଷ ନିକଟକୁ ରକ୍ତ ଯୋଗାଇବା, ଓଜନିଆ ଶରୀରକୁ ବୋହି ଚଲାବୁଲା ଓ କାମଧନ୍ଦା କରିବା ଫଳରେ ହୃତ୍‌ପିଣ୍ଡ ଉପରେ ଅଧିକ ଚାପ ପଡ଼େ। ତେଣୁ ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରି ଶରୀରର ଓଜନକୁ ନିୟନ୍ତ୍ରଣ କରିବା ଉଚିତ।

**ନିୟମିତ ଶାରୀରିକ ପରିଶ୍ରମ ଓ ବ୍ୟାୟାମ :** ନିୟମିତ ଭାବରେ କଠିନ ଶାରୀରିକ ପରିଶ୍ରମ ଓ ବ୍ୟାୟାମ କରୁଥିଲେ ତାହା ହୃତ୍‌ପିଣ୍ଡ ଓ ରକ୍ତନଳୀକୁ ସୁସ୍ଥ ରଖେ। ଦ୍ରୁତଗତିରେ ଚାଲିବା, ଦୌଡ଼ିବା, ସାଇକେଲ ଚଲେଇ ଯିବା ଆସିବା କରିବା ଓ ପହଁରିବା ହେଉଛି ଭଲ ବ୍ୟାୟାମ। ପ୍ରତିଦିନ ଅନ୍ତତଃ ୩୦ ମିନିଟ ଲେଖାଏଁ ଚାଲିଲେ ଉପକାର ମିଳେ।

**ଧୂମପାନ ବର୍ଜନ :** ହୃଦ୍‌ରକ୍ତନଳୀ ରୋଗ କରେଇବାରେ ଧୂମପାନ ପ୍ରଧାନ ଖଳନାୟକ। ବିଡ଼ି, ସିଗାରେଟ ଟାଣିବାରେ କୌଣସି ଗୋଟିଏ ହେଲେ ବି ଉପକାର ମିଳି ନ ଥାଏ। ତେଣୁ ଏହାର ପାଖ ପଶିବା ଉଚିତ ନୁହେଁ।

**ମାନସିକ ଚାପ ହ୍ରାସ :** ଅତ୍ୟଧିକ ମାନସିକ ଚାପ ହୃଦ୍‌ରୋଗ ସୃଷ୍ଟିରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ, ଯୋଗ, ଧ୍ୟାନ ଓ ପ୍ରାର୍ଥନା ତଥା ଜୀବନ ପ୍ରତି ଏକ ସକାରାତ୍ମକ ମନୋଭାବ ପୋଷଣ ଦ୍ୱାରା ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣିହୁଏ। ନୈରାଶ୍ୟବାଦୀ ନ ହୋଇ ଆଶାବାଦୀ ହେବାର ସୁଫଳ ବେଶି।

**ଯୋଗ ଓ ଧ୍ୟାନ :** ହୃଦ୍‌ରୋଗ ଓ ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ କରିବାରେ ଯୋଗ ଓ ଧ୍ୟାନର ଅନୁକୂଳ ଭୂମିକା ରହିଥିବା ସମ୍ପର୍କରେ ଏବେ ପ୍ରମାଣମାନ ମିଳୁଛି। ତେଣୁ ନିୟମିତ ଯୋଗ ଧ୍ୟାନ କରିବା ଉଚିତ। ନିୟମିତ ଡାକ୍ତରୀ ପରୀକ୍ଷା: ନିୟମିତ ଡାକ୍ତରୀ ପରୀକ୍ଷା କରେଇନେଲେ ସଅଳ ରୋଗ ନିର୍ଣ୍ଣୟ କରିହୁଏ। ରୋଗ ଆରମ୍ଭ ଅବସ୍ଥାରେ ଏହା ଧରାପଡିଗଲେ ସଅଳ ଚିକିତ୍ସା ଆରମ୍ଭ କରିବା ସୁଗମ ହୋଇଯାଏ ଏବଂ ରୋଗ ଜଟିଳ ଅବସ୍ଥାରେ ପହଞ୍ଚିପାରେ ନାହିଁ। ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଓ ରକ୍ତରେ କୋଲେଷ୍ଟ୍ରଲ ମାତ୍ରାବୃଦ୍ଧି ହୃଦ୍‌ରୋଗକୁ ପ୍ରୋତ୍ସାହନ ଦେଉଥିବାରୁ ବେଳହୁଁ ଏହାର ନିରୂପଣ ଓ ଚିକିତ୍ସା ଅତ୍ୟନ୍ତ ଫଳପ୍ରଦ। ସେହିପରି ଇ.ସି.ଜି. ପରୀକ୍ଷା ମଧ୍ୟ ସଅଳ ହୃଦ୍‌ରୋଗ ନିର୍ଣ୍ଣୟରେ ସହାୟକ।

-ଅଭୀପ୍ସା, ସେକ୍ଟର-୬,
ପ୍ଲଟ ନଂ- ୧୧୩୧,
ଅଭିନବ ବିଡ଼ାନାସୀ, କଟକ

## ବ୍ୟାୟାମ କରୁଥିଲେ..

ବ୍ୟାୟାମ କରିବା ପୂର୍ବରୁ ଏବଂ ପରେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ସେ ସମ୍ପର୍କରେ ଟିପ୍ସ..

- ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।
- ଏହା ପୂର୍ବରୁ ଶାରୀରିକ ପରୀକ୍ଷା କରାଇ ନେଲେ କିଛି କ୍ଷତି ନାହିଁ।
- ବ୍ୟାୟାମ ପାଇଁ ଏପରି ସ୍ଥାନ ଚୟନ କରନ୍ତୁ ଯେମିତି ତାହା ପ୍ରଦୂଷଣମୁକ୍ତ ହୋଇଥିବ।
- ଦିନକୁ ଦୁଇଥର ବ୍ୟାୟାମ କରିପାରନ୍ତି। ବିଶେଷଭାବରେ ସକାଳ ସମୟ ଏଥିପାଇଁ ଭଲ। ଯଦି ସକାଳେ ସମୟ ନାହିଁ ତେବେ ସନ୍ଧ୍ୟାରେ କିଛି ସମୟ ଏଥିପାଇଁ ରଖନ୍ତୁ।
- ବ୍ୟାୟାମ କରିବା ପୂର୍ବରୁ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରି ନିଅନ୍ତୁ।
- ଯଦି ବ୍ୟାୟାମ କରିବା ସମୟରେ ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନେଇ ତା'ପରେ ପୁଣି ଥରେ ବ୍ୟାୟାମ କରନ୍ତୁ।
- ବ୍ୟାୟାମ ପୂର୍ବରୁ ପେଟ ଖାଲି ରହିବା ଭଲ।
- ଏହା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟାଏ ବ୍ୟାୟାମ କରନ୍ତୁ।
- ବ୍ୟାୟାମ କରିବା ସମୟରେ ଯେପରି ଏହାର ପ୍ରତିକୂଳ ପ୍ରଭାବ ଶରୀର ଉପରେ ନ ପଡ଼େ ସେ ନେଇ ଦୃଷ୍ଟି ଦିଅନ୍ତୁ।
- ବ୍ୟାୟାମ କରିବା ସମୟରେ ପ୍ରଥମେ କିଛି ବାଟ ଚାଲନ୍ତୁ।
- ବ୍ୟାୟାମ କରିବା ସମୟରେ ଯେତେବେଳେ ବିଶ୍ରାମ ନେଉଛନ୍ତି ସେତେବେଳେ ଅଳ୍ପ ପାଣି କିମ୍ବା ଜୁସ୍ ପିଇପାରନ୍ତି।



## ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ବିଶେଷଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧି କରିହେବ। ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି। 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।




## ଅଣ୍ଟା ଯନ୍ତ୍ରଣାର ଘରୋଇ ଉପଚାର



-ବସିବା ସମୟରେ ଏପରି ବସନ୍ତୁ ଯେମିତି ଆପଣଙ୍କୁ ଆରାମ ଲାଗିବା ସହ ଅଣ୍ଟା ଉପରେ ଚାପ ପଡ଼ିବ ନାହିଁ।
-ଉଠିବା ସମୟରେ ସତର୍କତାର ସହ ଉଠନ୍ତୁ। ଯଦି ଟିକେ ଏପଟ ସେପଟ ହୋଇଗଲା ତେବେ ଅଣ୍ଟା ଉପରେ ପ୍ରେସର ପଡ଼ିବା ସହ ଅଣ୍ଟା ସମସ୍ୟା ଦେଖାଦେଇପାରେ।
-ଯଦି କୌଣସି ସ୍ଥାନରେ ଠିଆ ହୋଇ ରହୁଛନ୍ତି ତେବେ ସିଧା ଠିଆ ହୁଅନ୍ତୁ।
-ନଇଁକରି କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଣ୍ଟାକୁ ସିଧାକରି କିଛି ସମୟ ଠିଆ ହୁଅନ୍ତୁ। କିଛି ସମୟ ବିଶ୍ରାମ ନେଲେ କାମର ପ୍ରଭାବ ଅଣ୍ଟା ଉପରେ ପଡି ନ ଥାଏ।
-ଅତି ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାର ସିଧାସଳଖ ପ୍ରଭାବ ଅଣ୍ଟା ଉପରେ ହିଁ ପଡିଥାଏ।
-ଅଧିକ ମୋଟା ଗଦିରେ ବସନ୍ତୁ ନାହିଁ କି ଶୁଅନ୍ତୁ ନାହିଁ।
-ଅଣ୍ଟାକୁ ଫିଟ୍ ରଖିବା କିଛି ବ୍ୟାୟାମ କରନ୍ତୁ।
-ଯଦି କାର୍ ଚଲାଉଛନ୍ତି ତେବେ ସବୁବେଳେ ୯୦ ଡିଗ୍ରୀ ପୋଜ୍‌ରେ ବସି ଡ୍ରାଇଭ କରନ୍ତୁ।
-ଯଦି କିଛି ଅଣ୍ଟାଜନିତ ସମସ୍ୟା ରହିଛି ତେବେ ତାହାକୁ ଅଣଦେଖା ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ବିଜ୍ଞାନରେ ବ୍ରେକ୍‌ଥ୍ରୁ ପୁରସ୍କାର


> "ପଦାର୍ଥ ବିଜ୍ଞାନ ପାଇଁ ମିଳିତଭାବେ ୩୪୭ ଜଣ ବୈଜ୍ଞାନିକଙ୍କୁ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି । ସେମାନେ ପ୍ରଥମ ଥର ପାଇଁ ଗୋଟିଏ କୃଷ୍ଣଗର୍ତ୍ତ(ବ୍ଲାକ ହୋଲ)ର ଚିତ୍ର ଉତ୍ତୋଳନ କରିଥିଲେ। କୃଷ୍ଣଗର୍ତ୍ତର ବସ୍ତୁତ୍ୱ ଅତି ବେଶି ହୋଇଥିବାରୁ ଏହାର ମାଧ୍ୟାକର୍ଷଣ ବଳ ମଧ୍ୟ ଅତ୍ୟଧିକ ଏବଂ ଏହି ବଳର ଆକର୍ଷଣ ଯୋଗୁ ତା' ମଧ୍ୟରୁ କୌଣସି ପଦାର୍ଥ ବାହାରକୁ ବାହାରି ପାରେନାହିଁ। ଏପରିକି ଏଥିରୁ ଆଲୋକ ମଧ୍ୟ ନିର୍ଗତ ହୁଏ ନାହିଁ, ଯାହାଫଳରେ ଏହାର ଚିତ୍ର ଉତ୍ତୋଳନ କରିବା ସମ୍ଭବ ହୋଇ ନ ଥାଏ ।"



ଇଂ. ମାୟାଧର ସ୍ୱାଇଁ

ବିଜ୍ଞାନର ତିନୋଟି ବିଭାଗରେ ଉଲ୍ଲେଖନୀୟ ଆବିଷ୍କାର କରିଥିବା ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିବା ପାଇଁ ରୁଷିଆର ବିଶିଷ୍ଟ ଶିଳ୍ପପତି ତଥା ପଦାର୍ଥ ବିଜ୍ଞାନୀ ୟୁରି ମିଲ୍‌ନର ଏବଂ ତାଙ୍କ ପତ୍ନୀ ଜୁଲିଆ ମିଲନର ୨୦୧୨ ମସିହା ଜୁଲାଇରେ ବ୍ରେକ୍‌ଥ୍ରୁ ପୁରସ୍କାର ସ୍ଥାପନ କରିଛନ୍ତି। ଏହା ହେଉଛି ଗୋଟିଏ ଅନ୍ତର୍ଜାତୀୟ ପୁରସ୍କାର। ମୌଳିକ ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ ଓ ଗଣିତରେ ଉଲ୍ଲେଖନୀୟ ଆବିଷ୍କାର କରିଥିବା ବ୍ୟକ୍ତିମାନଙ୍କୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ୨୦୧୨ ମସିହାରୁ ପ୍ରଦାନ କରାଯାଉଛି। ପ୍ରତ୍ୟେକ ପୁରସ୍କାର ପାଇଁ ତିନି ନିୟୁତ ଡଲାର(ପ୍ରାୟ ୨୧ କୋଟି ଟଙ୍କା) ଅର୍ଥ ରାଶି ପ୍ରଦାନ କରାଯାଇଥାଏ। ଏଣୁ ଏହା ହେଉଛି ଅର୍ଥ ହିସାବରେ ପୃଥିବୀର ସବୁଠାରୁ ବଡ଼ ବିଜ୍ଞାନ ପୁରସ୍କାର। ତୁଳନାତ୍ମକ ଭାବେ ପ୍ରତ୍ୟେକ ନୋବେଲ ପୁରସ୍କାର ପାଇଁ ପ୍ରାୟ ୭.୪ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ପୂର୍ବ ପୁରସ୍କାର ବିଜୟୀମାନଙ୍କୁ ନେଇ ଗଠିତ କମିଟି ଏହି ପୁରସ୍କାର ପାଇଁ ବିଭିନ୍ନ ବ୍ୟକ୍ତି ଚୟନ କରିଥାନ୍ତି। ଏକ ଭବ୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ ଯୁବ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି ଅନୁଷ୍ଠାନ ପକ୍ଷରୁ ପଦାର୍ଥ ବିଜ୍ଞାନ ଓ ଗଣିତରେ ଯୁବ ଗବେଷକମାନଙ୍କୁ ନ୍ୟୁ ହୋରାଇଜନ ପୁରସ୍କାର ପ୍ରଦାନ କରାଯାଉଛି। ପ୍ରତ୍ୟେକ ନ୍ୟୁ ହୋରାଇଜନ ପାଇଁ ଏକ ଲକ୍ଷ ଡଲାର(୭୧ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଥାଏ।

ଗତ ସେପ୍ଟେମ୍ବର ୫ରେ ବ୍ରେକ୍‌ଥ୍ରୁ ପୁରସ୍କାର ଅନୁଷ୍ଠାନ ୨୦୨୦ ମସିହା ପାଇଁ ବ୍ରେକ୍‌ଥ୍ରୁ ପୁରସ୍କାର ବିଜୟୀମାନଙ୍କର ନାମ ଘୋଷଣା କରିଛି। ଏହି ବର୍ଷ ପାଇଁ ସାତଟି ପୁରସ୍କାର ଘୋଷିତ ହୋଇଛି। ସେଥିମଧ୍ୟରୁ ଗୋଟିଏ ଗଣିତ ପାଇଁ, ଗୋଟିଏ ପଦାର୍ଥ ବିଜ୍ଞାନ ପାଇଁ ଓ ଅବଶିଷ୍ଟ ପାଞ୍ଚଟି ଜୀବ ବିଜ୍ଞାନ ପାଇଁ ଉଦ୍ଦିଷ୍ଟ। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଥାଲେକ୍‌ସ ଏସ୍କିନ ଗଣିତ ପୁରସ୍କାର ପାଇବେ। ଆବେଲୀୟ ଅବକଳରେ ବିପ୍ଲବାତ୍ମକ ଆବିଷ୍କାର ପାଇଁ ତାଙ୍କୁ ଏଥିପାଇଁ ଚୟନ କରାଯାଇଛି। ଜୀବ ବିଜ୍ଞାନ ପାଇଁ ରକ୍‌ଫେଲର ବିଶ୍ୱବିଦ୍ୟାଳୟର ଜେଫ୍ରେ ଫ୍ରାଇଡମାନ, ମାକ୍‌ସ ପ୍ଲାଙ୍କ ଜୈବରସାୟନ ବିଜ୍ଞାନ ଅନୁଷ୍ଠାନର ଏଫ. ଉଲରିଚ ହାର୍ଟି, ୟେଲ ସ୍କୁଲ ଅଫ ମେଡ଼ିସିନର ଆର୍ଥର ହୋରଉଇଚ, କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡେଭିଡ ଜୁଲିଅସ ଏବଂ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ଭର୍ଜିନିଆ ମାନ ୟୀ ଲିଙ୍କୁ ଏହି ପୁରସ୍କାର ମିଳିଛି।



ଜୁଲିଆ ମିଲନର ଯୁରି ମିଲ୍‌ନର

ପଦାର୍ଥ ବିଜ୍ଞାନ ପାଇଁ ମିଳିତଭାବେ ୩୪୭ ଜଣ ବୈଜ୍ଞାନିକଙ୍କୁ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ପ୍ରଥମ ଥର ପାଇଁ ଗୋଟିଏ କୃଷ୍ଣଗର୍ତ୍ତ(ବ୍ଲାକ ହୋଲ)ର ଚିତ୍ର ଉତ୍ତୋଳନ କରିଥିଲେ। କୃଷ୍ଣଗର୍ତ୍ତର ବସ୍ତୁତ୍ୱ ଅତି ବେଶି ହୋଇଥିବାରୁ ଏହାର ମାଧ୍ୟାକର୍ଷଣ ବଳ ମଧ୍ୟ ଅତ୍ୟଧିକ ଏବଂ ଏହି ବଳର ଆକର୍ଷଣ ଯୋଗୁ ତା' ମଧ୍ୟରୁ କୌଣସି ପଦାର୍ଥ ବାହାରକୁ ବାହାରି ପାରେନାହିଁ। ଏପରିକି ଏଥିରୁ ଆଲୋକ ମଧ୍ୟ ନିର୍ଗତ ହୁଏ ନାହିଁ, ଯାହାଫଳରେ ଏହାର ଚିତ୍ର ଉତ୍ତୋଳନ କରିବା ସମ୍ଭବ ହୋଇନଥାଏ। କିନ୍ତୁ ଏହି ବୈଜ୍ଞାନିକମାନେ ଏକ ଅଭିନବ ଉପାୟରେ ଇଭେଣ୍ଟ ହୋରାଇଜନ ଦୂରବୀକ୍ଷଣ ଯନ୍ତ୍ର ସହଯୋଗିତା ପ୍ରକଳ୍ପରେ ପୃଥିବୀଠାରୁ ୫୫ ନିୟୁତ ଆଲୋକବର୍ଷ ଦୂରରେ ଥିବା ମେସିୟର-୮୭(ଏମ୮୭) ଗାଲାକ୍‌ସିର କେନ୍ଦ୍ରରେ ଥିବା ଗୋଟିଏ ଅତିକାୟ କୃଷ୍ଣଗର୍ତ୍ତର ଚିତ୍ର ନେଇ ଇତିହାସ ସୃଷ୍ଟି କରିଛନ୍ତି। ପୃଥିବୀର ବିଭିନ୍ନ ସ୍ଥାନରେ ଯଥା ଆଣ୍ଟାର୍କଟିକା, ଚିଲି, ମେକ୍‌ସିକୋ, ହାୱାଇ, ଆରିଜୋନା ଓ ସ୍ପେନ୍‌ରେ ଥିବା ୮ଟି ସମ୍ବେଦନଶୀଳ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ କୃଷ୍ଣଗର୍ତ୍ତର ଚିତ୍ର ନେଇ ଏବଂ ପରମାଣିକ ଘଡ଼ି ସାହାଯ୍ୟରେ ସମସ୍ତ ଚିତ୍ରକୁ ସମକାଳୀନ କରି ଏହି ଦଳ କୃଷ୍ଣଗର୍ତ୍ତର ସ୍ପଷ୍ଟ ଚିତ୍ର ନେଇପାରିଥିଲେ। ଏହି କୃଷ୍ଣଗର୍ତ୍ତର ବସ୍ତୁତ୍ୱ ହେଉଛି ପୃଥିବୀ ବସ୍ତୁତ୍ୱର ୬.୫ ବିଲିୟନ ଗୁଣ। ହାର୍ଭାର୍ଡ ସ୍ମିଥ୍‌ସୋନିଆନ ଓ ଜ୍ୟୋତିଃପଦାର୍ଥ ବିଜ୍ଞାନ କେନ୍ଦ୍ରର ଶେପ ଡୋଏଲମାନ ଏହି ଦଳର ନିର୍ଦ୍ଦେଶକ ଥିଲେ ଏବଂ ତାଙ୍କ ନେତୃତ୍ୱରେ ଏହି ପ୍ରକଳ୍ପରେ ୨୦ଟି ଦେଶରେ ୬୦ଟି ଅନୁଷ୍ଠାନର ପଦାର୍ଥ ବିଜ୍ଞାନୀ କାର୍ଯ୍ୟ କରିଥିଲେ। ଏହି ବର୍ଷ ଏପ୍ରିଲ ୧୦ ତାରିଖରେ ଏହି ଖବର ପୃଥିବୀର ପ୍ରାୟ ସମସ୍ତ ଖବରକାଗଜର ପ୍ରଥମ ପୃଷ୍ଠାରେ ସ୍ଥାନ ପାଇଥିଲା।

ବ୍ରେକ୍‌ଥ୍ରୁ ପୁରସ୍କାର ସହିତ ପଦାର୍ଥ ବିଜ୍ଞାନ ଓ ଗଣିତରେ ଉନ୍ନତମାନର ଗବେଷଣା କରିଥିବା ୬ଜଣ ଯୁବ ବୈଜ୍ଞାନିକଙ୍କ ନାମ ମଧ୍ୟ ନ୍ୟୁ ହୋରାଇଜନ ପୁରସ୍କାର ପାଇଁ ଘୋଷଣା କରାଯାଇଛି। ସମସ୍ତ ପୁରସ୍କାର ବିଜୟୀଙ୍କୁ ଏହି ବର୍ଷ ନଭେମ୍ବର ୩ ତାରିଖରେ କାଲିଫର୍ନିଆ ଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଏହା ହେବ ଏହି ପୁରସ୍କାର ପ୍ରଦାନର ଅଷ୍ଟମ ଉତ୍ସବ। ଏହି ପୁରସ୍କାର ଉତ୍ସବକୁ ବିଜ୍ଞାନର ଓସ୍କାର କୁହାଯାଉଛି। ଏହାକୁ ନ୍ୟାଶନାଲ ଜିଓଗ୍ରାଫିକ ଚ୍ୟାନେଲ ସିଧା ପ୍ରସାରଣ କରିବ। ପ୍ରତ୍ୟେକ ବର୍ଷର ଉତ୍ସବ ପାଇଁ ଏକ ନିର୍ଦ୍ଦିଷ୍ଟ ବିଷୟ(ଥିମ୍) ବଛା ଯାଇଥାଏ। ଏହି ବର୍ଷର ଥିମ୍ ହେଉଛି ଅଦୃଶ୍ୟକୁ ଦେଖିବା। ଅଦୃଶ୍ୟ କୃଷ୍ଣଗର୍ତ୍ତର ଚିତ୍ର ନେଇପାରିବା ପରିପ୍ରେକ୍ଷୀରେ ଏହି ଥିମକୁ ଚୟନ କରାଯାଇଛି।




-୭୦, ଲକ୍ଷ୍ମୀବିହାର, ଫେଜ-୧,
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ସଂକ୍ଷେପରେ

### ଏଫ୍‌ପିଆଇ ଉଠାଇ ନେଲେ ୩,୦୦୦ କୋଟି

**ନୂଆଦିଲ୍ଲୀ,୬-୧୦:** ଫରେନ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସ ଦେଶର ପୁଞ୍ଜି ବଜାରରୁ ୩ଟି ଟ୍ରେଡିଂ ସେସନରେ ୩,୦୦୦ କୋଟି ଟଙ୍କା ଉଠାଇ ନେଇଛନ୍ତି। ବିଶ୍ୱ ମାନ୍ଦାବସ୍ଥା ଏବଂ ବାଣିଜ୍ୟ ଯୁଦ୍ଧ ଭଳି ବିଭିନ୍ନ ପ୍ରସଙ୍ଗ ପୁଞ୍ଜି ବଜାର ଉପରେ ପ୍ରଭାବ ପକାଇଛି। ଏହା ନିବେଶକଙ୍କ ମନୋଭାବକୁ ମଧ ପ୍ରଭାବିତ କରିଥିବା ଜଣାପଡିଛି। ଗତ ମାସରେ ବିଦେଶୀ ନିବେଶକମାନେ ଇକ୍ୱିଟିରେ ୭,୮୫୦ କୋଟି ଟଙ୍କା ନିବେଶ କରିଥିଲେ। ରିଜର୍ଭ ବ୍ୟାଙ୍କର ସୁଧହାର ହ୍ରାସ ଏବଂ ସେବି ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ନିବେଶକମାନେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ପୁଞ୍ଜି ବଜାର ଡିପୋଜିଟୋରୀ ତଥ୍ୟ ମୁତାବକ ନିବେଶକମାନେ ଇକ୍ୱିଟିରୁ ୨,୯୪୭ କୋଟି ଏବଂ ଡେଟ୍‌ରୁ ୯୭୭ କୋଟି ନେଟ୍ ଭିତ୍ତିରେ କାଢି ନେଉଛନ୍ତି। ଏଭଳି ଭାବେ ଅକ୍ଟୋବର ୧-୪ ମଧ୍ୟରେ ମୋଟ ୩,୯୨୪ କୋଟି ଟଙ୍କା ଉଠାଣ ନିବେଶକମାନେ କାଢି ନେଇଛନ୍ତି।

### ମିଡ୍‌କ୍ୟାପରେ ଶୀର୍ଷ ୧୦ କମ୍ପାନୀଙ୍କ କ୍ଷତି ୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୬-୧୦:** ପୁଞ୍ଜି ବଜାରର ମିଡ କ୍ୟାପ ସେଗମେଣ୍ଟରେ ଭଲ ପ୍ରଦର୍ଶନ କରୁଥିବା ଦେଶର ୧୦ କମ୍ପାନୀ ମିଳିତ ଭାବେ ସେମାନଙ୍କ ବଜାର ପୁଞ୍ଜିକରଣ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି। ଏକ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍ବାଧିକ ୩୦,୦୦୦ କୋଟି ଟଙ୍କାର କ୍ଷତି ସହିଥିବା ଜଣା ପଡିଛି। ଏହାବାଦ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ହିନ୍ଦୁସ୍ତାନ ୟୁନିଲିଭର, ଏଚ୍‌ଡିଏଫ୍‌ସି, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ବଜାଜ ଫାଇନାନ୍ସ ଭଳି କମ୍ପାନୀ ଏହି ତାଲିକାରେ ରହିଛନ୍ତି। ଏହି ସମୟରେ ଟାଟା କନସଲଟାନ୍ସି ସର୍ଭିସେସ(ଟିସିଏସ୍), ଇନଫୋସିସ ଏବଂ ଆଇଟିସି ଭଳି ୧୦ ଅନ୍ୟ ଶୀର୍ଷ କମ୍ପାନୀଙ୍କ ବଜାର ପୁଞ୍ଜିକରଣ ବଢିଥିବା ପୁଞ୍ଜି ବଜାର ତଥ୍ୟରୁ ସାମ୍ନାକୁ ଆସିଛି।

### ଡିସେମ୍ବରରେ ରେପୋ କମାଇପାରେ ଆର୍‌ବିଆଇ




**ନୂଆଦିଲ୍ଲୀ,୬-୧୦:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆସନ୍ତା ଡିସେମ୍ବର ମାସରେ ପୁଣି ଥରେ ଏହାର ସୁଧହାର ବା ରେପୋକୁ କମାଇପାରେ। ଏହି ସମୟରେ କେନ୍ଦ୍ରୀୟ ବ୍ୟାଙ୍କ ୨୫ ବେସିସ ପଏଣ୍ଟ ପର୍ଯ୍ୟନ୍ତ ସୁଧହାର କମାଇପାରେ ବୋଲି ଗୋଲ୍ଡମ୍ୟାନ ସ୍ୟାଚ୍ ପକ୍ଷରୁ ରବିବାର କୁହାଯାଇଛି। ଶୁକ୍ରବାର ଆର୍‌ବିଆଇର ଏମପିସି କମିଟି ୨୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିବା ପରେ ଏହା ୫.୧୫%କୁ ଖସିଛି। ଦେଶର ଅଭିବୃଦ୍ଧି ଧାରାକୁ ତ୍ୱରାନ୍ୱିତ କରିବା ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ନିଷ୍ପତ୍ତି ନେଇପାରେ ବୋଲି କୁହାଯାଇଛି। ସେହିଭଳି ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିବା ଯୋଗୁ ସୁଧହାର ହ୍ରାସ କରିବା ଦିଗରେ ଏହା କେନ୍ଦ୍ରୀୟ ବ୍ୟାଙ୍କକୁ ସହାୟତା କରୁଥିବା ଜଣାପଡ଼ିଛି।

### ପ୍ଲାଣ୍ଟ କର୍ମଚାରୀଙ୍କ ଲାଗି ଟୟୋଟାର ଭିଆର୍‌ଏସ୍ ସ୍କିମ

**ନୂଆଦିଲ୍ଲୀ,୬-୧୦:** ପ୍ରମୁଖ ଅଟୋ ନିର୍ମାଣକାରୀ କମ୍ପାନୀ ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଏହାର କର୍ମଚାରୀଙ୍କ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ଆରମ୍ଭ କରାଯାଇଛି। କମ୍ପାନୀର କର୍ଣାଟକସ୍ଥିତ ବିଦାଦି ମାନୁଫାକଚରିଂ ଫାସିଲିଟି ଲାଗି ଏଭଳି ଏକ ଯୋଜନା ହାତକୁ ନିଆଯାଇଛି। ଜାପାନର ଅଟୋ ନିର୍ମାତା ଟୟୋଟା ଏବଂ କିର୍ଲୋସ୍କାର ଗ୍ରୁପର ମିଳିତ ସହଭାଗିତାରେ ଏହି ସ୍କିମ ସଂଘ ଏବଂ ସୁପରଭାଇଜରି ବର୍ଗ କର୍ମଚାରୀଙ୍କ ଲାଗି କାର୍ଯ୍ୟକାରୀ ହୋଇଛି। ପ୍ଲାଣ୍ଟରେ ୫ ବର୍ଷ କାମ କରିଥିବା କର୍ମଚାରୀଙ୍କ ଭିଆର୍‌ଏସ୍ ନେଇ ପାରିବେ। ୨୨ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ନବ-ଜୀବନ-ଯୋଜନାଏ ପଦକ୍ଷେପ ଅକ୍ଟୋବର ୨୩ ଯାଏ ଚାଲିବ। ଯୋଜନାଟି ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହୋଇଥିବା ବେଳେ ବାଣିଜ୍ୟ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ଟୟୋଟା କିର୍ଲୋସ୍କାର ମୋଟର୍ସର ଉପସଭାପତି ଶେକର ବିଶ୍ୱନାଥନ କହିଛନ୍ତି।

> ଆସନ୍ତା ବର୍ଷ ଜାନୁୟାରୀ ଘରୋଇ ଅର୍ଥ ବ୍ୟବସ୍ଥା ଉନ୍ନତ ସ୍ଥିତିକୁ ଆସିବା ନେଇ ଆଶାବାଦୀ।
> – ଆଦିତ୍ୟ ପୁରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏମ୍‌ଡି



> ଅଟୋ ଯନ୍ତ୍ରାଂଶ ରପ୍ତାନିରୁ ୧୯୮ ୟୁରୋ ଲାଭ କରୁଛୁ। ଏହାକୁ ଦୁଇ ଗୁଣା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।
> – ଭେଙ୍କଟରାମ ମାମିଲାପାଲେ, ରେନୋ ଇଣ୍ଡିଆ ଏମ୍‌ଡି



# ୧୪ରୁ ଆରମ୍ଭ ହେବ ବଜେଟ ପ୍ରକ୍ରିୟା

**ନୂଆଦିଲ୍ଲୀ,୬-୧୦**

- ଅର୍ଥ ମନ୍ତ୍ରଣାଳୟର ସର୍କୁଲାର ଜାରି
- ନଭେମ୍ବର ପ୍ରଥମ ସପ୍ତାହ ଯାଏ ପ୍ରାକ୍ ବଜେଟ ବୈଠକ
- ମାନ୍ଦାବସ୍ଥାର ବିଭିନ୍ନ ଦିଗକୁ ବିଚାର କରାଯିବ
- ୨୦୧୭ରୁ ଫେବୃୟାରୀ ପହିଲାରେ ଉପସ୍ଥାପନ ହେଉଛି ବଜେଟ




ଅର୍ଥ ମନ୍ତ୍ରାଳୟ ପକ୍ଷରୁ ୨୦୨୦-୨୧ ବର୍ଷ ଲାଗି ବଜେଟ ପ୍ରକ୍ରିୟା ଚଳିତ ମାସ ୧୪ରୁ ଆରମ୍ଭ ହେବ। ସରକାରଙ୍କ ରାଜସ୍ୱରେ ହ୍ରାସ, ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଅଭିବୃଦ୍ଧି ଏବଂ ମାନ୍ଦାବସ୍ଥା ଭଳି ଜଟିଳ ପ୍ରସଙ୍ଗ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଦିଗରେ ବଜେଟରେ ବିଭିନ୍ନ ଦିଗକୁ ବିଚାର କରାଯିବାର ଯୋଜନା ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ଦ୍ୱିତୀୟ ପାଳି ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦ୍ୱିତୀୟଥର ଲାଗି ବଜେଟ ଉପସ୍ଥାପନ କରିବେ। ପ୍ରାକ୍ ବଜେଟ ପରିବର୍ତ୍ତିତ ଅଟକଳ ବୈଠକ ଅକ୍ଟୋବର ୧୪ରେ ଅନୁଷ୍ଠିତ ହେବ। ଏଥିଲାଗି ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ବଜେଟ୍ ସର୍କୁଲାର ଜାରି କରାଯାଇଛି। ବୈଠକରେ ଆବଶ୍ୟକ ହେଉଥିବା ଆବଶ୍ୟକୀୟ ବିବରଣୀ ନେଇ ନିଶ୍ଚିତ କରାଇବାକୁ ସମସ୍ତ ଆର୍ଥିକ ପରାମର୍ଶଦାତାଙ୍କୁ କୁହାଯାଇଛି। ବ୍ୟୟ ସଚିବ ଅନ୍ୟ ସଚିବ ଏବଂ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରିବା ପରେ ୨୦୨୦-୨୧ ଲାଗି ବଜେଟ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ଚୂଡାନ୍ତ କରାଯିବ। ପ୍ରାକ୍ ବଜେଟ ବୈଠକ ଅକ୍ଟୋବର ୧୪ରୁ ଆରମ୍ଭ ହୋଇ ନଭେମ୍ବର ପ୍ରଥମ ସପ୍ତାହ ଯାଏ ଚାଲିବ। ଅନୁସୂଚୀତ ଜାତି ଏବଂ ଜନଜାତି ଉପଯୋଜନା, ଲିଙ୍ଗ ଏବଂ ଶିଶୁ ବଜେଟ୍ ସମ୍ପର୍କରେ ସର୍କୁଲାରରେ ଉଲ୍ଲେଖ କରାଯାଇଛି।

ଫେବୃୟାରୀ ଶେଷରେ ହେଉଥିବା ବଜେଟ ଉପସ୍ଥାପନ ପ୍ରକ୍ରିୟାକୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ବାଦ ଦେଇଛନ୍ତି। ଏହା ପରେ ୨୦୧୭ରେ ପ୍ରଥମଥର ଲାଗି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଫେବୃୟାରୀ ପହିଲାରେ ବଜେଟ୍ ଉପସ୍ଥାପନ କରିଥିଲେ। ଏଭଳି ପଦକ୍ଷେପ ଦ୍ୱାରା ଏପ୍ରିଲ ପହିଲାରୁ ଆର୍ଥିକ ବର୍ଷ ଆରମ୍ଭ ସମୟରୁ ହିଁ ମନ୍ତ୍ରଣାଳୟଗୁଡିକୁ ଅର୍ଥ ପ୍ରଦାନ କରାଯାଉଛି। ଫଳରେ ପୁଞ୍ଜି ଖର୍ଚ୍ଚ କରିବା ଏହା ଦ୍ୱାରା ସହଜ ହୋଇଛି। ଏହାବାଦ କମ୍ପାନୀଗୁଡିକ ଟିକସ ପ୍ଲାନ ଏବଂ ବାଣିଜ୍ୟ ଗ୍ରହଣ ଲାଗି ସହାୟତା କରିଛି। ପୂର୍ବରୁ ଫେବୃୟାରୀ ଶେଷରେ ବଜେଟ ହେଉଥିବା ବେଳେ ୩ଟି ପର୍ଯ୍ୟାୟରେ ସଂସଦର ଅନୁମୋଦନ ଲାଗି ମେ ମାସ ମଧଭାଗ ହେଉଥିଲା। ଫଳରେ ସରକାରୀ ବିଭାଗ ଗୁଡିକ ଅଗଷ୍ଟ ମାସ ଶେଷରେ ଖର୍ଚ୍ଚ ଆରମ୍ଭ କରୁଥିଲେ।



## ଭୁବନେଶ୍ୱରରେ ବ୍ରାଣ୍ଡେଡ୍ ଗାର୍ମେଣ୍ଟ ସେଲ୍

**ଭୁବନେଶ୍ୱର,୬-୧୦**

ଗୌରୀ ଗାର୍ମେଣ୍ଟସ ପକ୍ଷରୁ ସ୍ଥାନୀୟ ହୋଟେଲ ନ୍ୟୁ ମ୍ୟାରିୟନଠାରେ ବ୍ରାଣ୍ଡେଡ ଗାର୍ମେଣ୍ଟ ସେଲ୍ ଓ ଫୁଟୱେର ସେଲ୍ ଶୁଭାରମ୍ଭ ହୋଇଛି। ଏଠାରେ ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ବିଭିନ୍ନ ବ୍ରାଣ୍ଡ ପୋଷାକ ଏବଂ ଫୁଟୱେର ପ୍ରଡକ୍ଟ ଉପଲବ୍ଧ ହେଉଛି। ଏଠାରେ ଗ୍ରାହକ ସମ୍ପୂର୍ଣ୍ଣ ପରିବାର ଲାଗି କଲେକ୍ସନ ଲାଭ କରିପାରିବେ। ୱେଡିଂ କଲେକ୍ସନ ମଧ ଶୁଭାରମ୍ଭ କରାଯାଇଛି। ଗ୍ରାହକମାନେ ଏଠାରେ ରେଡିମେଡ ଫୁଟୱେର ସମେତ ବ୍ରାଣ୍ଡେଡ ଜିନ୍ସ, ବ୍ଲେଜର, ସର୍ଟସ, କୁର୍ତ୍ତୀ, ୱେଷ୍ଟର୍ନୱେର, କିଡସୱେର, ଅଫିସୱେର ଗାର୍ମେଣ୍ଟ, ଟ୍ରାଉଜର, ଟିସାର୍ଟ ଏବଂ ସାର୍ଟ ପାଇପାରିବେ। ଗ୍ରାହକମାନେ ମେଳାରେ ୮୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏଠାରେ ୪ ଲକ୍ଷ ପିସ୍ ପୋଷାକପତ୍ର ଉପଲବ୍ଧ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି।

# ବିଭିନ୍ନ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୬-୧୦ (ବ୍ୟୁରୋ)**

**ଓବିସି:** ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ସର୍କଲ ମୁଖ୍ୟ ତୌଫିକ ଆଲାମଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**କର୍ପୋରେଶନ ବ୍ୟାଙ୍କ:** କର୍ପୋରେଶନ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଏ.ଆର୍.ରାଘବେନ୍ଦ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ଆନ୍ଧ୍ର ବ୍ୟାଙ୍କ:** ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ଏବଂ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର କର୍ମଚାରୀମାନେ ଖଣ୍ଡଗିରି ଅଞ୍ଚଳରେ ଶ୍ରମଦାନ କରି ସଫେଇ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ କେ.ଭି.ଭି.ଏସ୍. ରାମମୂର୍ତ୍ତୀଙ୍କ ନେତୃତ୍ୱରେ କର୍ମଚାରୀମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରିଷ୍ଠ ପ୍ରବନ୍ଧକ ଭାଗିରଥି ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଲ୍ଲାହାବାଦ ବ୍ୟାଙ୍କ:** ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଯୋଗ ଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ଶାଖା ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଶ୍ରମଦାନ କରିଥିଲେ। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ଏବଂ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ସ୍ୱଚ୍ଛତା ବଜାୟ ରଖିବା ନେଇ ଘୋଷାଲ ଏଥିରେ ଗୁରୁତ୍ୱାରୋପ କରିଥିଲେ।


ଆନ୍ଧ୍ର ବ୍ୟାଙ୍କ



ଓବିସି



କର୍ପୋରେଶନ ବ୍ୟାଙ୍କ

## ଗ୍ରାହକ ସମ୍ପର୍କ ଅଭିଯାନରେ ୪୩୦ କୋଟି ଋଣ ଦେଲା ଆଇଓବି

**ଚେନ୍ନାଇ,୬-୧୦**

ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ୨ ଦିନିଆ ଗ୍ରାହକ ସମ୍ପର୍କ ଅଭିଯାନରେ ୪୩୦ କୋଟି ଟଙ୍କାର ଋଣ ପ୍ରଦାନ କରିଛି। ୧,୭୦୦ ହିତାଧିକାରୀ ବ୍ୟାଙ୍କଠାରୁ ଋଣ ନେବାକୁ ସକ୍ଷମ ହୋଇଛନ୍ତି। କେନ୍ଦ୍ର ସଂଖ୍ୟା ଲଘୁ ବ୍ୟାପାର ମନ୍ତ୍ରୀ ମୁକ୍ତାର ଅବାସ ନକଭି ଶନିବାର ଏହି ବ୍ୟାଙ୍କ ପକ୍ଷରୁ ଆୟୋଜିତ ମେଳାକୁ ଶୁଭ ଉଦଘାଟନ କରିବା ସହ ଗ୍ରାହକଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି। ମୁଦ୍ରା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଏବଂ ରିଟେଲ ବର୍ଗରେ ଋଣ ପ୍ରଦାନ ନେଇ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏମ୍‌ଡି ତଥା ସିଇଓ କର୍ନମ ଶେକର କହିଛନ୍ତି।

## ଇଫ୍‌କୋ ପକ୍ଷରୁ ସ୍ୱଚ୍ଛତା ହିଁ ସେବା

**ଭୁବନେଶ୍ୱର,୬-୧୦**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଆଚାର୍ଯ୍ୟ ବିହାରସ୍ଥିତ ଇଫ୍‌କୋ ରାଜ୍ୟ ବିପଣନ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ବିପଣନ ପ୍ରବନ୍ଧକ କିଶୋର କୁମାର ଜେନା, ମୁଖ୍ୟ କ୍ଷେତ୍ର ପ୍ରବନ୍ଧକ ସୌରଭ କୁମାର ଚାଟାର୍ଜୀ ଏହି ଅବସରରେ ଉପସ୍ଥିତ ଥିଲେ। ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଦିଗରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଛି। ବ୍ୟାନର ଏବଂ ସ୍ଲୋଗାନ ମାଧ୍ୟମରେ ପ୍ଲାଷ୍ଟିକ ପରିବର୍ତ୍ତେ କପଡା ବ୍ୟାଗ ବ୍ୟବହାର କରିବା ଲାଗି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ କର୍ମଚାରୀମାନେ ପ୍ଲାଷ୍ଟିକ ଏବଂ ଅନ୍ୟ ଆବର୍ଜନା ସଫା କରିଥିଲେ।

## ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ଫୋଲ୍ଡ

**ନୂଆଦିଲ୍ଲୀ,୬-୧୦**




ସାମ୍‌ସଙ୍ଗ ପକ୍ଷରୁ ଲକଜ୍ୟୁରୀ ସ୍ମାର୍ଟଫୋନ ଗାଲାକ୍ସି ଫୋଲ୍ଡ ବଜାରକୁ ଆସିଛି। ଏଥିରେ ଗ୍ରାହକ ଡିଜାଇନ, ଜ୍ଞାନକୌଶଳ ଏବଂ ସ୍ୱତନ୍ତ୍ର ଅନୁଭୂତି ଲାଭ କରିପାରିବେ। ଏଥିରେ ଥିବା ଆମୋଲେଡ ଇନଫିନିଟି ଫ୍ଲେକ୍ସ ଡିସ୍ପଲେ, ୭.୩ ଇଞ୍ଚ ଇନଫିନିଟି ଫ୍ଲେକ୍ସ ଡିସ୍ପଲେ, ହାଇ ଏଣ୍ଡ ଲାର୍ଜ ସ୍କ୍ରିନ ଏକ୍ସପେରିଏନ୍ସ ଗେମିଂ ଏବଂ ମୁଭି ଅଭିଜ୍ଞତାକୁ ଆହୁରି ସ୍ୱତନ୍ତ୍ର କରିପାରିବ। ସାମ୍‌ସଙ୍ଗର ଅଧିକୃତ ଷ୍ଟୋର ସହ କମ୍ପାନୀର ଅନ୍‌ଲାଇନ ଷ୍ଟୋରରୁ ଗ୍ରାହକ ଏହାକୁ ଲାଭ କରିପାରିବେ। ଗ୍ରାହକଙ୍କ ଅଭିଜ୍ଞତାକୁ ଏହା ଆଉ ଗୋଟିଏ ସ୍ତରକୁ ନେବା ଦିଗରେ ସହାୟକ ହୋଇ ପାରିବ ବୋଲି କମ୍ପାନୀର ଦକ୍ଷିଣ ଏସିଆ ସଭାପତି ତଥା ସିଇଓ ଏଚ୍.ସି. ହଙ୍ଗ କହିଛନ୍ତି। ନୂଆ ଜ୍ଞାନକୌଶଳ ତଥା ଅଭିନବ ଫିଚର ସହ ଆସିଥିବା ଏହି ଫୋନ ଗେମ୍ ଚେଞ୍ଜର ହେବ ବୋଲି ସାମ୍‌ସଙ୍ଗ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ରଣଜୀବଜିତ ସିଂ କହିଛନ୍ତି।

## ବିପିସିଏଲ୍ ଘରୋଇକରଣ ରାସ୍ତା ଫିଟିଲା

**ନୂଆଦିଲ୍ଲୀ,୬-୧୦**

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍)ର ଘରୋଇକରଣ ନେଇ ସରକାର ଯୋଜନା ରଖିଥିବା ବେଳେ ଏନେଇ କୌଣସି ଅସୁବିଧା ହେବ ନାହିଁ ବୋଲି ଜଣା ପଡିଛି। ସରକାର ୨୦୧୬ରେ ବିପିସିଏଲ୍‌ର ରାଷ୍ଟ୍ରୀୟକରଣ ସମ୍ପର୍କିତ ଆଇନକୁ ୨୦୧୬ରେ ରଦ୍ଦ କରି ଦେଇଛନ୍ତି। ଏପରି କ୍ଷେତ୍ରରେ ବିପିସିଏଲ୍‌ର ଘରୋଇକରଣ ନେଇ ସରକାରଙ୍କୁ ସଂସଦର ଅନୁମୋଦନ ନେବାକୁ ପଡ଼ିବ ନାହିଁ। ବିପିସିଏଲ୍ ଘରୋଇକରଣ ନେଇ ସଂସଦ ଅନୁମୋଦନ ଲୋଡାପଡିବ ବୋଲି ପୂର୍ବରୁ କୁହାଯାଇଥିଲା।

# ୟୁନିୟନ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ମାସ ସମାପନ

**ଭୁବନେଶ୍ୱର,୬-୧୦**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ହିନ୍ଦୀ ମାସ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମୀନା ଅଧ୍ୟକ୍ଷତା କରିଥିଲେ। ହିନ୍ଦୀର ଉପଯୋଗିତା ଏବଂ ଆବଶ୍ୟକତା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ହିନ୍ଦୀ ମାଧ୍ୟମରେ ବୌଦ୍ଧିକ ପରମ୍ପରା, ସମୃଦ୍ଧି ଏବଂ ଭାରତକୁ ଏକାଠି ଯୋଡିବା ଉପରେ ଆଲୋଚନା ହୋଇଥିଲା। ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଶ୍ରୀଧର ବେହେରା, କର୍ପୋରେଶନ ବ୍ୟାଙ୍କ ଅଞ୍ଚଳ ମୁଖ୍ୟ କେ.ଭି.ଭି.ଏନ୍.ଏସ୍. ରାମମୂର୍ତ୍ତୀ, ବ୍ୟାଙ୍କର ସଞ୍ଚାଳନ ସହାୟକ ପ୍ରବନ୍ଧକ ଅଭିଜିତ କୁମାର ଗିରି, ସହାୟକ ପ୍ରବନ୍ଧକ ସୁଶ୍ରୀ ରୋଜା, ଉପକ୍ଷେତ୍ରୀୟ ମୁଖ୍ୟ ପ୍ରକାଶ ଚନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ।


## ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର

ସା: ବନବିହାରୀପଡ଼ା, ପୋ: ପୁରୁଣାବଜାର, ଜିଲ୍ଲା-କେନ୍ଦୁଝର-୭୫୮୦୦୨

ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର ସମସ୍ତ ଚାଷୀ, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ଜନସାଧାରଣମାନଙ୍କୁ ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ସହିତ ଶୁଭେଚ୍ଛା ଜ୍ଞାପନ କରୁଅଛୁ। ଚଳିତ ବର୍ଷ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କର ବିଭିନ୍ନ ପ୍ରକାର ଫସଲ ବିପୁଳ ପରିମାଣରେ ଉତ୍ପନ୍ନ ହେଉ, ସେଥିପାଇଁ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

| | |
|---|---|
| ଶ୍ରୀ ଅଜୟ କୁମାର ସେଠୀ, SARCS<br>ସମ୍ପାଦକ<br>ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର | ଶ୍ରୀ ରାମଚନ୍ଦ୍ର କିସ୍କୁ, OAS-GR.A(SB)<br>ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ<br>ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର |


# ସୋମବାର ନ୍ୟାଶନାଲ ଟାକ୍ସ ଇ-ଆସେସ୍‌ମେଣ୍ଟ ସେଣ୍ଟର ଶୁଭାରମ୍ଭ

**ନୂଆଦିଲ୍ଲୀ,୬-୧୦**




ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଆୟକର ବିଭାଗର ନ୍ୟାଶନାଲ ଟାକ୍ସ ଇ-ଆସେସମେଣ୍ଟ ସେଣ୍ଟର(ଏନ୍‌ଇଏସି)ର ଶୁଭାରମ୍ଭ କରିବେ। ଏହା ଦ୍ୱାରା ଟିକସଦାତା ଏବଂ ଟିକସ ଅଧିକାରୀଙ୍କ ମଧ୍ୟରେ ଆଉ ସାମ୍ନା ସାମ୍ନି ହେବାକୁ ପଡିବ ନାହିଁ। ଉକ୍ତ ସେଣ୍ଟର ଦ୍ୱାରା ଟିକସଦାତାଙ୍କ ଲାଗି ଉନ୍ନତ ସେବା, ଟିକସଦାତାଙ୍କ ଅଭିଯୋଗରେ ହ୍ରାସ ଭଳି ବିଭିନ୍ନ ପ୍ରସଙ୍ଗ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହିତ କରିବା ଲାଗି ଏଭଳି ଏକ ଯୋଜନା ହାତକୁ ନିଆଯାଇଥିବା ଅର୍ଥ ମନ୍ତ୍ରଣାଳୟ ସୋମବାର ସୂଚନା ଦେଇଛି। ଟିକସ ଆସେସମେଣ୍ଟ କ୍ଷେତ୍ରରେ ନୂଆ ପଦକ୍ଷେପ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଲୋକମାନେ ଟିକସ ଅଧିକାରୀଙ୍କୁ ନ ଭେଟି ମଧ ସେମାନଙ୍କ ଟିକସ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ କରିପାରିବେ। ନୂଆ ସିଷ୍ଟମ ମୁତାବକ ଟିକସଦାତା ସେମାନଙ୍କ ପଞ୍ଜୀକୃତ ଇ-ମେଲ ଏବଂ ଆୟକର ବିଭାଗ ୱେବପୋର୍ଟାଲରେ ପଞ୍ଜୀକୃତ ଆକାଉଣ୍ଟରେ ନୋଟିସ ପାଇବେ। ଆୟକର ବିଭାଗ ନିକଟରେ ପଞ୍ଜୀକରଣ ହୋଇଥିବା ମୋବାଇଲ ନମ୍ବରରେ ରିଅଲଟାଇମ୍ ଭିତ୍ତିରେ ଏସ୍‌ଏମ୍‌ଏସ୍ ଆଲର୍ଟ ପାଇପାରିବେ। ଯଦି କୌଣସି କ୍ଷେତ୍ରରେ ଅସଙ୍ଗତି ଆସେ ତେବେ ଟିକସଦାତାଙ୍କୁ ଏଭଳି ଉପାୟରେ ବିଭାଗ ସମ୍ପର୍କ କରିବ। ଟିକସଦାତା ଏହାର ଉତ୍ତର ଘରେ କିମ୍ବା ନିଜ କାର୍ଯ୍ୟାଳୟରେ ପ୍ରସ୍ତୁତ ରଖି ନ୍ୟାଶନାଲ ଇ-ଆସେସମେଣ୍ଟ ସେଣ୍ଟରକୁ ମେଲ୍ କରିପାରିବେ।। ଉତ୍ତରକୁ ବିଭାଗର ନିର୍ଦ୍ଧାରିତ ୱେବ ପୋର୍ଟାଲରେ ଅପ୍‌ଲୋଡ କରିବାକୁ ହେବ।






“ରିଭର୍ସ ସୁଇଂର ମାଷ୍ଟର ହେଉଛନ୍ତି ମହମ୍ମଦ ସାମି। ଭାରତୀୟ ଟିମ୍ ଯେତେବେଳେ ଏହିଭଳି ସ୍ଲୋ ପିଚ୍‌ରେ ଖେଳିଥାଏ ସେତେବେଳେ ସାମି ଦଳ ପାଇଁ ପ୍ଲସ ପଏଣ୍ଟ ହୋଇଥାନ୍ତି।

– ରୋହିତ୍ ଶର୍ମା, ଭାରତୀୟ କ୍ରିକେଟର



“ଭାରତ ନିକଟରୁ ପ୍ରଥମ ଟେଷ୍ଟରେ ବୃହତ୍ ବ୍ୟବଧାନରେ ପରାଜୟବରଣ ସତ୍ତ୍ୱେ ପ୍ରଥମ ଇନିଂସରେ ଆମେ ଯେଉଁଭଳି ବ୍ୟାଟିଂ କରିଥିଲୁ ତାହା ନିଶ୍ଚୟ ଗର୍ବର ବିଷୟ। ଦ୍ୱିତୀୟ ଟେଷ୍ଟରେ ଏହା ଆମ ମନୋବଳକୁ ଆହୁରି ବଢ଼ାଇବ।

– ଫାଫ୍ ଡୁ ପ୍ଲେସିସ, ଦକ୍ଷିଣ ଆଫ୍ରିକା ଅଧିନାୟକ

## ସଂକ୍ଷେପରେ

### ଅଶ୍ୱିନ ଯୁଗ୍ମ ଦ୍ରୁତତମ

**ବିଶାଖାପାଟଣା,୬।୧୦:** ଭାରତୀୟ ଦଳର ଆଗଧାଡ଼ିର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ରବିବାର ଥେଉନିସ ଡି ବ୍ରୁଇନଙ୍କୁ ଆଉଟ୍ କରି ଟେଷ୍ଟ କ୍ରିକେଟରେ ୩୫୦ ଉଇକେଟ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ଛୁଇଁବାରେ ଅଶ୍ୱିନ ଶ୍ରୀଲଙ୍କାର କିମ୍ବଦନ୍ତୀ ମୁଥିଆ ମୁରଲୀଧରନଙ୍କ ସହ ଯୁଗ୍ମ ଦ୍ରୁତତମ ବୋଲର ହୋଇପାରିଛନ୍ତି। ଦୁହେଁ କ୍ୟାରିୟରର ୬୬ତମ ମ୍ୟାଚ୍‌ରେ ଏହି ସଫଳତା ପାଇଛନ୍ତି। ଟେଷ୍ଟ କ୍ରିକେଟର ସର୍ବାଧିକ ୮୦୦ ଉଇକେଟ ନେଇଥିବା କିମ୍ବଦନ୍ତୀ ମୁରଲୀଧରନ ୨୦୧୦ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ୩୩ ବର୍ଷୀୟ ଅଶ୍ୱିନ ଦୀର୍ଘ ୧ ବର୍ଷ ପରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଛନ୍ତି। ସେ ପ୍ରଥମ ଇନିଂସରେ ୧୪୫ ରନ୍ ବ୍ୟୟ କରି ୭ ଉଇକେଟ ହାତେଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୨୭ତମ ୫ ଉଇକେଟ। ଉଲ୍ଲେଖଥାଉ କି, ୨୦୧୭ ନଭେମ୍ବରରେ ଦ୍ରୁତତମ ବୋଲର ଭାବେ ଅଶ୍ୱିନ ୩୦୦ ଉଇକେଟ ନେବାର ରେକର୍ଡ ଅଧିକାରୀ ହୋଇଥିଲେ।

### ଭାଇଜାଗ ଟେଷ୍ଟରେ ଛକା ରେକର୍ଡ

**ବିଶାଖାପାଟଣା,୬।୧୦:** ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛି। ଏହି ଟେଷ୍ଟରେ ଉଭୟ ଦଳ ମୋଟ ୩୭ ଛକା ଲଗାଇଛନ୍ତି। ଇତିହାସରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ମଧ୍ୟରେ ଏହା ସର୍ବାଧିକ ସଂଖ୍ୟକ ଛକା। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ ଡିନ ପିଟ ୩୭ ତମ ଛକା ଲଗାଇଥିଲେ। ମ୍ୟାଚ୍‌ରେ ଭାରତୀୟ ଦଳର ବ୍ୟାଟ୍ସମ୍ୟାନମାନେ ୨୭ ଛକା ଲଗାଇଥିଲେ। ଏକାକୀ ରୋହିତ ଶର୍ମା ଉଭୟ ଇନିଂସରେ ୧୩ ଛକା ଲଗାଇ ବିଶ୍ୱ ରେକର୍ଡ ଅଧିକାରୀ ହୋଇଛନ୍ତି। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାର ବ୍ୟାଟ୍ସମ୍ୟାନମାନେ ମୋଟ ୧୦ ଛକା ଲଗାଇପାରିଥିଲେ। ଏଥିପୂର୍ବରୁ ୨୦୧୪-୧୫ରେ ଶାରଜାଠାରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୩୫ ଛକା ଦେଖିବାକୁ ମିଳିଥିଲା, ଯାହା କି ପୂର୍ବରୁ ରେକର୍ଡ ଥିଲା। ୨୦୦୫-୦୬ ସିଜନରେ ଫଇସଲାବାଦ୍‌ଠାରେ ଭାରତ ଓ ପାକିସ୍ତାନ ଅନୁଷ୍ଠିତ ମ୍ୟାଚ୍‌ରେ ୨୭ ଛକା ହୋଇଥିଲା।

# ଭାରତର ବୃହତ୍ ବିଜୟ

**ପ୍ରଥମ ଟେଷ୍ଟ**

- ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍



୫ ଉଇକେଟ ଅକ୍ତିଆର କରିଥିବା ମହମ୍ମଦ ସାମି।

ବିଶାଖାପାଟଣା, ୬।୧୦(ପି.ଟି.)


ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଜବରଦସ୍ତ ସ୍ୱିଙ୍ଗ୍ ଓ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଦମ୍ଦାର ପ୍ରଦର୍ଶନ ବଳରେ ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୨୦୩ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଏହି ବିଜୟ ସହ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରେ ଭାରତ ମହତ୍ତ୍ୱପୂର୍ଣ୍ଣ ୪୦ ପଏଣ୍ଟ ହାସଲ କରିଛି। ମୋଟ ୧୬୦ ପଏଣ୍ଟ ପାଇ ଭାରତ ଚାମ୍ପିଅନଶିପ୍ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ଓପନର ହିସାବରେ ଟେଷ୍ଟ ପଦାର୍ପଣରେ ଉଭୟ ଇନିଂସରେ ଯଥାକ୍ରମେ ୧୭୬ ଓ ୧୨୭ ରନର ଶତକୀୟ ପାଳି ଖେଳିଥିବା ରୋହିତ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୦ ତାରିଖରେ ପୁଣେରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୩୬ ଓଭରରେ ୭ ଉଇକେଟ ହରାଇ ୫୦୨ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୩୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୭୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ଭାରତ ୬୭ ଓଭରରେ ୪ ଉଇକେଟ ହରାଇ ୩୨୩ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୯୫ ରନର ବିଜୟ ଲକ୍ଷ୍ୟ ରଖାଯାଇଥିଲା। ଏହାର ପିଛା କରି ରବିବାର ପଞ୍ଚମ ତଥା ଅନ୍ତିମ ଦିବସରେ ୬୩.୫ ଓଭରରେ ୧୯୧ କରି ଅଲଆଉଟ ହୋଇଥିଲା। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୧/୧ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଅନ୍ତିମ ଦିବସରେ ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସରେ ୧୬୦ ରନର ଶତକୀୟ ପାଳି ଖେଳିଥିବା ଓପନ ଡିନ୍ ଏଲଗାର ମାତ୍ର ୨ ରନ କରି ଜାଡେଜାଙ୍କ ଦ୍ୱାରା ପ୍ରଥମେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଏଡେନ ମାରାକ୍ରାମ ୩ ଓ ଥେଉନିସ ଡି ବ୍ରୁଇନ୍ ୫ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୯ ଓ ୧୦ ରନକରି ପାଭିଲିୟନ ଫେରିଥିଲେ। ଟେମ୍ବା ବଭୁମା ଖାତା ଖୋଲିବା ପୂର୍ବରୁ ସାମିଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଅଧିନାୟକ ଫାଫ୍ ଡୁପ୍ଲେସି (୧୩ ରନ)ମଧ୍ୟ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲେ। ପ୍ରଥମ ଇନିଂସରେ ୧୧୧ ରନର ଶତକୀୟ ପାଳି ଖେଳିଥିବା କ୍ୱିଣ୍ଟନ ଡିକକ୍ ଖାତା ଖୋଲି ନ ପାରି ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ମାରାକ୍ରାମ ଏକା ଲଢ଼େଇ ଜାରି ରଖିଥିଲେ। ତେବେ ଡିକକ୍‌ଙ୍କ ପରେ ତାଙ୍କର ପାଳି ପଡ଼ିଥିଲା। ଏହାପରେ ଭର୍ନନ ଫିଲାଣ୍ଡର ଓ କେଶବ ମହାରାଜ ଖାତା ଖୋଲିବା ପୂର୍ବରୁ ଦୁହେଁ ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୮ ରନ କରି କାଗିସୋ ରାବାଡ଼ା ସାମିଙ୍କ ପଞ୍ଚମ ଶିକାର ହୋଇଥିଲେ। ତେବେ ଦୁଇ ଟେଲଏଣ୍ଡର ସେନୁରାନ ମୁଥୁସାମି ଓ ଡେନ୍ ପିଟ୍ ଲଢ଼ୁଆ ପ୍ରଦର୍ଶନ କରି ଭାରତର ବିଜୟକୁ ବିଳମ୍ବିତ କରିଥିଲେ। ନବମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୯୧ ରନ ସଂଗ୍ରହ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ସେହିପରି ଅନ୍ତିମ ତଥା ଦଶମ ଉଇକେଟରେ ଟେଷ୍ଟ ପଦାର୍ପଣ କରିଥିବା ମୁଥୁସାମି ଓ ରାବାଡ଼ା ୩୦ ରନ ସଂଗ୍ରହ କରିଥିଲେ ମଧ୍ୟ ପରାଜୟକୁ ଅଧିକ ସମୟ ଏଡ଼ାଇ ପାରି ନ ଥିଲେ। ପିଟ୍ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ମୁଥୁସାମି ୪୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପାଇଁ ସାମି ସର୍ବାଧିକ ୫, ଜାଡେଜା ୪ ଓ ଅଶ୍ୱିନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ରୋହିତଙ୍କ ବୃହତ୍ ଶତକ ସହିତ ଓପନର ମୟଙ୍କ ଅଗ୍ରୱାଲଙ୍କ ୨୧୫ ରନର ଦ୍ୱିଶତକୀୟ ପାଳି ଓ ଅଶ୍ୱିନଙ୍କ ୭ ଉଇକେଟ ସଫଳତା ମୁଖ୍ୟ ଘଟଣା ଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ–** ୧୩୬ ଓଭରରେ ୫୦୨/୭ରେ ଇନିଂସ ଘୋଷଣା।
**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ–** ୧୩୧.୨ ଓଭରରେ ୪୩୧ ଅଲଆଉଟ୍।
**ଭାରତ ଦ୍ୱିତୀୟ ଇନିଂସ–** ୬୭ ଓଭରରେ ୩୨୩/୪ ଇନିଂସ ଘୋଷଣା
**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ–** ୬୩.୫ ଓଭରରେ ୧୯୧ରେ ଅଲଆଉଟ୍ (ପିଟ୍- ୫୬, ମୁଥୁସାମି- ୪୯, ମାରାକ୍ରାମ- ୩୯, ସାମି- ୫/୩୫, ଜାଡେଜା- ୪/୮୭, ଅଶ୍ୱିନ- ୧/ ୪୪)।

## ୧୮ ବର୍ଷ ପରେ ଇଥିଓପିଆକୁ ସ୍ୱର୍ଣ୍ଣ



ଲେଲିସା ଡେସିସା

ଦୋହା,୬।୧୦(ଏଏଫ୍‌ପି)

ଏଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଆଥଲେଟିକ ବିଶ୍ୱ ଚାମ୍ପିୟନଶିପରେ ଇଥିଓପିଆର ଲେଲିସା ଡେସିସା ପୁରୁଷ ମାରାଥନ ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାସହିତ ଦୀର୍ଘ ୧୮ ବର୍ଷ ପରେ ଏହି ମେଗା ଇଭେଣ୍ଟରେ ଇଥିଓପିଆର କୌଣସି ଧାବକ ମାରାଥନରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ୨୦୦୧ରେ ଶେଷଥର ପାଇଁ ଇଥିଓପିଆ

IAAF World Athletics Championships
DOHA 2019

ଧାବକ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ୨୯ ବର୍ଷୀୟ ଡେସିସା ୨ ଘଣ୍ଟା ୧୦ ମି. ୪୦ ସେକେଣ୍ଡ ସମୟ ନେଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ଇଥିଓପିଆର ଅନ୍ୟତମ ଧାବକ ମୋସିନେଟ ଜେରେମିୟୁ (୨ ଘଣ୍ଟା ୧୦ ମିନିଟ୍ ୪୪ ସେକେଣ୍ଡ) ଓ କେନିଆର ଆମୋସ କିପ୍‌ରୁଟୋ (୨ ଘଣ୍ଟା ୧୦ ମିନିଟ ଓ ୫୧ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

**ଭାରତ ପଦକ ଶୂନ୍ୟ**

ଏହି ପୁରୁଷ ମାରାଥନ ରେସ୍‌ରେ ଭାରତର ଗୋପି ଥୋନାକାଲ ୨୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ୩୧ ବର୍ଷୀୟ ଗୋପି ୨ ଘଣ୍ଟା ୧୫ ମିନିଟ ୫୭ ସେକେଣ୍ଡ ସମୟ ନେଇଥିଲେ। ଏସିଆନ ଚାମ୍ପିୟନ ଗୋପୀଙ୍କ ବିଦାୟ ପରେ ଏହି ବିଶ୍ୱ ଚାମ୍ପିୟନଶିପରେ ଭାରତର ଅଭିଯାନ ଶେଷ ହୋଇଛି। ବିନା ପଦକରେ ଭାରତୀୟ ଖେଳାଳିମାନେ ଘରକୁ ଫେରିଛନ୍ତି। ଭାରତୀୟ ଖେଳାଳିମାନେ ୩ଟି ଇଭେଣ୍ଟ ମିକ୍ସଡ ୪ ଗୁଣା ୪୦୦ମି. ରିଲେ, ପୁରୁଷ ୩୦୦୦ମି ଷ୍ଟିପଲଚେଜ୍ ଓ ମହିଳା ଜାଭେଲିନ ଥ୍ରୋରେ ଫାଇନାଲକୁ ଉଠିଥିଲେ ମଧ୍ୟ ପଦକ ହାସଲ କରିପାରି ନ ଥିଲେ। ଉଲ୍ଲେଖଥାଉ କି, ୨୦୦୩ରେ ଅଞ୍ଜୁ ବବି ଜର୍ଜ ବିଶ୍ୱ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ମେଗା ଇଭେଣ୍ଟରେ ଭାରତ ପାଇଁ ଏକମାତ୍ର ପଦକ ସାବ୍ୟସ୍ତ ହୋଇଛି।

### ବିଶ୍ୱ ଚାମ୍ପିୟନଶିପ୍‌ରୁ ସରିତାଙ୍କ ବିଦାୟ

ଉଲାନ-ଉଡେ (ରୁଷିଆ),୬।୧୦(ପି.ଟି.)

ପୂର୍ବତନ ଚାମ୍ପିୟନ ଏଲ. ସରିତା ଦେବୀ (୬୦ କେଜି) ଚଳିତ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରୁ ବିଦାୟ ନେଇଛନ୍ତି। ସେ ୨ୟ ରାଉଣ୍ଡରେ ରୁଷିଆର ନାଟାଲିଆ ଶାଦରିନାଙ୍କଠାରୁ ହାରିଛନ୍ତି। ୪ର୍ଥ ସିଡ୍ ଭାରତୀୟ ବକ୍ସରଙ୍କୁ ପ୍ରଥମ ରାଉଣ୍ଡରେ ବାଇ ମିଳିଥିଲା। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ୦-୫ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ସେହିଭଳି ନନ୍ଦିନୀ (୮୧ କେଜି) ମଧ୍ୟ ପରାଜୟର ସମ୍ମୁଖୀନ ହୋଇଛନ୍ତି।

## ଓସାକାଙ୍କୁ ଚାଇନା ଓପନ ଟାଇଟଲ

ବେଜିଂ, ୬।୧୦(ଏଏଫ୍‌ପି)



ଟ୍ରଫି ସହ ନାଓମି ଓସାକା।

ବିଶ୍ୱର ନମ୍ବର ୱାନ ଆଶଲେ ବାର୍ଟିଙ୍କୁ ହରାଇ ନାଓମି ଓସାକା ଚାଇନା ଓପନ ଟେନିସ ଟାଇଟଲ ଜିତିଛନ୍ତି। ପ୍ରଥମ ସେଟ୍‌ରେ ପଛୁଆ ରହିଥିଲେ ହେଁ ସେ ସଙ୍ଗେ ସଙ୍ଗେ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବାର୍ଟିଙ୍କୁ ୩-୬, ୬-୩, ୬-୨ ସେଟ୍‌ରେ ହରାଇ ଓସାକା ଚାମ୍ପିୟନ ହୋଇଛନ୍ତି। ମ୍ୟାଚଟି ୧୧୦ ମିନିଟ ଧରି ଚାଲିଥିଲା। ୨୧ ବର୍ଷୀୟା ଓସାକା ସେମିଫାଇନାଲରେ ଗତବର୍ଷର ଚାମ୍ପିୟନ କାରୋଲିନ ଓଜ୍ନିଆକିଙ୍କୁ ହରାଇଥିଲେ। ଚଳିତ ବର୍ଷ ଓସାକାଙ୍କ ପାଇଁ ଏହା ଥିଲା ୩ୟ ଏବଂ ଓଭରଅଲ୍ କ୍ୟାରିୟରର ୫ମ ଟାଇଟଲ।

### ଜୋକୋଭିଚ୍ ଚାମ୍ପିୟନ

**ଟୋକିଓ, ୬।୧୦–** ନୋଭାକ ଜୋକୋଭିଚ୍ ପ୍ରଥମ ଥର ପାଇଁ ଜାପାନ ଓପନ ଟାଇଟଲ ଜିତିଛନ୍ତି। ଫାଇନାଲରେ ଜୋକୋଭିଚ୍ ୬-୩, ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଜନ ମିଲମ୍ୟାନଙ୍କୁ ହରାଇ ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ଜୋକୋଭିଚ୍ ଗୋଟିଏ ହେଲେ ସେଟ୍ ହାରି ନାହାନ୍ତି। ଏହା କ୍ୟାରିୟରର ୭୬ତମ ଟାଇଟଲ।

## ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ

ଭୁବନେଶ୍ୱର, ୬।୧୦(କ୍ରୀଡ଼ା ପ୍ରତିନିଧି)


ଉଦ୍‌ଘାଟନୀ ଅବସରରେ ଶପଥ ଗ୍ରହଣ।

ଆସୋସିଏସନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରବିବାର ଉଦ୍‌ଘାଟିତ ହୋଇଛି। ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଏଠାରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ (ମହିଳା), ବେସ୍ (ମହିଳା), ଫୁଟବଲ (ମହିଳା), ଟେବୁଲ ଟେନିସ( ମହିଳା ଓ ପୁରୁଷ), ଭଲିବଲ(ମହିଳା), ସଫ୍‌ଟେନିସ(ମହିଳା ଓ ପୁରୁଷ), ଟଗ୍ ଅଫ୍ ୱାର( ମହିଳା ଓ ପୁରୁଷ) ଇଭେଣ୍ଟ ଅନୁଷ୍ଠିତ ହେବ। ୧୧୫ ବିଶ୍ୱବିଦ୍ୟାଳୟରୁ ୩୫୦୦ ଦଳର ୪୦୦୦ ପ୍ରତିଯୋଗୀ ଏହି ୭ ଇଭେଣ୍ଟରେ ଭାଗ ନେଇଛନ୍ତି। ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ହୃଷୀକେଶ ମହାନ୍ତି, ସସ୍ମିତା ସାମନ୍ତ, ଜୟନାରାୟଣ ମହାନ୍ତି, ଅର୍ଜ୍ଜିଆନ ବୃତୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ବାସ୍କେଟବଲରେ କିଟ୍ ବିଶ୍ୱବିଦ୍ୟାଳୟ ୬୬-୧୬ରେ ଝାଡ଼ଖଣ୍ଡ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟକୁ, ଉତ୍କଳ ବିଶ୍ୱବିଦ୍ୟାଳୟ ୪୦-୩୦ରେ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟକୁ ଓ ଭିବିଏସ ପୂର୍ବାଞ୍ଚଳ ୨୨-୧୦ରେ ଗହିର ଗୁରୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ମହିଳା ଟେବୁଲ ଟେନିସରେ ଦୁର୍ଗାପୁର ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ କିଟ୍, ତ୍ରିପୁରାର ଆଇଏଫଏଆଇ ବିଶ୍ୱବିଦ୍ୟାଳୟକୁ ୟୁନିଭର୍ସିଟି ଅଫ୍ କୋଲକାତା, ସାୟନପୁର ବିଶ୍ୱବିଦ୍ୟାଳୟକୁ ଏଡ଼ମସ୍‌ଏସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଟିମ୍ ଭାଗଲପୁର, ଗୁରୁ ଘା ସିଦାସ ବିଶ୍ୱବିଦ୍ୟାଳୟକୁ ବୀର କନ୍ୱର ସିଂ ଏବଂ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଝେଷ୍ଟବେଙ୍ଗଲ ଷ୍ଟେଟ୍ ୟୁନିଭର୍ସିଟି ପରାସ୍ତ କରିଛି। ମହିଳା ଫୁଟବଲରେ ଗହିର ଗୁରୁ ବିଶ୍ୱବିଦ୍ୟାଳୟକୁ କିଟ୍ ୧୨-୦, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟକୁ ଭିବିଏସ ପୂର୍ବାଞ୍ଚଳ ୬-୦, ବିବିଏମ କୋୟଲାଞ୍ଚଳକୁ ମିଜୋରାମ ୨-୦, ୟୁନିଭର୍ସିଟି ଅଫ୍ କୋଲକାତାକୁ ଏମିଟି କାଶୀ ବିଦ୍ୟାପୀଠ ୫-୦ ଏବଂ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟକୁ ବିଲ୍ଲୁଗଡ଼ ୪-୧ରେ ହରାଇ ଦେଇଛି। ସଫ୍ ଟେନିସର ମହିଳା ବିଭାଗରେ ଏମିଟି ପଟ୍ଟନାଏକ ଏବଂ ପଞ୍ଜାବ ୟୁନିଭର୍ସିଟି ଓ ପୁରୁଷରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛି। ପୁରୁଷ ଟେବୁଲ ଟେନିସରେ ରେଭେନ୍‌ସା, ମିଜୋରାମ, କଲ୍ୟାଣୀ, ବିହାରସ୍ଥିତ ବିଏନ୍ ମଣ୍ଡଳ, ଉତ୍କଳ, ଏଲ.ଏନ. ମିଥିଳା ଏବଂ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛି। ସେହିପରି ପୁରୁଷ ଭଲିବଲରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ, କଲାଶୀ ଏବଂ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛି।

## ବାଳିକା ଦଳ ଚାମ୍ପିୟନ, ବାଳକ ରନର୍ସଅପ୍



ଟ୍ରଫି ଓ ପଦକ ସହ ଅତିଥିଙ୍କ ଗହଣରେ ଓଡ଼ିଶା ବାଳିକା ଓ ବାଳକ ଦଳ।

**ଜାତୀୟ ସବ୍‌ଜୁନିୟର ଖୋଖୋ**

- ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ
- ଅନନ୍ୟା ପ୍ରଧାନ ଶ୍ରେଷ୍ଠ ଖେଳାଳି

ଭୁବନେଶ୍ୱର, ୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଝାଡ଼ଖଣ୍ଡର ରାଞ୍ଚୀଠାରେ ୩୦ତମ ଜାତୀୟ ସବ୍‌ଜୁନିୟର ଖୋଖୋ (ବାଳିକା ଓ ବାଳକ) ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ପ୍ରଥମଥର ପାଇଁ ଓଡ଼ିଶା ବାଳିକା ଦଳ ଚାମ୍ପିୟନ ହୋଇଥିବା ବେଳେ ବାଳକ ଦଳ ରନର୍ସଅପ୍ ହୋଇଛି। ଫାଇନାଲରେ ଓଡ଼ିଶା ବାଳିକା ଦଳ ୧୫-୦୭ ପଏଣ୍ଟ ଓ ୨ ଇନିଂସରେ ମହାରାଷ୍ଟ୍ରକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ବାଳକ ଦଳ ୯-୧୫ ପଏଣ୍ଟରେ ମହାରାଷ୍ଟ୍ରଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛି। ବାଳିକା ଦଳର ଶିବାନୀ ଗମାଙ୍ଗୋ ୨ ମିନିଟ୍ ୩୦ ସେକେଣ୍ଡ ରନିଂ ଓ ୧ ପଏଣ୍ଟ, ଅର୍ଚ୍ଚନା ମାଝି– ୧ ମିନିଟ୍ ୨୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ, ମୋନିକା ନାୟକ – ୩ ପଏଣ୍ଟ, ଅନନ୍ୟା ପ୍ରଧାନ ୨ ପଏଣ୍ଟ ଓ ୩ ମିନିଟ୍ ରନିଂ, ଶୁଭଶ୍ରୀ ସିଂ – ୧ ମିନିଟ୍ ୩୦ ସେକେଣ୍ଡ ରନିଂ, ୨ ପଏଣ୍ଟ, ଇୟସ୍ମିତା ଡାଲେ ୧ ମିନିଟ୍ ୧୦ ସେକେଣ୍ଡ ରନିଂ କରି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଛନ୍ତି। ଅନନ୍ୟା ପ୍ରଧାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ବାଳକ ଦଳର ପପୁ ମାରାଣ୍ଡି ୧ ମିନିଟ୍ ୩୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ, ବିଶାଳ ଓରାମ ୧ ମିନିଟ୍ ୫୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ, ସନ୍ତୋଷ ଗୁରୁ ୨ ପଏଣ୍ଟ ସହ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଛନ୍ତି।


### ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପରେ ଓଡ଼ିଶା ବାଳକ ଦଳ ଅପରାଜେୟ

ଭୁବନେଶ୍ୱର,୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

କେରଳର ଆଲୁଭାଠାରେ ଚାଲିଥିବା ୩୦ତମ ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପରେ ଓଡ଼ିଶା ବାଳକ ଦଳ ତା'ର ଅପରାଜେୟ ଧାରା ଜାରି ରଖିଛି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଭାରତକୁ ୨-୦ ବ୍ୟବଧାନରେ ହରାଇବା ପରେ ଓଡ଼ିଶା ଦଳ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ସମାନ ବ୍ୟବଧାନରେ ହରାଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ୨-୦ ସେଟ୍‌ରେ ପଞ୍ଜାବକୁ ପରାସ୍ତ କରି ଅପରାଜେୟ ଧାରା ଜାରି ରଖିଛି। ବାଳିକା ବିଭାଗରେ ଓଡ଼ିଶା ପ୍ରଥମେ ପଞ୍ଜାବକୁ ୨-୦ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଲାକ୍ଷାଦ୍ୱୀପକୁ ମଧ୍ୟ ୨-୦ ସେଟ୍‌ରେ ହରାଇ ଦେଇଥିଲେ। କିନ୍ତୁ ୩ୟ ମ୍ୟାଚ୍‌ରେ ଓଡ଼ିଶାକୁ ୨-୧ ସେଟ୍‌ରେ ତାମିଲନାଡୁଠାରୁ ପରାସ୍ତ ହେବାକୁ ପଡ଼ିଛି। ବାଳିକା ଦଳ ତା'ର ଶେଷ ଗ୍ରୁପ ମ୍ୟାଚ୍‌ରେ ବିହାରକୁ ଭେଟିବ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**




ସ୍ୱର୍ଗତ ମନ ମୋହନ ଦାଶ
ମାର୍ଥାପୁର, ଗୋବିନ୍ଦପୁର, ଢେଙ୍କାନାଳ
ଆବିର୍ଭାବ: ୦୫।୧୦।୧୯୨୪
ତିରୋଧାନ: ୨୮।୦୯।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବଳରାମ ମହାପାତ୍ର
ଆବିର୍ଭାବ: ୩୧।୧୨।୧୯୩୮
ତିରୋଧାନ: ୦୫।୧୦।୨୦୦୩(ଦଶହରା)
ଆଜିର ଏହି ଦିନରେ ଆପଣଙ୍କୁ କୋଟି ପ୍ରଣାମ।
ଶୋକସନ୍ତପ୍ତ:
ଭାଇ- ଡାକ୍ତର ଜଗନ୍ନାଥ ମହାପାତ୍ର ବନ୍ଧୁ ଓ ପରିବାର ବର୍ଗ।

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବୈକୁଣ୍ଠନାଥ ତ୍ରିପାଠୀ
PWD lane, Nayagarh
ଅବସରପ୍ରାପ୍ତ OAS
ଆବିର୍ଭାବ: ୦୧।୦୪।୧୯୪୯
ତିରୋଧାନ: ୧୯।୧୦।୨୦୧୮
(ବିଜୟା ଦଶମୀ)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ସହିଷ୍ଣୁତା, ଚିରସ୍ମରଣୀୟ। କେତେ ବଡ଼ ବୋଝ ମୋ ଉପରେ ଲଦିଦେଇ ଚାଲିଗଲ।
ତୁମର ହତଭାଗିନୀ ସବିତା।

# ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ



ଡାବୁଗାଁରେ ପୂଜା ପାଉଥିବା ମା' ଦୁର୍ଗା



ପାପଡାହାଣ୍ଡି ବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗା।



ନବରଙ୍ଗପୁର ସହରରେ ଘରୋଇ ବସଷ୍ଟାଣ୍ଡ ପୂଜା ମଣ୍ଡପ ।



ନବରଙ୍ଗପୁର ସହରରେ ପୋଲିସ ବିଭାଗର ପୂଜା ମଣ୍ଡପ ।



ପାପଡାହାଣ୍ଡି ସ୍ଥିତ ଶ୍ରୀ ଶ୍ରୀ ଦୁର୍ଗା ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗା।



ରାଇଘରଠାରେ ପୂଜା ପାଉଥିବା ମା' ଦୁର୍ଗା।



ରାଇଘରଠାରେ ନିର୍ମିତ ହୋଇଥିବା ଆକର୍ଷଣୀୟ ତୋରଣ।

## ପାର୍ବଣରେ ପଲ୍ଲୀରୁ ସହର ଉତ୍ସବମୁଖର

ଡାବୁଗାଁ,୬।୧୦(ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ରବିବାର ମା' ଦୁର୍ଗାଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି । ଆକର୍ଷଣୀୟ ମୂର୍ତ୍ତି ଓ ତୋରଣ ଏବଂ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସି ଉଠୁଛି ଡାବୁଗାଁ ସହର। ମା'ଙ୍କ ପୂଜା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହେଉଛି । ଏହି ପୂଜାରେ କର୍ତ୍ତାଭାବେ ବଲ୍ଲଭ ଟି. ଜୁଗୁନୁ, ଟୁଟୁ ଜେନା, କୁନୁ ପାତ୍ର, ବବଲୁ ତ୍ରିପାଠୀ ଓ ଜେ. ମୁରଲୀ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ଏଥିରେ ମୁଖ୍ୟ ପୂଜକ ଚୈତନ୍ୟ ଦାଶଙ୍କ ପୂଜା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ମହେଶ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, କୁନା ମିଶ୍ର ପ୍ରମୁଖ ପୂଜାରେ ସହାୟତା କରୁଛନ୍ତି । ସନ୍ଧ୍ୟାରେ ମା'ଙ୍କ ନବମୀ ପୂଜା ଅନୁଷ୍ଠିତ ହେବ । ସେହିପରି ରାଇଘରରେ ବହୁ ଆଡମ୍ବରରେ ପାଳନ ହୋଇଯାଇଅଛି ଅଷ୍ଟମୀ ପୂଜା। ରାଇଘରର ପଲ୍ଲି ସଂସଦ ଯୁବକ ସଂଘ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗୋଟିଏ ମେଢ ହୋଇଥାଏ। ମା' ଦୁର୍ଗାଙ୍କ ପୂଜା ଷଷ୍ଠୀ ଦିନରୁ ଆରମ୍ଭ ହୋଇ ବିଜୟା ଦଶମୀ ଯାଏ ହୋଇଥାଏ। ସେହିପରି କୋଷାଗୁମୁଡା ବ୍ଲକର ଚୁରୁଚୁଣ୍ଡା, କୋଷାଗୁମୁଡା, କୋଡିଙ୍ଗା, ବଡଆମ୍ବଡା, ବିଞ୍ଜଲୀ, ରାଜୋଡା, ଚିର୍ମା, ଦୁରାଗାଁ ଗ୍ରାମରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଛି। ସୁସଜ୍ଜିତ ଆଲୋକ ତୋରଣରେ ଗାଁ ସବୁ ଝଲସି ଉଠୁଛି। ଆକର୍ଷଣୀୟ ମୂର୍ତ୍ତି ଭକ୍ତମାନଙ୍କୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ପ୍ରଥମ କରି ରାବଣ ପୋଡି ବ୍ୟବସ୍ଥା କରାଯାଇଛି।



କୋଷାଗୁମୁଡା ବ୍ଲକରେ ଆକର୍ଷଣୀୟ ତୋରଣ

## ଯୁବକଙ୍କୁ ଛୁରି ଭୁସି ହତ୍ୟା ଘଟଣା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୬।୧୦(ଡି.ଏନ.ଏ.)

ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା ଅଭିଯୋଗରେ ଦିଗପହଣ୍ଡି ପୋଲିସ ଗୋକର୍ଣ୍ଣପୁର ଗ୍ରାମର ଚିନାରି.ସନ୍ତୋଷ ପାତ୍ରଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କ ଘରୁ ଛୁରି, ଘଟଣାସ୍ଥଳରୁ ରକ୍ତଭିଜା ମାଟି ଓ ଲୁଗା ଜବତ କରିଛି। ଶୁକ୍ରବାର ଅପରାହ୍ଣରେ ଗ୍ରାମର ରବି ଓରଫ ରବୀନ୍ଦ୍ର ବାଡତ୍ୟା ଏକ ପନିକି ଧରି ଆକ୍ରମଣ କରିବାରୁ ସନ୍ତୋଷ ତାଙ୍କ ଘରୁ ଛୁରି ଆଣି ପ୍ରତିଆକ୍ରମଣ କରିଥିଲେ। ଛୁରା ମାଡ଼ରେ ଆହାତ ରବିଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରାତି ୯ଟା ୨୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଏ ନେଇ ରବିଙ୍କ ବାପା ଭୂବନି ଥାନାରେ ଏତଲା ଦେଇଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରୁ ପୋଲିସ ରବିଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଶୁକ୍ରବାର ଗାଁ ଦେଶୀମଦ ଭାଟିରେ ରବି ନିଶାସକ୍ତ ହୋଇ ଆଦିକନ୍ଦପୁର ଗ୍ରାମର ରାଜମିସ୍ତ୍ରୀ ଦୁର୍ଯ୍ୟୋଧନ ଗୌଡଙ୍କୁ ମାଡ଼ ମାରିବା ସହ ତାଙ୍କ ସାଇକେଲକୁ ଛଡ଼ାଇ ନେଇଥିଲେ। ଦୁର୍ଯ୍ୟୋଧନ ଓ ସନ୍ତୋଷ ରବିଙ୍କ ଘରକୁ ଯାଇ ସାଇକେଲ ମାଗିବାରୁ ଗଣ୍ଡଗୋଳ ଘଟିଥିଲା।

## ଦିବ୍ୟାଙ୍ଗ ଛାତ୍ରଙ୍କ ଘରେ ସ୍କୁଲର ଶୈକ୍ଷିକ ବାତାବରଣ

ନବରଙ୍ଗପୁର,୬।୧୦(ବି.ପ୍ର)

ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଅନ୍ତର୍ନିବେଶୀ ଶିକ୍ଷା ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ସମୀପ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପକନାଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମ ଶ୍ରେଣୀର ଦିବ୍ୟାଙ୍ଗ ଛାତ୍ର ତୋଫାନ ମୂର୍ତ୍ତୀଙ୍କ ଘରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଇଛି। ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଏମ.କେ.ବିଡିକା ପକାନାଗୁଡା ଗ୍ରାମରେ ପହଞ୍ଚି ସମୀପ ପଞ୍ଜୀକରଣ ଫର୍ମରେ ତୁଫାନଙ୍କ ନାମ ସୁନିଶ୍ଚିତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ, ବିଦ୍ୟାଳୟର ଶିକ୍ଷକ ଓ ପରିବାର ବର୍ଗଙ୍କ ସହଭାଗୀତାରେ ବିଭିନ୍ନ ସୃଜନାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତୁଫାନ ସର୍ବଦା ନିଜ ଦୁନିଆରେ ହଜି ରହୁଥିବା ସହ ଅନ୍ୟମାନଙ୍କୁ ଗ୍ରହଣ କରୁ ନ ଥିଲେ। ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା ଦିଗରେ ସାମର୍ଥ୍ୟ ଆଧାରିତ ପାଠ୍ୟକ୍ରମକୁ ସ୍ୱତନ୍ତ୍ର ଶିକ୍ଷକ ଲଳିତ କୁମାର ଦାସ ବିଦ୍ୟାଳୟ ଶିକ୍ଷକଙ୍କ ସହାୟତାରେ ବିଭିନ୍ନ କୌଶଳର ବିକାଶ ନେଇ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିଲେ।



ଦିବ୍ୟାଙ୍ଗ ଛାତ୍ରଙ୍କ ପାଇଁ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଛି।

### ସମୀପ ପାଠ୍ୟଖସଡା

ପିଲାଟିର ପସନ୍ଦକୁ ଆଧାର କରି ସେ ଭଲ ପାଉଥିବା ବସ୍ତୁ, ଖାଦ୍ୟ, ବ୍ୟକ୍ତି ଓ ବ୍ୟବହାରକୁ ପାଥେୟ କରି କିପରି ସେ ନିର୍ଦ୍ଦେଶକୁ ସହଜରେ ଗ୍ରହଣ କରି କାର୍ଯ୍ୟକୁ ଠିକ ଭାବେ କରିବ ଏବଂ ତାକୁ ଖାପ ଖୁଆଇଲା ଭଳି ଅନ୍ତର୍ନିବେଶୀ ପରିବେଶ ସୃଷ୍ଟି କରାଯାଇଥିଲା। ନବରଙ୍ଗପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପୁଷ୍ପା ମହାନ୍ତି ଓ ଅନ୍ୟ ସମସ୍ତେ ତୁଫାନଙ୍କ ହାତ ଧରି ଗୋଲ ହୋଇ ଚକା ଚକା ଭଉଁରୀ ଗୀତରେ ଘୁରିଥିଲେ। ମୋବାଇଲ ଫୋନ ପ୍ରତି ଅଧିକ ରୁଚି ରଖୁଥିବା ତୁଫାନଙ୍କ ଧ୍ୟାନ ଆକର୍ଷଣ କରି ତାଙ୍କ ବାଣୀର କ୍ଷିପ୍ରତା ଓ ଉଚ୍ଚାରଣରେ ସୁଧତା ଆଣିବା ପାଇଁ ଲଳିତ ଦାସ ମୋବାଇଲ ଫୋନର ଏକ ଡେମୋ କରିଥିଲେ। ୩ଟି କାହାଳି ଅନ୍ୟମାନଙ୍କ କାନରେ ଲଗାଇ ' ମୁଁ କହେ ଠିକ୍ ଠିକ'ର ଏକ ଚାର୍ଟକୁ ଦେଖାଇ କେତୋଟି ଶବ୍ଦରେ ସୀମିତ ଥିବା ତୁଫାନଙ୍କୁ କହିବା ପାଇଁ କୌତୁହଳପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ସମୀପ ପାଠ୍ୟକ୍ରମ ସମ୍ଭବ ହୋଇଛି। ତୁଫାନଙ୍କ ମନୋନିବେଶ ନିଶ୍ଚିତ ଭାବେ ତାଙ୍କ ସମସ୍ୟାଗତ ବ୍ୟବହାରକୁ ସୁଧାର ଆଣିବାର ଏକ ବଡ ପ୍ରୟାସ ବୋଲି ତାଙ୍କ ପିତା-ମାତା ଅନୁଭବ କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ମୁହଁରେ ହସ ଫୁଟାଇବାରେ ସମୀପ ପାଠ୍ୟକ୍ରମ ସହାୟକ ହୋଇଛି ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୋଭାଗିନୀ ନାୟକ, ନିରଞ୍ଜନ ବିଶୋଇ, ସିଆରସିସି, ଏବିଇଓପୁଷ୍ପାମହାନ୍ତିପ୍ରମୁଖଉପସ୍ଥିତଥିଲେ।

## ■ ଆମ୍ବୁଲାନ୍ସରୁ ତେଲ ସରିବା ଘଟଣା
## ସ୍ୱାସ୍ଥ୍ୟ ବିଭାଗକୁ ଭାଜପାର କଡ଼ା ସମାଲୋଚନା

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭାଗର ଖାମଖିଆଲି ନୀତି ଯୋଗୁ ରୋଗୀସେବା ଅନେକ ସ୍ଥାନରେ ବାଧାପ୍ରାପ୍ତ ହେଉଛି । ମେଡିକାଲରେ ଡାକ୍ତର ଅଭାବ, ଆବଶ୍ୟକ ଉପକରଣର ଅଭାବ, ଉନ୍ନତମାନର ଔଷଧର ଅଭାବ, ନିମ୍ନମାନର ଚିକିତ୍ସା ଏବଂ ଆମ୍ବୁଲାନ୍ସ ସେବାରେ ବିଭ୍ରାଟ ଯୋଗୁ ରାଜ୍ୟରେ ଅନେକ ରୋଗୀଙ୍କ ଜୀବନ ଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ନିକଟରେ ମୟୂରଭଞ୍ଜ ଜିଲା ବାଙ୍ଗିରୀପୋଷି ବ୍ଲକର ହାଣଦା ଗ୍ରାମର ଚିତ୍ତରଞ୍ଜନ ମୁଣ୍ଡାଙ୍କ ପତ୍ନୀ ତୁଳସୀ ମୁଣ୍ଡାଙ୍କ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା। ସେହିଦିନ ତୁଳସୀଙ୍କୁ ନେଉଥିବା ଆମ୍ବୁଲାନ୍ସରୁ ବାଟରେ ତେଲ ସରିବା କାରଣରୁ ଏପରି ହୋଇଥିବା ଜଣାପଡ଼ିଥିଲା।

### ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

ରବିବାର ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୃତକ ତୁଳସୀ ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହା ପରେ ଏମ୍‌ପି ଟୁଡୁ ବାଙ୍ଗିରୀପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଡାକ୍ତରଙ୍କ ସହ ଘଟଣା ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଟୁଡୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ 'ମୋ ସରକାର' କାର୍ଯ୍ୟକ୍ରମରେ ଲୋକ ହିଁ ପ୍ରକୃତ ମାଲିକ ବୋଲି କହୁଛନ୍ତି। ମାତ୍ର ବାଙ୍ଗିରୀପୋଷି ଡାକ୍ତରଖାନାରେ ପ୍ରସବ କରାଇବା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନାହାନ୍ତି। ୬ ଡାକ୍ତର ପଦବୀରୁ ୨ ଜଣ କାର୍ଯ୍ୟ କରୁଛନ୍ତି। ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ସ୍ଥିତି ଦେଖାଦେବା ନିନ୍ଦନୀୟ ଘଟଣା। ତେଣୁ ସରକାର ତୁରନ୍ତ ମୃତକ ତୁଳସୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଟୁଡୁ ଦାବି କରିଛନ୍ତି। ଏମ୍‌ପିଙ୍କ ସମେତ ସେହି ପ୍ରତିନିଧି ଦଳରେ ସ୍ଥାନୀୟ ନେତା ସୁକୁଡା ମୁର୍ମୁ, ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଦୋଳ ଗୋବିନ୍ଦ ବେହେରା ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଅକ୍ଟୋବର ୭/୨୦୧୯ Rayagada, Monday, October 7 / 2019


ମାଲକାନଗିରି ଦୁର୍ଗାଗୁଡି ସାହିର ଶକ୍ତିପୀଠ।


ଗଣ୍ଡିଆଗୁଡା ପୂଜାମଣ୍ଡପ।


ଚିତ୍ରକୋଣ୍ଡା ଟେମ୍ପୋରାରୀ କଲୋନୀ ପୂଜାମଣ୍ଡପ।


ଚିତ୍ରକୋଣ୍ଡା ଦୈନିକ ବଜାର ପୂଜା ମଣ୍ଡପ।

## ସଂକ୍ଷେପରେ

### ବଜ୍ରପାତରେ ୧୦ ଗୋରୁ, ୩ ଛେଳି ସହ ୨ ମେଣ୍ଢା ମୃତ

**ଚିତ୍ରକୋଣ୍ଡା,୬।୧୦(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ ଟଣ୍ଡାଗୁଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସବୁଦିନ ପରି ଶନିବାର ଟଣ୍ଡାଗୁଡା ଗ୍ରାମର ପୂର୍ଣ୍ଣ ପାଙ୍ଗି ଏବଂ ପ୍ରହ୍ଲାଦ ହନ୍ତାଳ ଗାଈ, ବଳଦ, ଛେଳି ଓ ମେଣ୍ଢା ନେଇ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ଗୋରୁଙ୍କୁ ଚରିବାକୁ ଛାଡିଦେଇ ଉଭୟେ ନିକଟସ୍ଥ ଏକ ସ୍ଥାନରେ ବସିଥିଲେ। ଅପରାହ୍ନ ୩ଟାରେ ବର୍ଷାପବନ ମାଡି ଆସି ହଠାତ ବଜ୍ରପାତ ହୋଇଥିଲା। ଫଳରେ ପୂର୍ଣ୍ଣଙ୍କ ୭ଟି ବଳଦ, ୩ଟି ଗାଈ ଓ ୨ଟି ମେଣ୍ଢାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ପ୍ରହ୍ଲାଦଙ୍କ ମଧ ୩ଟି ଛେଳିର ମୃତ୍ୟୁ ହୋଇଥିଲା। ଜିଲା ତଥା ବ୍ଲକ ପ୍ରଶାସନ ଘଟଣା ଅନୁଧାନ କରି ଉଭୟଙ୍କୁ ସହାୟତା ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ବନ୍ଦ ହେଲା ବଳିପ୍ରଥା

**ଅଷ୍ଟମୀ ପୂଜା ପାଇଁ ଦେବୀ ପୀଠରେ ଭିଡ଼**

**ମାଲକାନଗିରି, ୬।୧୦ (ଡି.ଏନ.ଏ.)**

ମାଲକାନଗିରି ସଦର ମହକୁମାରେ ଥିବା ବିଭିନ୍ନ ଦେବୀପୀଠ ଏବଂ ପୂଜା ମଣ୍ଡପଗୁଡିକରେ ପୂର୍ବରୁ ଥିବା ବଳିପ୍ରଥା ବନ୍ଦ ହୋଇଛି। ପୂର୍ବରୁ ଅଷ୍ଟମୀ ଦିନ ମା' ଭୈରବୀଙ୍କ ପୀଠରେ ଛେଳି, ମେଣ୍ଢା, କୁକୁଡା ବଳି ପଡୁଥିଲା। ଚଳିତବର୍ଷ ଏହା ବନ୍ଦ ହୋଇଛି। ଭୈରବୀ ମନ୍ଦିର, ଦୁର୍ଗାଗୁଡି ସାହି, ଦୁର୍ଗା ଶକ୍ତି ପୀଠ, ମା' ମାଉଳିଙ୍କ ପୀଠରେ ଏବଂ ସହରର ବିଭିନ୍ନ ପୂଜା ମଣ୍ଡପରେ କୌଣସି ପଶୁପକ୍ଷୀ ବଳି ପଡିନାହିଁ। କେବଳ ଖଜା, ମିଠା, କଦଳୀ, ନଡିଆ, ଲଡୁ ଦେବୀଙ୍କୁ ଅର୍ପଣ କରାଯାଇଥିଲା। ମାଲକାନଗିରି ସହରର ଆଦିବାସୀପଡାର ଦୁର୍ଗାପୂଜା, ମାଲକାନଗିରି-କାଲିମେଳା ମୁଖ୍ୟ ରାସ୍ତା ଗଣ୍ଡିଆଗୁଡାରେ କୋୟା, ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଦୁର୍ଗାପୂଜା ଆଡମ୍ବର ସହକାରେ ପାଳନ ହେଉଛି। ପୂଜାମଣ୍ଡପ ସାଜସଜ୍ଜା, ଆଦିବାସୀ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସେହିପରି ସର୍ବ ପୁରାତନ ଦୁର୍ଗାଗୁଡିସାହି ଦୁର୍ଗା ମନ୍ଦିରରେ ପୂଜା ପାଉଥିବା ଦେବୀଙ୍କ ଷୋଡ଼ଶ ପୂଜା, ଜେଲ୍‌ସାହି ନାକ୍‌ଟିମାଙ୍କ ନବରାତ୍ରୀ ପୂଜା, ମାଉଳି ମା'ଙ୍କ ନବରାତ୍ରୀ ପୂଜା ବିଧି ଅନୁଯାୟୀ ହେଉଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଚିତ୍ରକୋଣ୍ଡାର ଦୁର୍ଗାପୂଜା

**ଚିତ୍ରକୋଣ୍ଡା,୬।୧୦(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା ଦୁର୍ଗା ମନ୍ଦିର ଶକ୍ତିପୀଠ, ଦୈନିକ ବଜାର ଓ ଟେମ୍ପରାରି କଲୋନୀ ପୂଜା ମଣ୍ଡପରେ ନୀତିନିୟମ ଅନୁସାରେ ଶାରଦୀୟ ଦୁର୍ଗାପୂଜା ପାଳିତ ହେଉଛି। ବିଧି ମୁତାବକ ରବିବାର ମା'ଙ୍କ ଅଷ୍ଟମୀ ପୂଜା ଶେଷ ହୋଇଛି। ସନ୍ଧି ପୂଜାଠାରୁ ହୋମଯଜ୍ଞ ଲାଗି ରହିଛି। ନବମୀ ଓ ଦଶମୀ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଆକର୍ଷଣୀୟ ତୋରଣ ଏବଂ ଆଲୋକସଜା ଶ୍ରଦ୍ଧାଳୁଙ୍କ ମନ ଜିଣୁଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଭିଡ ଲାଗିରହିଛି।

## ୧ ଲକ୍ଷ ୭୦ ହଜାର ହେକ୍ଟର ଜମିରେ ହୋଇଛି ଧାନ



**ମାଲକାନଗିରି, ୬।୧୦(ଡି.ଏନ.ଏ.)**

ଚଳିତ ବର୍ଷ ବିଳମ୍ବିତ ମୌସୁମୀ ବର୍ଷାକୁ ନେଇ ମାଲକାନଗିରି ଚାଷୀ ପ୍ରଥମେ ହତାଶ ହୋଇ ପଡିଥିଲେ। ଅନେକ ସ୍ଥାନରେ ଚାଷୀମାନେ ବର୍ଷା ପାଇଁ ନାମ ସଙ୍କୀର୍ତ୍ତନ କରିବା ଦେଖିବାକୁ ମିଳିଥିଲା। ବିଳମ୍ବରେ ହେଲେ ମଧ ମୌସୁମୀ ବର୍ଷା ମାଲକାନଗିରି ଜିଲା ପାଇଁ ଖୁସି ଆଣିଛି। ଜମିରେ ଧାନ ଫସଲ ଭଲ ହୋଇଛି। ୧ ଲକ୍ଷ ୭୦ ହଜାର ହେକ୍ଟର ଜମିରେ ଚଳିତ ବର୍ଷ ଧାନ ଫସଲ ହୋଇଛି। ବର୍ତ୍ତମାନ ଢିପ ଜମିଗୁଡିକରେ ଧାନ ପାଚି ଲହରି ଖେଳୁଛି। ଖାଲୁଆ ଜମିରେ ଧାନକେଣ୍ଡା ବାହାରିବା ଆରମ୍ଭ କରିଛି। ଫଳରେ ବିଳମ୍ବିତ ମୌସୁମୀ ଓ ୩ଥର ଜିଲାରେ ହୋଇଥିବା ବନ୍ୟାଜନିତ କ୍ଷତିକୁ ଚାଷୀ ଭୁଲିଯାଇଛି। ତେବେ ଆଗାମୀ ଦିନରେ ଧାନ କିପରି ସରକାରଙ୍କୁ ବିକ୍ରି କରିବେ ସେନେଇ ଚାଷୀ ଚିନ୍ତାରେ ରହିଛି। ସୂଚନାଯୋଗ୍ୟ ଯେ, ସରକାର ସବୁ କ୍ଷେତ୍ରରୁ ଦଲାଲ ଉଚ୍ଛେଦ ଜାରି ରଖିଛନ୍ତି। ମଣ୍ଡିରେ ଚାଷୀଙ୍କଠାରୁ ଦଲାଲ ଧାନ କିଣିଲେ ସେଥିପାଇଁ ଜିଲାପାଳ ଓ ଏସପି ଦାୟୀ ରହିବେ ବୋଲି ଘୋଷଣା କରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ସରକାରଙ୍କ ନିର୍ଦ୍ଦେଶ ଠିକ୍ ରୂପେ କାର୍ଯ୍ୟକାରୀ କରାଯାଏ, ତେବେ ଚାଷୀଙ୍କ ପାଇଁ କିଛି ସମସ୍ୟା ରହିବ ନାହିଁ ବୋଲି ମତ ପ୍ରକାଶ ପାଉଛି।

# ବିସର୍ଜନ ପାଇଁ ଲାଗିଲା କଟକଣା : ଡିଜେ, ଆତସବାଜି ନିଷେଧ

**ମାଲକାନଗିରି, ୬।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାରେ ବିଭିନ୍ନ ପୂଜାମଣ୍ଡପରେ ଚାଲିଥିବା ଦୁର୍ଗାପୂଜା ପରେ ପ୍ରତିମାଗୁଡିକୁ ବିସର୍ଜନ ସମୟରେ ଡିଜେ ଏବଂ ଆତସବାଜି ବ୍ୟବହାର ଉପରେ ପ୍ରଶାସନ କଟକଣା ଲଗାଇଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିସର୍ଜନ ସାରିବାକୁ ନିର୍ଦ୍ଦେଶ ଦେଇଛି। ଏନେଇ ଆଦର୍ଶ ଥାନା ଆଇଆଇସି ରାମପ୍ରସାଦ ନାଗ୍ ପ୍ରତ୍ୟେକ ପୂଜା କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷମାନଙ୍କୁ ଡାକି ଥାନା ପରିସରରେ ଏକ ବୈଠକ କରିଛନ୍ତି। ଆଲୋଚନା ଅନୁସାରେ ଆସନ୍ତା ୯ରେ ମାଲକାନଗିରି ବଜାର କମିଟି ଏବଂ ରିଜର୍ଭ ପୋଲିସ ମେଢଗୁଡିକ ସନ୍ଧ୍ୟା ୬ଟା ପୂର୍ବରୁ ସହରର କେତେକ ଅଞ୍ଚଳ ପରିକ୍ରମା କରି ବାଲିସାଗରରେ ବିସର୍ଜନ କରିବେ। ବିସର୍ଜନ ଶୋଭାଯାତ୍ରାରେ ଡି.ଜେ. ଆତସବାଜି ବ୍ୟବହାର କରାଯିବ ନାହିଁ। ଏହି ସମୟରେ ଯେପରି କୌଣସି ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ନ ଥିବେ। ସେହିପରି ୧୪ରେ ବସ୍‌ଷ୍ଟାଣ୍ଡ, ଡିଏନକେ ଛକ, ଡିଏନକେ ଖେଳ ପଡିଆ, ଗଣ୍ଡିଆଗୁଡାସ୍ଥିତ ପୂଜା କମିଟି ସେମାନଙ୍କ ପୂଜାମଣ୍ଡପର ଦୁର୍ଗାଙ୍କ ବିସର୍ଜନ ଉପରୋକ୍ତ ନିୟମ ଅନୁସାରେ ଶେଷ କରିବେ। ନିୟମ ଉଲ୍ଲଂଘନ କଲେ ପୂଜାକମିଟିଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାଗ କହିଛନ୍ତି।

## ୫ ଫୁଟିଆ ନାଗ ଉଦ୍ଧାର

**ବୁଗୁଡ଼ା,୬।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ କାଦପଡ଼ା ଗ୍ରାମର ବାବୁ ସେଠୀଙ୍କ ଘରୁ ରବିବାର ସନ୍ଧ୍ୟାରେ ଏକ ସାଢ଼େ ୫ ଫୁଟିଆ ନାଗ ସାପ ଉଦ୍ଧାର କରାଯାଇଛି। ନାଗସାପଟି ବାବୁଙ୍କ ଘର ଭାଡ଼ିରେ ଥିବା କାଠ ସନ୍ଧିରେ ଥିଲା। ବାବୁ ପାରା ଫରେଷ୍ଟ ଗାର୍ଡଙ୍କୁ ଖବର ଦେଇଥିଲେ।



World leading brands from the House of Hero
Splendor+ | Super Splendor | iSmart+ | Passion | Glamour | HF Deluxe | Maestro Edge | Pleasure | Destini 125 | XPulse 200 | Xtreme 200S | Duet
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. T&C: ***For Government Employees and their blood relatives only.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 8895667200. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 9437438068. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 9437174795. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 9437070065. ଦେବଗଡ଼ : ଜିନ୍ଦଲ ମୋଟର୍ସ - 8327793865. ଭଞ୍ଜନଗର: ରେବତି ମୋଟର୍ସ - 7737015509.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ବିଭିନ୍ନ ମଣ୍ଡପରେ ଝଲସୁଛନ୍ତି ମହାମାୟା


ରାୟଗଡ଼ାର ଇନ୍ଦିରା ନଗର।


ବ୍ରାହ୍ମଣସାହି


ସାଉଥ୍‌କୋ ଅଫିସ୍ ସିରିଗୁଡା।


ପୁରୁଣା ଥାନା ରାୟଗଡ଼ା।


ଷ୍ଟେଟ୍‌ବ୍ୟାଙ୍କ ଛକ ନଗରକମିଟି।


ଗୁଣପୁରସ୍ଥିତ ଡମ୍ବସରା


ଗୁଣପୁର


ବିଷମକଟକ


ମୁନିଗୁଡା


ଟିକିରି


ଗୁଣପୁର ସାଉଥ୍‌କୋଠାରେ ନିର୍ମିତ ତୋରଣ।


ବିଷମକଟକ


ମୁନିଗୁଡା


ଟିକିରି


ଟିକିରିସ୍ଥିତ ଦୋରାଗୁଡା

## ଫୁଲରେ ସଜେଇ ହେବ ମଝିଘରିଆଣୀ ମନ୍ଦିର

**ରାୟଗଡ଼ା ଅଫିସ, ୬।୧୦**

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିରରେ ପ୍ରତ୍ୟେକ ଦିନ ମା'ଙ୍କର ସ୍ୱତନ୍ତ୍ର ପୂଜା କରାଯାଉଛି। ଏଠାରେ ଅଷ୍ଟମୀର ସନ୍ଧ୍ୟା ଆଳତି ସବୁଠୁ ନିଆରା । ଏହାକୁ ଦେଖିବା ଲାଗି ଆନ୍ଧ୍ର ଏବଂ ଛତିଶଗଡ଼ରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ସେପଟେ ମା'ଙ୍କର ଦଶହରା ପୂଜା ପାଇଁ ମନ୍ଦିର ସଜବାଜ କରାଯାଉଛି । ମନ୍ଦିରକୁ ଫୁଲରେ ସଜାଯିବ । ଏଥିଲାଗି କଲିକତାରୁ କିଛି ବ୍ୟବସାୟୀ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ୧ ଲକ୍ଷ ଟଙ୍କାର ଫୁଲ ଏଠାରେ ଲଗାଯିବ ବୋଲି କହିଛନ୍ତି ।


ମନ୍ଦିରରେ ଫୁଲ ସଜା ଯାଉଛି।

ସେହିପରି ସହରର ପ୍ରତ୍ୟେକ ସ୍ଥାନରେ ଦୁର୍ଗା ପୂଜା ପାଳିତ ହୋଇଛି । ଷ୍ଟେଟ ବ୍ୟାଙ୍କ ଛକର ନଗର କମିଟି ରବିବାର ଅଷ୍ଟମୀ ପୂଜାରେ ମା'ଙ୍କୁ ପ୍ରଥମେ ପଞ୍ଚାମୃତରେ ମହାସ୍ନାନ କରାଯାଇ ଷୋଡ଼ଶ ପୂଜା କରାଯାଇଥିଲା । ପରେ ସନ୍ଧିପୂଜା ଏବଂ ବଳିଦାନ କରାଯାଇଥିଲା । ଏଥିସହ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି । ଜ୍ୟୋତି ମହଲ ଛକରେ ମାର୍କେଟ ଆସୋସିଏଶନ ଦ୍ୱାରା ହୋଇଥିବା ମା' ଦୁର୍ଗାଙ୍କ ନିକଟରେ ମଧ ବିଧିବଦ୍ଧ ଭାବେ ଅଷ୍ଟମୀ ପୂଜା ପାଳନ କରାଯାଇଛି । ହୋମ, ଯଜ୍ଞ କରି ମା'ଙ୍କୁ ପାଠ କରାଯାଇଛି । ଏଠାରେ କଖାରୁ ବଳିର ପ୍ରଥା ରହିଥିବା ଜଣାଯାଇଛି ।

## ଚିତ୍ରାଙ୍କନ ପ୍ରତିଯୋଗିତାରେ ଦେବକୀଙ୍କ କୃତିତ୍ୱ

**ଟିକିରି, ୬।୧୦ (ଡି.ଏନ୍.ଏ.)**



ରାୟଗଡ଼ା ଜିଲାସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଦେବକୀ ଖସଲା କୃତିତ୍ୱ ହାସଲ କରିଛନ୍ତି । ସେ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତାଙ୍କୁ ଟିକିରି ରେଞ୍ଜ ଅଫିସରେ ପୁରସ୍କୃତ କରାଯାଇଛି । ଟିକିରି ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପତିମାଝି ଦେବକୀଙ୍କୁ ଏକ ହଜାର ଟଙ୍କା, ମାନପତ୍ର ସହିତ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନପାଳ କାମେଶ୍ୱର ଆଚାରୀ, ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୋଗେଶ୍ୱର ତୁରୁକ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁଣପୁରର ବିକାଶ ନେଇ ଆଲୋଚନା

**ଗୁଣପୁର,୬।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଅଞ୍ଚଳର ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ପ୍ରସଙ୍ଗରେ ଏକ ପ୍ରତିନିଧି ଦଳ ଗୁଣପୁର ଉପଜିଲାପାଳଙ୍କୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି । ପାନୀୟ ଜଳ, ପରିମଳ, ବସଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ, ଖେଳ ପଡିଆର ଉନ୍ନତୀକରଣ, ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା, ବଂଶଧାରା ନଦୀ ଜଳର ବ୍ୟବହାର ସହ ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ,ଚାଷୀ ଏବଂ ଚାଷର ଉନ୍ନତି ଓ ରେଳର କିପରି ବିକାଶ ହେବ ସେନେଇ ଆଲୋଚନା ହୋଇଥିଲା । ଗୁଣପୁର ସରକାରୀ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ବୈଠକରେ ସଭାପତି ଡ.ସତ୍ୟ ନାରାୟଣ ରଥ ଅଧ୍ୟକ୍ଷତା କରିଥିଲେ । ଏଥିରେ କୃଷ୍ଣପ୍ରସାଦ ବେବର୍ତ୍ତା, ଉମାଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, କୈଳାସ ଦାସ, ଅକ୍ଷୟ ଦାସ, ଗଦାଧର ପଣ୍ଡା, ଶଶାଙ୍କ ଦାସ, ଅଶୋକ ରଥ, ରମେଶ ଲିମା ପ୍ରମୁଖଉପସ୍ଥିତ ଥିଲେ ।


ଗୁଣପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଆଲୋଚନା କରୁଛନ୍ତି।

## ମହାଆଡ଼ମ୍ବରରେ ମା' ଦୁର୍ଗାଙ୍କ ପୂଜା

**ବିଷମ କଟକ, ୬।୧୦**

ବିଷମକଟକ ବ୍ଲକ ସଦର ମହକୁମାରେ ମା' ଦୁର୍ଗା ଙ୍କ ପୂଜା ମହାଆଡମ୍ବରରେ ପାଳିତ କରାଯାଉଛି । ମା'ଙ୍କୁ ଦର୍ଶନ ସାଙ୍ଗକୁ ଆକର୍ଷଣୀୟ ତୋରଣ ଓ ରଙ୍ଗିନ ଆଲୋକ ସଜ୍ଜା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି । ବ୍ଲକର ଗୋଟିଏ ସ୍ଥାନରେ ମା' ପୂଜା ପାଉଥିବାରୁ ବିଷମକଟକ ବ୍ୟତୀତ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହେଉଛି । ଚତୁର୍ଥୀ ତିଥିରେ ଗଙ୍ଗା ଆବାହନ କରାଯାଇ ମା'ଙ୍କ ପୂଜାକାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ମା'ଙ୍କ ମୃଣ୍ମୟ ପ୍ରତିମାର ପ୍ରାଣ ପ୍ରତିଷ୍ଠା ସହ ହୋମ ଯଜ୍ଞାଦି କାର୍ଯ୍ୟ ସମାପନ ପୂର୍ବକ ଚଣ୍ଡିପାଠ କରାଯାଇଥିଲା । ପଞ୍ଚମୀଠାରୁ ପୂଜାସ୍ଥଳରେ ବ୍ରାହ୍ମଣମାନଙ୍କ ଦ୍ୱାରା ମା'ଙ୍କ ସମସ୍ତ ପୂଜା ପଦ୍ଧତି ସମାପନ କରାଯାଉଥିବା ସହ ପ୍ରତ୍ୟେକ ଦିନ ଚଣ୍ଡିପାଠ କରାଯାଇଥିଲା । ପୁରୋହିତ ରାମଚନ୍ଦ୍ର ରଥ, କେଶବ ରଥ, ସପନ କୁମାର ରଥ, ଦେବନାଥ ରଥ ଏବଂ ପ୍ରତାପ ତ୍ରିପାଠୀ ପରିଚାଳନା କରୁଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୂଜା କମିଟି ଏବଂ ବିଷମକଟକ ପୋଲିସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆସନ୍ତା ୯ ତାରିଖରେ ମା'ଙ୍କ ବିସର୍ଜନ କରାଯିବ। ପୂଜା କମିଟିର ଅନିଲ କୁମାର ଦାଶ, ଲିଙ୍ଗା, ଚନ୍ଦନ ସାହୁ, ଡି.ଅମର ପ୍ରସାଦ, ସୀତାରାମ ପାଣିଗ୍ରାହୀ,ଏମ୍.ଡି.ଆଶୁ ପ୍ରମୁଖ ସହଯୋଗ କରୁଛନ୍ତି । ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ସ୍ଥାନୀୟ ଶିଶୁ କଳାକାରମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଚାଲିଥିବା ବେଳେ ମେଲୋଡି କାର୍ଯ୍ୟକ୍ରମର କାର୍ଯ୍ୟସାରଣୀ ପ୍ରସ୍ତୁତ ହୋଇଛି । ଦଶହରା ଦିନ ସ୍ଥାନୀୟ ଷ୍ଟାଡିୟାମଠାରେ ରାବଣ ପୋଡି ଆୟୋଜିତ ହେବ ।

### ଗୁଣପୁର ଉତ୍ସବମୁଖର

**ଗୁଣପୁର,୬।୧୦(ଡି.ଏନ.ଏ):** ମା' ଦୁର୍ଗାଙ୍କ ପୂଜା ପାଇଁ ରାୟଗଡା ଜିଲା ଗୁଣପୁର ସହର ଉତ୍ସବମୁଖର ହୋଇପଡିଛି । ମନ୍ଦିରଠାରୁ ପୂଜା ମଣ୍ଡପ ସବୁଠାରେ ଆଧ୍ୟାତ୍ମିକତାର ବାତାବରଣ । ରବିବାର ମା'ଙ୍କ ଅଷ୍ଟମୀ ପୂଜା ଯଥାରିତି କରାଯାଇଛି। ବନ ଦୁର୍ଗା, ସାତ ଭଉଣୀ, ମାଣିକେଶ୍ୱରୀ, ମୃତ୍ୟାଲାମା, କନକ ଦୁର୍ଗା, ଦକ୍ଷିଣକାଳୀ, କାଞ୍ଚିକାମାକ୍ଷୀ ଏବଂ ଠାକୁରାଣୀ ମନ୍ଦିରରେ ମା'ଙ୍କ ପୂଜା ଯଥା ରିତି ଅନୁଷ୍ଠିତ ହୋଇଯାଇଛି । ସେହିପରି ଗୁଣପୁର ସହର ସାଉଥ୍‌କୋ, ଗାନ୍ଧୀନଗର ଏବଂ ଡମ୍ବସରା ଗ୍ରାମଠାରେ ମା'ଙ୍କ ପୂଜା ପାଳିତ ହୋଇଛି। ପୂଜା ମଣ୍ଡପଗୁଡିକୁ ସୁନ୍ଦର ଆଲୋକମାଳା ସହ ତୋରଣରେ ସଜ୍ଜିତ କରାଯାଇଛି । ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ କଳାକୁଞ୍ଜମାନ ପୂଜା ମଣ୍ଡପର ଆକର୍ଷଣ ବଢାଇଛି ।

## ବଜ୍ରକାପ୍ତା ଉଦ୍ଧାର



**ଗୁଣପୁର,୬।୧୦(ଡି.ଏନ.ଏ**

ରାୟଗଡା ଜିଲା ପଦ୍ମପୁର ବ୍ଲକ ଶରଧାପୁର ଅଞ୍ଚଳରୁ ଏକ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି । ପରେ ଏହାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଗୁଣପୁର ରେଞ୍ଜର ଅଶୋକ କୁମାର ପ୍ରଧାନଙ୍କ ସମେତ ଫରେଷ୍ଟର ନୀଳମାଧବ ପାଢୀ, ଦାମୋଦର ମିଶ୍ର ଏବଂ ପଦ୍ମପୁର ଗାର୍ଡ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ରବିବାର ଜଙ୍ଗଲରୁ ଶରଧାପୁର ଗ୍ରାମକୁ ବଜ୍ରକାପ୍ତାଟି ଆସିଯାଇଥିଲା । ଖବରପାଇ ବନ ବିଭାଗ ଅଧିକାରୀମାନେ ପହଞ୍ଚି ତାହାକୁ ଉଦ୍ଧାର କରିଥିଲେ ।

## ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ରାୟଗଡ଼ା ଅଫିସ, ୬।୧୦**

ସ୍ଥାନୀୟ ଇନ୍ଦିରା ନଗରରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁରଜିତ ଦାସ, ଗୌରୀପ୍ରସାଦ ଚୌଧୁରୀ, ଦିଲୀପ ମହାରଣା, ସତ୍ୟନାରାୟଣ ରାଉତ, ବରଳ ସନ୍ନ୍ୟାସୀ, ଗୌରୀନାଥ, ଅମରେନ୍ଦ୍ର ନାଥ ଓ ବିଷ୍ଣୁ ଶର୍ମା । ପୋଲିସ ଏନେଇ ଏକ ମାମଲା(୩୩୩/୧୯) ରୁଜୁ କରିଛି। ଆଇଆଇସି ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ରିଗାନ କିଣ୍ଡୋ ଏବଂ ମାନସ କୁମାର ସାହୁ ଏହି ଜୁଆ ଆଡ଼ଡ଼ା ଉପରେ ଚଢ଼ାଉ କରିଥିଲେ।

### ବାଲି ଉଠାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## ଟ୍ରାକ୍ଟର ରଖି ରାସ୍ତା ଅବରୋଧ


ଟ୍ରକ ମାଲିକ ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

**ରାୟଗଡ଼ା, ଅଫିସ, ୬।୧୦**

ନାଗାବଳୀ ନଦୀରୁ ବାଲି ଉଠାଣକୁ କେନ୍ଦ୍ରକରି ରବିବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପରେ ଟ୍ରାକ୍ଟର ମାଲିକମାନେ ମାଲିଙ୍ଗା ବ୍ରିଜ ଉପରେ ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ କୋତାପେଟା ଓ ମାଲିଙ୍ଗା ରାସ୍ତାଦେଇ ଯାଉଥିବା ବହୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଲାଗି ରହିଥିଲା । କୋତାପେଟା ଟ୍ରାକ୍ଟର ମାଲିକମାନେ ନାଗାବଳୀ ନଦୀର ମାଲିଙ୍ଗା ଘାଟରୁ ବାଲି ଉଠାଉଥିଲେ। ମାଲିଙ୍ଗା ଗ୍ରାମବାସୀ ଏହାର ତୀବ୍ର ବିରୋଧ କରୁଥିଲେ । ରବିବାର ଟ୍ରାକ୍ଟର ମାଲିକମାନଙ୍କୁ ଗ୍ରାମବାସୀ ବାଲି ଉଠାଇବାକୁ ଦେଇ ନ ଥିଲେ । ଫଳରେ ୨ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଏହାର ପ୍ରତିବାଦରେ କୋତାପେଟାର ଟ୍ରାକ୍ଟର ମାଲିକମାନେ ମାଲିଙ୍ଗା ବ୍ରିଜ ଉପରେ ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ଟ୍ରାକ୍ଟର ମାଲିକଙ୍କ କହିବାନୁଯାୟୀ, ସେମାନେ ଏହି ନଦୀରୁ ବାଲି ଉଠାଇବା ନେଇ ଟେଣ୍ଡର ନେଇଛନ୍ତି । ସେମାନଙ୍କ ପାଖରେ ବାଲି ଉଠାଣ ପାଇଁ ଅନୁମତି ରହିଥିବାବେଳେ ମାଲିଙ୍ଗା ଲୋକେ ଏହାକୁ ବିରୋଧ କରୁଛନ୍ତି । ଅନ୍ୟପକ୍ଷରେ ବାଲିଉଠାଣ ଯୋଗୁଁ ପାଣି ମାଡ଼ି ଆସି ନଦୀକୂଳ ଖାଉଛି। ଫଳରେ ଜମିବାଡ଼ି , ଘରଦ୍ୱାର ଓ ବ୍ରିଜ ନଷ୍ଟ ହେଉଥିବା ମାଲିଙ୍ଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଆରଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ

**ରାୟଗଡ଼ା ଅଫିସ,୬।୧୦**

ରାୟଗଡାରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ସ୍ୱୟଂ ସେବକ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ବିଦ୍ୟାନଗରସ୍ଥିତ ପଡ଼ିଆଠାରେ ପହଞ୍ଚିଥିଲେ । ପରେ ଏକ ବୈଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଶଶିଧର ପିଲାଇ ମୁଖ୍ୟଅତିଥି ଓ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତ ସେବା ପ୍ରମୁଖ ଦୀପକ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ଏକତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ସଂଘ ଚାଳକ ନନ୍ଦକିଶୋର ଚୌଧୁରୀ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟବାହ ଦିଲୀପ ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ । ନଗର କାର୍ଯ୍ୟ ବାହ ଚିତ୍ତରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ପ୍ରଚାରକ ଅଜିତ ବେହେରା, ନଗର ପ୍ରଚାରକ ଶିବାଜୀ ଦାସ , ମାଲେଶ୍ୱର ରାଓ, ଡ. ସୁନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।